# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧/୨୦୨୨ (୧୬ ପୃଷ୍ଠା) Bhubaneswar, Monday, August 1/2022 Page 16 ₹ 7.00 ★★★★★★

୪୮ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



THE PREMIUM PARAMEDICAL COLLEGE OF ODISHA



NURSING & PARAMEDICAL REGULAR COURSES along with

NEET COACHING

Only 5999* per month

BPT 4 Yrs BACHELOR IN PHYSIOTHERAPY

B.Sc. NURSING 4 Yrs

B.Sc. OPTOMERTY 4 Yrs

B.Sc. (MLT) MEDICAL LABORATORY TECHNOLOGY 3 Yrs

B.Sc. (MRT) MEDICAL RADIATION TECHNOLOGY 3 Yrs

B.Sc. (EMT) EMERGENCY MEDICINE TECHNOLOGY 3 Yrs

B.Sc. (OTT) OPERATION THEATER TECHNOLOGY 3 Yrs

OPHTHALMIC SURGERY ASSISTANT 2 Yrs

Certified OT Technicians 1 Yr

Certified DIALYSIS Technicians 1 Yr

Our Associated Institution TSG Gurukul also offer +3 Sc. (Hons.) [ Phy, Chem. Maths, Bot & Zool ]

FREE IN HOUSE TRAINING IN OWN 100 BED HOSPITAL FOR PARAMEDICAL COURSES

ଉପରୋକ୍ତ ପ୍ରତ୍ୟକ ଡିଗ୍ରୀ, ଡିପ୍ଲୋମା ପାରାମେଡିକାଲ କୋର୍ସ ନିମନ୍ତେ SC & ST ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ଷ୍ଟାଇପେଣ୍ଡର ବ୍ୟବସ୍ଥା ଅଛି ।

INFORMATION BULLETIN

## +୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ମେଡିକାଲରେ କ୍ୟାରିୟର କରିବାକୁ ଚାହୁଁଛନ୍ତି କି ? ତେବେ ଆଜିହିଁ ଆସନ୍ତୁ

## SAI SABURI NURSING & HEALTH SCIENCE COLLEGE

**ଏବେ ସ୍ୱପ୍ନ ହେବ ସାକାର୍** ସାଇ ସବୁରୀ ନର୍ସିଂ ଓ ହେଲ୍ଥ ସାଇନ୍ସ କଲେଜରେ, ଯେଉଁଠି ଡିଗ୍ରୀ କିମ୍ବା ଡିପ୍ଲୋମାରେ ପାରାମେଡିକାଲ କୋର୍ସ କରିବା ସହ ଆପଣ ଚାହିଁଲେ ବଳକା ସମୟରେ ନିଟ୍ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ, ତାହାପୁଣି ସ୍ୱଳ୍ପ ଖର୍ଚ୍ଚରେ ଓ ସମୟ ମଧ୍ୟରେ । ଯାହା ଫଳରେ କି କେବଳ କୋଚିଂ ନାଁରେ ଆପଣଙ୍କର ମୂଲ୍ୟବାନ ବର୍ଷଗୁଡିକ ନଷ୍ଟ ହେବନି ଏବଂ ଅନ୍ୟ ପକ୍ଷରେ ଅନୁଭବୀ ଓ ଦକ୍ଷ ଶିକ୍ଷକମାନଙ୍କ ଦ୍ୱାରା ନିଟ୍ (ମେଡିକାଲ) କୋଚିଂ ସହ ପାରାମେଡିକାଲ ପାଠ୍ୟକ୍ରମ ଚାଲୁରହିବ । ଯାହା ଫଳରେ କି ଆପଣଙ୍କ ଭବିଷ୍ୟତ ବି ଉଜ୍ୱଳ ରହିବ । ଆମେ ଜାଣିଛେ ମେଡିକାଲ ମାନେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟମାନଙ୍କୁ ନେଇ ଚାଲେ । କିନ୍ତୁ ଅନ୍ୟ ପକ୍ଷରେ ଏମାନଙ୍କ ବ୍ୟତୀତ ବହୁ ମେଡିକାଲ ସମ୍ବନ୍ଧୀୟ ଟେକ୍ନିକାଲ ବିଭାଗ ଅଛି ଏବଂ ଏ ସବୁ ବିଭାଗ ପାଇଁ ପାରାମେଡିକାଲରେ ଡିପ୍ଲୋମା କିମ୍ବା ଡିଗ୍ରୀ କୋର୍ସ କରିଥିବା ବ୍ୟକ୍ତିଟିଏ ହିଁ ନିତ୍ୟାନ୍ତ ଆବଶ୍ୟକ ହୋଇଥାଏ । ଏମାନଙ୍କ ବିନା ନିଦାନ/ଚିକିତ୍ସା ଅଧୁରା ହୋଇଥାଏ । ଏଣୁ ଆସନ୍ତୁ ଏଭଳି ସୁଯୋଗ ଗୋଟିଏ ଛାତତଳେ ପାଇପାରିବା । ତାହା ହେଉଛି କେବଳ ବାଳକାଟୀ ସ୍ଥିତ ସାଇ ସବୁରୀ କଲେଜ ମାଧ୍ୟମରେ, ଯେଉଁଠି ପାଠପଢା ସହ ଉଭୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପୃଥକ ହଷ୍ଟେଲସହ ସମସ୍ତ ସୁବିଧା ଓ ସୁଯୋଗ ରହିଛି ଏବଂ ପ୍ରାକ୍ଟିକାଲ ନିମନ୍ତେ ନିଜସ୍ୱ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଅଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ **ANM, DMLT** ଏବଂ **DMRT** ପାସ କରିଥିବା ଛାତ୍ରଛାତ୍ରୀ ମାନେ ସିଧାସଳଖ **Lateral Entry** ମାଧ୍ୟମରେ **BMLT** କିମ୍ବା **BMRT** କୋର୍ସ ୨ବର୍ଷ ମଧ୍ୟରେ ଶେଷକରି **Technical Graduate** ହୋଇପାରିବେ ।




OPHTHALMIC ASSISTANT

Certified EMG Technicians

Certified FIRST AID Technicians

Certified BLOOD Technicians

Certified EEG Technicians

Certified WARD Technicians

Certified NEURO Technicians

Certified ECG Technicians

All Admission shall entertained on basis of merit list followed / recommended by DMET Authorities

## SAI SABURI NURSING & HEALTH SCIENCE COLLEGE

*(Recognised by DMET, Health & Family Welfare Dept. Govt. of Odisha & Under Utkal University)*

**9337586631 / 9337531717 / 9777913020**

Puranpadhan, Panchayat Road, Balakati, Bhubaneswar · Sai Saburi Nursing & Health Science College · www.saihealthsciencecollege.in

ଭୁବନେଶ୍ୱର ରେଲୱେ ଷ୍ଟେସନ ତଥା ରାଜମହଲ ନିକଟସ୍ଥ କଳ୍ପନା ଛକରୁ ଉତ୍ତରା ଛକ ଦେଇ ପ୍ରତ୍ୟହ ୨୦ ମିନିଟ୍ ବ୍ୟବଧାନରେ "ମୋବସ (୩୪ ନଂ.)" ସେବା ସାଇ ସବୁରୀ ହସ୍ପିଟାଲ ଓ କଲେଜ କୁ ଉପଲବ୍ଧ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### କରୋନା ସଂକ୍ରମିତ ଅନ୍ୟ କାରଣରୁ ମଲେ ଏହା କୋଭିଡ୍ ମୃତ୍ୟୁ: ହାଇକୋର୍ଟ

**ପ୍ରୟାଗରାଜ,୩୧।୭(ପି.ଟି.):** ଜଣେ ବ୍ୟକ୍ତି କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ କିମ୍ବା ଶରୀରର ଅଙ୍ଗ ଅଚଳ ଅଥବା ଅନ୍ୟ ଯେକୌଣସି କାରଣରୁ ଯଦି ମୃତ୍ୟୁ ଘଟିଥାଏ, ତେବେ ତାହାକୁ କୋଭିଡ୍ ମୃତ୍ୟୁ ବିବେଚନା କରାଯିବ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୁସୁମଲତା ଯାଦବ ଓ ଅନ୍ୟମାନଙ୍କ ରିଟ୍ ପିଟିଶନଙ୍କୁ କାଏମ ରଖି ଜଷ୍ଟିସ ଏ.ଆର୍. ମାସୁଦି ଏବଂ ବିକ୍ରମ ଡି ଚୌହାନଙ୍କ ଖଣ୍ଡପୀଠ କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ଅର୍ଥ ମାସେ ମଧ୍ୟରେ ପ୍ରଦାନ କରିବା ଲାଗି ରାଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବ ହେଲେ ୯ ପ୍ରତିଶତ ସୁଧ ସହ ଅର୍ଥ ପୈଠ କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ରାୟ ଦେଲାବେଳେ କୋର୍ଟ କହିଥିଲେ, ରୋଗୀଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି ଓ ସେ କୋଭିଡ୍ ସଂକ୍ରମିତ ଥିବାର ପରୀକ୍ଷା ପ୍ରମାଣପତ୍ର ରହିଛି। ମେଡିକାଲ ରିପୋର୍ଟରେ ହୃଦ୍‌ଘାତ କିମ୍ବା ଅନ୍ୟ କିଛି ଉଲ୍ଲେଖ ଥିବାରୁ ମୃତ୍ୟୁ ପାଇଁ କୋଭିଡ୍-୧୯କୁ ଦାୟୀ କରାଯାଇପାରିବ ନାହିଁ ବୋଲି ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଅଦାଲତ ଗ୍ରହଣ କରି ନ ଥିଲେ। କୋଭିଡ୍ ଏକ ସଂକ୍ରମଣ ଯାହା ରୋଗୀର ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଆଦି ଅଙ୍ଗକୁ ପ୍ରଭାବିତ କରି ମାରିପାରେ ବୋଲି କୋର୍ଟ କହିଥିଲେ।

### ସଞ୍ଜୟ୍ ଅରୋରା ଦିଲ୍ଲୀ ପୋଲିସ କମିଶନର

**ନୂଆଦିଲ୍ଲୀ, ୩୧।୭:** ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ସଞ୍ଜୟ୍ ଅରୋରାଙ୍କୁ ରବିବାର ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି। ଗୁଜରାଟ କ୍ୟାଡରର ରାକେଶ ଅସ୍ଥାନାଙ୍କ ସ୍ଥାନରେ ସଞ୍ଜୟ୍ ଏହି ଦାୟିତ୍ୱ ଗ୍ରହଣ କରିବେ। ତାମିଲନାଡୁ କ୍ୟାଡରର ଆଇପିଏସ୍ ଅଫିସର ସଞ୍ଜୟ୍ ଏବେ ଇଣ୍ଡୋ ତିବେତାନ୍ ବର୍ଡର ପୋଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।



ଅଗଷ୍ଟ ୧ରେ ସେ ଦିଲ୍ଲୀ ପୋଲିସ କମିଶନର ଭାବେ ଯୋଗଦେବେ। ସଞ୍ଜୟ୍‌ଙ୍କ ସ୍ଥାନରେ ସଶସ୍ତ୍ର ସୀମା ବଳର ମହାନିର୍ଦ୍ଦେଶକ ଏସ୍. ଏଲ୍ ଥୋମାସ୍ ଅତିରିକ୍ତ ଭାବେ ଆଇଟିବିପି ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ଜଙ୍ଗଲଦସ୍ୟୁ ବିରାପ୍ପାନଙ୍କୁ ଧରିବା ପାଇଁ ତାମିଲନାଡୁ ପୋଲିସ ଏସ୍‌ଟିଏଫ୍‌ରେ ସାମିଲ ହୋଇଥିବା ସଞ୍ଜୟ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବୀରତ୍ୱ ମେଡାଲ ପ୍ରଦାନ କରାଯାଇଥିଲା।

### ଚଳିତ ସପ୍ତାହରେ ନାନ୍ସିଙ୍କ ଏସିଆ ଗସ୍ତ

#### ତାଇୱାନ କଥା ସ୍ପଷ୍ଟ କଲେନି

**ୱାଶିଂଟନ୍, ୩୧।୭:** ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ନେଇ ଚାଇନା ସହ ବିବାଦ ବଢ଼ିଥିବାବେଳେ ଚଳିତ ସପ୍ତାହରେ ସେ ଏସିଆ ଗସ୍ତ କରିବେ ବୋଲି ରବିବାର ସ୍ପଷ୍ଟ କରିଛନ୍ତି। ତେବେ ଏହି ଗସ୍ତସୂଚୀରେ ତାଇୱାନ କଥା ସେ ଉଠାଇନାହାନ୍ତି। ନାନ୍ସିଙ୍କ ସହ ଏକ ପ୍ରତିନିଧି ଦଳ ସିଙ୍ଗାପୁର, ମାଲେସିଆ, ଦକ୍ଷିଣ କୋରିଆ ଏବଂ ଜାପାନ ଗସ୍ତ କରି ବାଣିଜ୍ୟ କାରବାର, କୋଭିଡ୍-୧୯ ମହାମାରୀ, ଜଳବାୟୁ ପରିବର୍ତ୍ତନ, ସୁରକ୍ଷା, ଗଣତାନ୍ତ୍ରିକ ଶାସନ ଆଦି ପ୍ରସଙ୍ଗରେ ଆଲୋଚନା ହେବ ବୋଲି ନାନ୍ସି କହିଛନ୍ତି।



ନାନ୍ସି ପେଲୋସି



ରୁଷିଆର ନୌସେନା ଦିବସ ପାଳନ ଅବସରରେ ରବିବାର ସେଣ୍ଟ ପିଟର୍ସବର୍ଗରେ ଏସ୍‌ୟୁ ୨୫ ଜେଟ୍ ଯୁଦ୍ଧ ବିମାନର ସାମରିକ କୌଶଳ ପ୍ରଦର୍ଶନ।

## ପ୍ରତି ନାଗରିକ ସମ୍ବିଧାନ ଜାଣିବା ଜରୁରୀ

ନୂଆଦିଲ୍ଲୀ, ୩୧।୭

ସମ୍ବିଧାନ ସମସ୍ତଙ୍କ ପାଇଁ। ଏକ ସାମ୍ବିଧାନିକ ଗଣତନ୍ତ୍ର ସେତେବେଳେ ଅଗ୍ରଗତି କରିପାରିବ ଯେତେବେଳେ ନାଗରିକମାନେ ସେମାନଙ୍କ ସମ୍ବିଧାନ ପ୍ରଦତ୍ତ ଅଧିକାର ଏବଂ କର୍ତ୍ତବ୍ୟ ବାବଦରେ ଅବଗତ ହେବେ। କିନ୍ତୁ ଦୁଃଖର କଥା ଦେଶରେ ଅଧିକାଂଶ ଲୋକଙ୍କ ନିକଟରେ ସମ୍ବିଧାନ ବାବଦରେ କମ୍ ଜ୍ଞାନ ରହିଛି। ଏହା କେବଳ ଆଇନ ଛାତ୍ରୀଛାତ୍ର, ଓକିଲାତି କରୁଥିବା ବ୍ୟକ୍ତିବିଶେଷ ତଥା ଦେଶର ଏକ କ୍ଷୁଦ୍ର ବର୍ଗଙ୍କ ମଧ୍ୟରେ ସୀମିତ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ଅବଗତ କରାଯିବା ଉଚିତ। ସରଳ ଭାଷାରେ ଲୋକଙ୍କୁ ସମ୍ବିଧାନ ବିଷୟରେ ବୁଝାଇବା ଆବଶ୍ୟକ ବୋଲି ରବିବାର ଛତିଶଗଡ଼ର ରାୟପୁରସ୍ଥିତ ହିଦାୟାତୁଲ୍ଲା ନ୍ୟାଶନାଲ ଲ' ୟୁନିଭର୍ସିଟିରେ ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ସିଜେଆଇ ରମନା କହିଛନ୍ତି।



ଜଷ୍ଟିସ୍ ଏନ୍. ଭି. ରମନା

ଏହି ଅବସରରେ ଜଷ୍ଟିସ୍ ରମନା ଆହୁରି କହିଥିଲେ, ସାମ୍ବିଧାନିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ସୃଷ୍ଟି କରିବା ଆମ ସାମୂହିକ କର୍ତ୍ତବ୍ୟ। ଆଇନ ସାମାଜିକ ପରିବର୍ତ୍ତନର ଏକ ସାଧନ। ଆଇନ ଛାତ୍ରୀଛାତ୍ର ଏବଂ ଆଇନଜୀବୀମାନେ ସାମାଜିକ ନ୍ୟାୟର ଆଲୋକବର୍ତ୍ତିକା ହେବା ଉଚିତ। ସେମାନେ ସ୍ୱରହୀନଙ୍କ ସ୍ୱର ହୋଇ ଅସମାନତା ଦୂର କରିବାର ଯୋଗସୂତ୍ର ସ୍ଥାପନ କରିବା ଜରୁରୀ। ଏହି ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଯୁବ ପ୍ରତିଭାସମ୍ପନ୍ନ ମନ ଆବଶ୍ୟକ। ଜ୍ଞାନ ଓ ସୂଚନା ଜଣଙ୍କ ସବୁଠୁ ବଡ଼ ସମ୍ପତ୍ତି ବୋଲି ସିଜେଆଇ ପ୍ରକାଶ କରିଥିଲେ।

# ଝାଡ଼ଖଣ୍ଡ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର

## ୩ ବିଧାୟକ ଗିରଫ, କଂଗ୍ରେସରୁ ନିଲମ୍ବିତ

**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମ୍ଏମ୍-କଂଗ୍ରେସ ମେଣ୍ଟ ସରକାରକୁ ଭାଙ୍ଗିବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଛି। ଏଥିପାଇଁ କଂଗ୍ରେସ ବିଧାୟକମାନଙ୍କୁ ୧୦ କୋଟି ଟଙ୍କା ଲାଞ୍ଚ ସହ ମନ୍ତ୍ରୀପଦ ଲୋଭ ଦେଖାଇଥିବା କଂଗ୍ରେସ ପକ୍ଷରୁ ରବିବାର ଅଭିଯୋଗ ଅଣାଯାଇଛି।**

ହାୱଡ଼ା/ରାଞ୍ଚି,୩୧।୭

ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକ ଇର୍ଫାନ ଅନସାରୀ, ରାଜେଶ କଚ୍ଛପ ଏବଂ ନମନ ଭିକ୍ସେଲ କୋଙ୍ଗାରି କାର୍‌ରେ ପାଖାପାଖି ୫୦ ଲକ୍ଷ ଟଙ୍କା ନେଇ ଝାଡ଼ଖଣ୍ଡର ଜମତରାରୁ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁରକୁ ଯାଉଥିବାବେଳେ ଶନିବାର ପୋଲିସ ସେମାନଙ୍କୁ ହାୱଡ଼ା ଜିଲାରୁ ଧରିବା ସହ ଟଙ୍କା ଜବତ କରିଥିଲା। ୩ ବିଧାୟକଙ୍କ ସହ କାର୍ ଡ୍ରାଇଭର ଏବଂ ଅନ୍ୟ ଜଣେ ସହଯୋଗୀଙ୍କୁ ରବିବାର ଗିରଫ କରାଯାଇ ହାୱଡ଼ା ଜିଲା ଅଦାଲତରେ ହାଜର କରାଯାଇଛି।



ରାଜେଶ କଚ୍ଛପ



ଇର୍ଫାନ ଅନସାରୀ



ନମନ ଭିକ୍ସେଲ କୋଙ୍ଗାରି

### ୫୦ ଲକ୍ଷ ସହ ଧରାପଡ଼ିଥିଲେ

ହାୱଡ଼ା ଗ୍ରାମାଞ୍ଚଳ ପୋଲିସଠାରୁ ରାଜ୍ୟ ସିଆଇଡି ଘଟଣାର ତଦନ୍ତ ଦାୟିତ୍ୱ ନେଇଛି।

ଇତିମଧ୍ୟରେ କଂଗ୍ରେସ ୩ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି। କୌଣସି ଦଳ ବିରୋଧୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଝାଡ଼ଖଣ୍ଡ ବ୍ୟାପାର ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ କହିଛନ୍ତି। ଜାମତରା ବିଧାୟକ ଇର୍ଫାନ୍ ଅନସାରୀଙ୍କ ଭାଇ ଇମ୍ରାନ୍ କହିଛନ୍ତି, ପ୍ରତିବର୍ଷ ବିଧାୟକ ଆଦିବାସୀଙ୍କ ପାଇଁ ଉପହାର କିଣିଥାନ୍ତି। ଏଥର ସେ ସେମାନଙ୍କ ପାଇଁ ଶାଢ଼ି କିଣିବା ନିମନ୍ତେ କୋଲକାତାର ବଡ଼ ବଜାର ଯାଉଥିଲେ। ଭାଇଙ୍କୁ ଫସାଇ ଦିଆଯାଇଛି ବୋଲି ଇମ୍ରାନ ଅଭିଯୋଗ କରିଛନ୍ତି।

ତେବେ ଏତେ ପରିମାଣର ଅର୍ଥ ସାଙ୍ଗରେ ନେଇ ଯିବାର କାରଣ ବିଧାୟକମାନେ ଦର୍ଶାଇ ପାରି ନ ଥିଲେ ବୋଲି ପୋଲିସ କହିଛି। ସେମାନଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର ସମେତ ଆଇପିସିର ବିଭିନ୍ନ ଧାରା ଏବଂ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଭାଜପା ଝାଡ଼ଖଣ୍ଡ ସରକାର ଭାଙ୍ଗିବା ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଅଭିଯୋଗ କରିଛି।

### ଯଚାଯାଇଥିଲା ୧୦ କୋଟି, ମନ୍ତ୍ରୀପଦ

ଝାଡ଼ଖଣ୍ଡରେ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ସରକାର ଭାଙ୍ଗିବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ରବିବାର ଅଭିଯୋଗ କରିଛି। ପଶ୍ଚିମବଙ୍ଗରେ ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକ ବିପୁଳ ଟଙ୍କା ସହ ଧରାପଡ଼ିବା ପରେ ଦଳ ପକ୍ଷରୁ ଏହା କୁହାଯାଇଛି। ରାଞ୍ଚିରେ ଏକ ଖବରଦାତା ସମ୍ମିଳନୀ କରି କଂଗ୍ରେସ ମନ୍ତ୍ରୀ ଆଲାମଗିର ଆଲାମ କହିଛନ୍ତି, ସରକାର ଭାଙ୍ଗିବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ କଂଗ୍ରେସର କେତେଜଣ ବିଧାୟକଙ୍କୁ ୧୦ କୋଟି ଲେଖାଏଁ ଟଙ୍କା ଯଚାଯିବା ସହ ଭାଜପା ସରକାର ଗଢ଼ିଲେ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଇଥିଲା।



ଆଲାମଗିର ଆଲାମ

ହାୱଡ଼ାରେ ଗିରଫ ହୋଇଥିବା ୩ କଂଗ୍ରେସ ବିଧାୟକ ଇର୍ଫାନ ଅନସାରୀ, ରାଜେଶ କଚ୍ଛପ ଏବଂ ନମନ ଭିକ୍ସେଲ କୋଙ୍ଗାରି ଦଳର ଅନ୍ୟ ବିଧାୟକମାନଙ୍କୁ ଟଙ୍କା ଯାଚି ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବାବେଳେ ବେର୍ମୋ ବିଧାୟକ କୁମାର ଜୟମଙ୍ଗଳ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ସୂଚନା ପାଇଁ ପଶ୍ଚିମବଙ୍ଗ ପୋଲିସ ଶନିବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକଙ୍କ ଏସ୍‌ୟୁଭିକୁ ପିଛା କରି ସେମାନଙ୍କୁ ଧରିଥିଲା। କୁମାର ଜୟମଙ୍ଗଳ କହିଛନ୍ତି, ତାଙ୍କୁ କୋଲକାତା ଆସିବାକୁ ରାଜେଶ ଏବଂ ନମନ କହିବା ସହ ଟଙ୍କା ଯାଚିଥିଲେ। ଇର୍ଫାନ୍ ଏବଂ ରାଜେଶ ତାଙ୍କୁ କୋଲକାତାରୁ ଗୁଆହାଟୀ ନେଇଥାନ୍ତେ। ସେଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ବୈଠକ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ବୋଲି ଜୟମଙ୍ଗଳ ଅଭିଯୋଗ କରିଛନ୍ତି। ସେ ୩ ବିଧାୟକଙ୍କ ନାମରେ ଆର୍ଗୋରା ଥାନାରେ ଏତଲା ଦେବା ସହ ସେମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଓ ଆଇପିସିର ଧାରା ୧୨୦ରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ପ୍ରୋଫାଇଲ ଫଟୋରେ ତ୍ରିରଙ୍ଗା ରଖ: ମୋଦି

ନୂଆଦିଲ୍ଲୀ,୩୧।୭

ଆଗକୁ ସ୍ୱାଧୀନତା ଦିବସ ଥିବାବେଳେ ଦେଶବାସୀ ଅଗଷ୍ଟ ୨ରୁ ୧୫ ମଧ୍ୟରେ ସେମାନଙ୍କ ସୋସିଆଲ ମିଡିଆ ପ୍ରୋଫାଇଲରେ ଜାତୀୟ ପତାକା ତ୍ରିରଙ୍ଗାକୁ ଡିସ୍‌ପ୍ଲେ ପିକ୍ଚର ଭାବେ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ରବିବାର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ କହିଥିଲେ, ଅଗଷ୍ଟ ୧୩ରୁ ୧୫ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଅଭିଯାନ ଆୟୋଜିତ ହେବ। ସ୍ୱାଧୀନତାର ୭୫ ବର୍ଷ ଅବସରରେ ପାଳିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବର ଏହା ଏକ ଅଂଶ।



ଜାତୀୟ ପତାକାର ଡିଜାଇନ କରିଥିବା ପିଙ୍ଗଳି ଭେଙ୍କାୟାଙ୍କ ଜନ୍ମବାର୍ଷିକୀ ଅଗଷ୍ଟ ୨ରୁ ସୋସିଆଲ ମିଡିଆ ପ୍ରୋଫାଇଲ ଫଟୋ ବଦଳାଇବା କାର୍ଯ୍ୟ ଆରମ୍ଭ କରିବାକୁ ଧାର୍ଯ୍ୟ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ହର୍ ଘର ତିରଙ୍ଗା ଅଭିଯାନରେ ପଲିଷ୍ଟର, ସୂତା, ରେଶମ, ସିଲ୍କ, ଖଦିରେ ପ୍ରସ୍ତୁତ ଜାତୀୟ ପତାକା ବ୍ୟବହାର କରାଯାଇପାରିବ। ୩ ଦିନ ପାଇଁ ୨୦ କୋଟିରୁ ଊର୍ଦ୍ଧ୍ୱ ଜାତୀୟ ପତାକା ଘର ଉପରେ ଉଡ଼ାଇବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଭାରତ ଖେଳନା ଉତ୍ପାଦନର କେନ୍ଦ୍ରସ୍ଥଳ ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବରୁ ବିଦେଶରୁ ୩ ହଜାର କୋଟି ଟଙ୍କାର ଖେଳନା ଆମଦାନି ହେଉଥିବାବେଳେ ଏହା ୭୦ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଭାରତ ୨୬୦୦ କୋଟି ଟଙ୍କାର ଖେଳନା ରପ୍ତାନି କରୁଛି ବୋଲି ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ କହିଛନ୍ତି।

## ଆଇଏସ୍ ଲିଙ୍କ୍: ୬ ରାଜ୍ୟରେ ଏନ୍ଆଇଏ ଚଢ଼ାଉ

ନୂଆଦିଲ୍ଲୀ,୩୧।୭(ପି.ଟି.)

ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ସହ ସମ୍ପୃକ୍ତିକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ରବିବାର ମଧ୍ୟପ୍ରଦେଶ, ଗୁଜରାଟ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର ୧୩ଟି ସ୍ଥାନରେ ଚଢ଼ାଉ କରିଛି। ମଧ୍ୟପ୍ରଦେଶର ଭୋପାଳ ଏବଂ ରାଇସେନ ଜିଲା, ଗୁଜରାଟର ଭରୁଚ, ସୁରଟ, ନଭସାରି ଓ ଅହମଦାବାଦ ଜିଲା, ବିହାରର ଅରାରିଆ, କର୍ଣ୍ଣାଟକର ଭଟକଲ ଓ ଟୁମକୁର, ମହାରାଷ୍ଟ୍ରର କୋହ୍ଲାପୁର ଓ ନାଣ୍ଡେଡ୍ ଏବଂ ଉତ୍ତରାଖଣ୍ଡର ଦେଓବନ୍ଦ ଜିଲାରେ ଚଢ଼ାଉ ବେଳେ କେତେକ ଆପରାଧିକ ଦସ୍ତାବିଜ ଜବତ ହୋଇଛି।

## ଭାରତରେ ପ୍ରଥମ ମଙ୍କିପକ୍ସ ମୃତ୍ୟୁ

### ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ

ପଥନମ୍‌ଥିଟ୍ଟା,୩୧।୭

କେରଳରେ ମଙ୍କିପକ୍ସ ଲକ୍ଷଣ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହା ଭାରତରେ ପ୍ରଥମ ଏବଂ ଆଫ୍ରିକା ବାହାରେ ୪ର୍ଥ ମଙ୍କିପକ୍ସ ମୃତ୍ୟୁ। ଗତ ୨୨ ତାରିଖରେ ୟୁଏଇରୁ ଫେରିଥିବା ଏହି ଯୁବକଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଥିବାରୁ ସେ ଥ୍ରିଶୂରରେ ଚିକିତ୍ସିତ ହେବାକୁ ଚାହିଁଥିଲେ। ସେ ବିଦେଶରେ ମଙ୍କିପକ୍ସ ପଜିଟିଭ୍ ଚିହ୍ନଟ ହୋଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ ତାଙ୍କ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସାରେ କ'ଣ ପାଇଁ ବିଳମ୍ବ ହେଲା ତାହାର ତଦନ୍ତ ହେବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ଆଇସୋଲେଶନରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ଭାରତରେ ବର୍ତ୍ତମାନ ସୁଦ୍ଧା ୪ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। ୭୮ ଦେଶକୁ ଏହି ରୋଗ ବ୍ୟାପିଥିବାବେଳେ ୧୮,୦୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି।

## ଭାରତ ମହାସାଗରରେ ଖସିଲା ଚାଇନା ରକେଟ ଭଗ୍ନାଂଶ

ୱାଶିଂଟନ୍, ୩୧।୭

ଚାଇନା ଗତ ସପ୍ତାହରେ ମହାକାଶକୁ ଛାଡ଼ିଥିବା 'ଲଙ୍ଗ୍ ମାର୍ଚ ୫ବି'(ସିଜେଡ୍-୫ବି) ରକେଟର ଭଗ୍ନାବଶେଷ ଶନିବାର ବିଳମ୍ବିତ ରାତିରେ ଭାରତ ମହାସାଗରରେ ଖସିଛି। ଏହି ସ୍ପେସ୍ ଆବର୍ଜନାର ଓଜନ ପ୍ରାୟ ୨୫ ଟନ୍ ହେବ। ଆମେରିକା ସ୍ପେସ୍ ଏଜେନ୍ସି ନାସା ଏବଂ ଚାଇନା ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ରକେଟ ଭଗ୍ନାଂଶର ଅଧିକାଂଶ ଭାଗ ବାୟୁମଣ୍ଡଳରେ ହିଁ ଜଳିଯାଇଥିଲା। ପରେ ତାହା ଫିଲିପାଇନ୍ସରେ ସମୁଦ୍ର ମଧ୍ୟକୁ ଖସିଥିଲା। ମାଲେସିଆ ଆକାଶରେ ରକେଟ ଭଗ୍ନାବଶେଷ ଜଳୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଚାଇନା ପକ୍ଷରୁ ଆଗୁଆ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା ବୋଲି ନାସା ଆଡମିନିଷ୍ଟ୍ରେଟର ବିଲ୍ ନେଲସନ୍ ବେଜିଂକୁ ସମାଲୋଚନା କରିଛନ୍ତି। ଏପରି ହେଲେ ସତର୍କତାମୂଳକ ପଦକ୍ଷେପ ଅଭାବରୁ ମହାକାଶୀୟ ଆବର୍ଜନା ପୃଥିବୀ ପୃଷ୍ଠରେ ଖସି ଧନଜୀବନ ନଷ୍ଟ କରିବାର ଆଶଙ୍କା ବଢ଼ିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଚାଇନା ନିଜ ମହତ୍ତ୍ୱାକାଂକ୍ଷୀ ମହାକାଶ ଅଭିଯାନ ଭାବେ ସ୍ପେସ୍‌ରେ ତିଆଙ୍ଗଓଙ୍ଗ୍ ଷ୍ଟେଶନ ନିର୍ମାଣ କରୁଛି। ଏକ ଲାବୋରେଟୋରି ମଡ୍ୟୁଲକୁ ଉକ୍ତ ସ୍ପେସ୍ ଷ୍ଟେଶନକୁ ପଠାଇବା ପାଇଁ ଚାଇନା ଗତ ସପ୍ତାହରେ ଲଙ୍ଗ୍ ମାର୍ଚ୍ଚ ୫ବି ରକେଟ ଉତ୍‌କ୍ଷେପଣ କରିଥିଲା।



## ଲାଡେନଙ୍କ ଦାନ ଗ୍ରହଣ କରିଛନ୍ତି ଚାର୍ଲ୍ସ

ଲଣ୍ଡନ, ୩୧।୭

ବ୍ରିଟେନ ପ୍ରିନ୍ସ ଚାର୍ଲ୍ସ ଆମେରିକାରେ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କ ଠାରୁ ଦାନ ଅର୍ଥ ଗ୍ରହଣ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଅଲ୍-କାଏଦା ସଙ୍ଗଠନର ଏହି ନିହତ ଆତଙ୍କବାଦୀଙ୍କ ପରିବାର ୨୦୧୩ରେ ଚାର୍ଲ୍ସଙ୍କ ଏକ ଦାତବ୍ୟ ସଂସ୍ଥାକୁ ପ୍ରାୟ ୧.୧୯ ନିୟୁତ ଡଲାର ଦେଇଥିଲେ। ଏପରି କି ୭୩ ବର୍ଷୀୟ ଚାର୍ଲ୍ସ ଅଲ୍-କାଏଦା ପ୍ରତିଷ୍ଠାତା ଲାଡେନ୍‌ଙ୍କ ସାବତ ଭାଇ ବକର(୭୬)ଙ୍କୁ ଲଣ୍ଡନରେ ଭେଟି ତାଙ୍କଠାରୁ ଏହି ଦାନ ଗ୍ରହଣ କରିବା ପାଇଁ ରାଜି ହୋଇଥିଲେ ବୋଲି ସନ୍‌ଡେ ଟାଇମ୍ସରେ ପ୍ରକାଶିତ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ କୌଣସି ମନ୍ଦ ଉଦ୍ଦେଶ୍ୟରେ ଲାଡେନ୍‌ଙ୍କ ପରିବାର ଅର୍ଥ ଦାନ କରିଥିଲେ କି ନା ସେ ସମ୍ପର୍କରେ ରିପୋର୍ଟରେ ଦର୍ଶାଯାଇନାହିଁ।



ପ୍ରିନ୍ସ ଚାର୍ଲ୍ସ



ଓସାମା ବିନ୍ ଲାଡେନ୍

ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଚାର୍ଲ୍ସଙ୍କ କେତେଜଣ ବରିଷ୍ଠ ପରାମର୍ଶଦାତା ଉକ୍ତ ଦାନଅର୍ଥକୁ ଫେରାଇ ଦେବା ପାଇଁ ତାଙ୍କୁ କହିଥିଲେ। ହେଲେ ଏହା ପ୍ରିନ୍ସଙ୍କ ବ୍ୟକ୍ତିଗତ ନିଷ୍ପତ୍ତି କହି ଚାର୍ଲ୍ସଙ୍କ ହାଉସ୍ ଅଫିସ୍ ଏହି ପରାମର୍ଶ ଗ୍ରହଣ କରିବାକୁ ମନା କରିଥିଲା। ପ୍ରିନ୍ସ ଅଫ୍ ୱେଲ୍ସ ଚାରିଟେବୁଲ ଫଣ୍ଡ (ପିଡବ୍ଲ୍ୟୁସିଏଫ୍) ଅଧ୍ୟକ୍ଷ ଇଆନ୍ ଚେଶିରେ କହିଛନ୍ତି, ସେତେବେଳେ ୫ ଟ୍ରଷ୍ଟି ସଦସ୍ୟ ଏହି ଡୋନେଶନ ରଖିବାକୁ ସହମତ ହୋଇଥିଲେ। ଚାର୍ଲ୍ସଙ୍କ ଆଉ ଏକ ଦାତବ୍ୟ ସଂସ୍ଥା ଜଣେ ସାଉଦି ବ୍ୟବସାୟୀଙ୍କୁ 'ସମ୍ମାନ ପାଇଁ ଟଙ୍କା' ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଗତ ଫେବୃୟାରୀରୁ ବ୍ରିଟିଶ ପୋଲିସ ଏହାର ତଦନ୍ତ କରୁଛି। ଏ ନେଇ ଉକ୍ତ ଦାତବ୍ୟ ସଂସ୍ଥା ପ୍ରିନ୍ସ ଫାଉଣ୍ଡେଶନର ମୁଖ୍ୟ ଗତବର୍ଷ ଇସ୍ତଫା ଦେଇଥିଲେ।

### ପ୍ରିନ୍ସଙ୍କ ଦାତବ୍ୟ ସଂସ୍ଥାକୁ ୧.୧୯ ନିୟୁତ ଡଲାର ଦେଇଛନ୍ତି ଓସାମାଙ୍କ ପରିବାର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧/୨୦୨୨ | Bhubaneswar, Monday, August 1/2022





## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୧୮,୯୬,୨୨୧ | ୬୪,୧୯,୩୩୫ | ୫୫,୧୮,୭୯,୧୨୧ |
| ଭାରତ | ୪,୪୦,୧୯,୮୧୧ | ୫,୨୬,୩୫୭ | ୪,୩୩,୪୯,୭୭୮ |
| ଓଡ଼ିଶା | ୧୩,୧୩,୧୪୫ | ୯୧୪୦(+୫୩) | ୧୨,୯୮,୦୧୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନିଅାଁ ମାଆ;**
**କାଟିବାକୁ ଦିଏ ଦାଆ,**
**ଯହସତ କରି ଖରାବେଳେ କହେ**
**ବେଣା କାଟି ଯାଆ।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ସାବତ ମା' କେବେ ଜନ୍ମଦାତ୍ରୀ ମା ପରି ହୋଇପାରି ନ ଥାଏ। କେବେ ବି ସେ ଜନ୍ମକଲା ମା' ପରି ପିଲା ମନର ଭାବ, ଆବେଗ ବୁଝିପାରି ନ ଥାଏ। ଅନେକ ସମୟରେ ଏଭଳି ମା' ଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପଟ ବଚନ ପିତା ତିଅଣ ଲୋ**
**ପାସୋର ନ ଯାଏ ମନୁ**
**ଦିନ ଦିନ କଥା ମନରେ ପଡ଼ିଲେ**
**ଘାରି ହେଉଥାଏ ତନୁ।**

କପଟ ବଚନ ମନକୁ ଭାରାକ୍ରାନ୍ତ କରିଥାଏ। କପଟ ବଚନ ଦ୍ୱାରା ଆଘାତପ୍ରାପ୍ତ ତନୁମନ ବହୁକାଳ ଧରି ଅବିସ୍ମୃତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଆଜିର ମନ୍ତବ୍ୟ

"ମହିଳାଙ୍କୁ ସଶକ୍ତ କରିବାକୁ ହେଲେ କାର୍ଯ୍ୟସ୍ଥଳରେ ସେମାନଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ବାତାବରଣ ସୃଷ୍ଟିକରି ସମାନ ସୁଯୋଗ ପ୍ରଦାନ କରାଯିବା ଜରୁରୀ।

-ଭୂପେନ୍ଦ୍ର ଯାଦବ, କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

### ଅପରାହ୍ଣ ୪ରୁ ରାତି ୮ ପର୍ଯ୍ୟନ୍ତ ଦର୍ଶନ ବନ୍ଦ

ପୁରୀ ଅଫିସ ୩୧।୭

ଶ୍ରାବଣ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ଅପରାହ୍ଣ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ସୋମବାର ମଧ୍ୟାହ୍ନ ଧୂପ ସହ ଦ୍ୱିତୀୟ ଭୋଗମଣ୍ଡପ ଓ ମଇଲମ ନୀତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସାରି ଦଇତାପତିମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ଓ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସହ ରାତ୍ର ପହୁଡ଼ ନୀତି ସମ୍ପନ୍ନ ହେବ। ପରମ୍ପରା ଅନୁଯାୟୀ, ଖସାପଡ଼ା ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଛନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇ ଦେଇଛନ୍ତି। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ଗୁପ୍ତନୀତି ସମ୍ପାଦନ କରିବେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବିରୋଧୀ ଦଳ ନେତା

■ **ସରକାରଙ୍କ କର୍ତ୍ତୃତ୍ୱରୁ ମନ୍ଦିରଗୁଡ଼ିକ ମୁକ୍ତ ହେଉ : ଜୟନାରାୟଣ**

ପୁରୀ ଅଫିସ, ୩୧।୭


ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିସାରି ଫେରୁଛନ୍ତି।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରବିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଜୟନାରାୟଣ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଭିତର ବେଢ଼ା ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିବା ସହ ରାଜ୍ୟରୁ କୁଶାସନ ଅନ୍ତ ହେଉ ଏବଂ କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ରାଜ୍ୟ ଶାସନର ଡବଲ ଇଞ୍ଜିନ ଆସୁ ବୋଲି ପ୍ରାର୍ଥନା କରିଥିବା ଜୟନାରାୟଣ କହିଛନ୍ତି। ସେହିଭଳି ଅଗଷ୍ଟ ୨ତାରିଖରେ ବିଧାନସଭାର ଏକ ପ୍ରତିନିଧିମଣ୍ଡଳୀ ଦିଲ୍ଲୀ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ରାଜ୍ୟରେ ଚାଷୀ ଓ ଦାଦନ ସମସ୍ୟା, ଯୁବକଙ୍କୁ ସ୍ଥାନୀୟ ନିଯୁକ୍ତି, ଶ୍ରମିକ ଏବଂ କାରିଗରଙ୍କ ସମସ୍ୟା ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ସେ କହିଛନ୍ତି। ବିରୋଧୀ ଦଳ ରାଜ୍ୟ ସରକାରଙ୍କ ଜନସ୍ୱାର୍ଥକୁ ସମର୍ଥନ ଦେବା ସହ ଜନ ବିରୋଧୀ କାର୍ଯ୍ୟକୁ ବିଧାନସଭାରେ ସମାଲୋଚନା କରିବ ବୋଲି ଜୟନାରାୟଣ କହିଛନ୍ତି। ଶ୍ରୀମନ୍ଦିର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗ ସହ ଭିତର ରତ୍ନଭଣ୍ଡାର ଖୋଲିବା ଦାବି ସେ ବିଧାନସଭାରେ ଉଠାଇବେ ବୋଲି ଜୟନାରାୟଣ କହିଛନ୍ତି। ସେହିପରି ମନ୍ଦିରଗୁଡ଼ିକ ସରକାରଙ୍କ କର୍ତ୍ତୃତ୍ୱରୁ ମୁକ୍ତ ହେଉ ଏବଂ ବୋର୍ଡ ଗଠନ କରାଯାଇ ମନ୍ଦିର ରକ୍ଷଣାବେକ୍ଷଣ କରାଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଗସ୍ତ ଅବସରରେ ତାଙ୍କ ସହ ବିଧାୟିକା କୁସୁମ ଟେଟେ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ଦାସଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଆଜିଠୁ ୬,୮୯୧ ନବନିଯୁକ୍ତ ଶିକ୍ଷକଙ୍କୁ ମିଳିବ ପ୍ରଶିକ୍ଷଣ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ରାଜ୍ୟ ସରକାର ୬,୮୯୧ ମାଧ୍ୟମିକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଉକ୍ତ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ଲାଗି ଏକ ୨ ଦିନିଆ ଶିବିର ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ସୋମବାର ଅପରାହ୍ଣ ୫ଟା ୧୦ ମିନିଟ୍‌ରେ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଆସିବା ଲାଗି ବସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପରିକି ସରକାରଙ୍କ ତରଫରୁ ସେମାନଙ୍କ ରହଣୀ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ କେତେଜଣଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିବେ। ଏହାପରେ ନୂତନ ଭାବେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ସେମାନଙ୍କ ଆଗାମୀ ଯୋଜନା ବିଷୟରେ କହିବାକୁ ସୁଯୋଗ ଦିଆଯିବ। ଏହାସହ ପିଲାମାନଙ୍କୁ ପାଠ ପଢ଼ାଇବା କ୍ଷେତ୍ରରେ ୫-ଟି ସ୍କୁଲରେ ଯେଉଁସବୁ ବ୍ୟବସ୍ଥା ହୋଇଛି ତା'ର ଉପଯୁକ୍ତ ବ୍ୟବହାର ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡିଛି।

# ନିଶା ବେପାରୀ ଜାମସେଦଙ୍କ ୧.୩୨ କୋଟିର ସମ୍ପତ୍ତି ବାଜ୍ୟାପ୍ତି ହେବ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ନିଶା ବେପାର କରି ୬ ମାସ ମଧ୍ୟରେ ବହୁ କୋଟିର ସମ୍ପତ୍ତି ଠୁଳ କରିଥିଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ହଳଦୀପଡିଆ ବସ୍ତିର ଏସ୍‌କେ ଜାମସେଦ। ସେ ଏବେ ଜେଲରେ ଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଜବତ କରିଥିବା ତାଙ୍କର ୧ କୋଟି ୩୨ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ। ଏଥିରେ ରହିଛି ତିନି ମହଲା ବିଲ୍ଡିଂ ସହ ଏକାଧିକ ପ୍ଲଟ। ଉକ୍ତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଅର୍ଥମନ୍ତ୍ରଣାଳୟ ରାଜସ୍ୱ ବିଭାଗର କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କଠାରୁ ଏସ୍‌ଟିଏଫ ଅନୁମତି ଲୋଡିଥିଲା। ଏବେ ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ୨୦ ଫେବୃୟାରୀରେ ରାଜଧାନୀ ଉପକଣ୍ଠ ପାହାଳ ନିକଟରେ ଶିବୁ ଓ ଜାମସେଦ ବ୍ରାଉନସୁଗାର ନେଇ ଯାଉଥିବାବେଳେ ଏସ୍‌ଟିଏଫ ଚଢାଉ କରିଥିଲା। ତେବେ ଘଟଣାସ୍ଥଳରେ ଶିବୁ ଧରାପଡିଥିବାବେଳେ ଫେରାର ହୋଇଥିଲେ ଜାମସେଦ। ତେବେ ଏସ୍‌ଟିଏଫ୍ ଶିବୁଙ୍କ ନିକଟରୁ ୧ କେଜି ୨୨୭ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଏସ୍‌ଟିଏଫ ଏକ ମାମଲା (ନଂ. ୫/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଜାମସେଦଙ୍କୁ ଧରିବା ଲାଗି ଏସ୍‌ଟିଏଫ ବିଭିନ୍ନ ସ୍ଥାନରେ ଚଢାଉ କରି ଏପ୍ରିଲ ୨୨ରେ ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ତାଙ୍କ ବିରୋଧରେ ବାଲିଅନ୍ତା ଓ କଟକ ଲାଲବାଗ ଥାନାରେ ଏନ୍‌ଡିପିଏସ୍ ମାମଲା ରହିଥିଲା। ନିଶା କାରବାର କରି ଜାମସେଦ ଝାରପଡା ଅଞ୍ଚଳରେ ୩ ମହଲା କୋଠା ସହ ବହୁ କୋଟିର ସମ୍ପତ୍ତି ଅର୍ଜନ କରିଥିବା ଜଣାପଡିଥିଲା।

# ହସ୍ପିଟାଲରୁ ଚିକିତ୍ସାଧୀନ କଏଦୀ ଫେରାର

### ଜେଲ୍ ୱାର୍ଡର ନିଲମ୍ବିତ, ୨ଜଣଙ୍କୁ କାରଣଦର୍ଶାଅ ନୋଟିସ୍

ଝାରସୁଗୁଡ଼ା ଅଫିସ,୩୧।୭


ଫେରାର କଏଦୀ ଇନ୍ଦ୍ରଜିତ ସାହାଣୀ।

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ କଏଦୀ ଶନିବାର ବିଳମ୍ବିତ ରାତିରେ ଜେଲ ୱାର୍ଡରଙ୍କୁ ଚକ୍‌ମା ଦେଖାଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ସେ ହେଲେ ବିହାର ରାଜ୍ୟ ମାଧୋପୁର ଥାନା ବୋଥନା ଗ୍ରାମର ଇନ୍ଦ୍ରଜିତ ସାହାଣୀ(୨୫)। ଏହା ଜଣାପଡିବା ପରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝି ଝାରସୁଗୁଡ଼ା ଟାଉନ ଥାନାରେ ଇନ୍ଦ୍ରଜିତଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୩୬/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ମାଝି ହସ୍ପିଟାଲରେ କଏଦୀଙ୍କୁ ଜଗିରହିଥିବା ଜେଲ ୱାର୍ଡର କିଶୋର କୁମାର ଯୋଶୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିପରି ଏହି ଦାୟିତ୍ୱରେ ଥିବା ଅନ୍ୟ ୨ଜଣ ୱାର୍ଡର ରାଜେଶ କୁଲୁ ଓ ସନ୍ତୋଷ ମିଞ୍ଜଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଫେରାର କଏଦୀଙ୍କୁ ଧରିବା ପାଇଁ ଜେଲ କର୍ତ୍ତୃପକ୍ଷ ଓ ପୋଲିସ ତରଫରୁ ତନାଘନା ଚାଲିଥିବା ସୁପରିଣ୍ଟେଣ୍ଡେଣ୍ଟ ମାଝି କହିଛନ୍ତି। ସୂଚନାଯୋଗ୍ୟ ବ୍ରଜରାଜନଗରରୁ ଏକ ଟ୍ରକ୍ ଚୋରି ଅଭିଯୋଗରେ ଓରିଏଣ୍ଟ ଥାନା ପୋଲିସ ଇନ୍ଦ୍ରଜିତଙ୍କୁ ଗିରଫ କରି ଗତ ୨୬ତାରିଖରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ହାଜର ହେବା ପରେ ମାଜିଷ୍ଟ୍ରେଟ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ। ଝାରସୁଗୁଡ଼ା ସବ୍‌ଜେଲରେ ସେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଗତ ୨୭ତାରିଖରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଅସୁସ୍ଥ ହୋଇପଡିଥିଲେ। ପରେ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ତାଙ୍କର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ବାରିପଦା ଅଫିସ,୩୧।୭

ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସୁମୀ ବ୍ଲକ ବାଦାମପାହାଡ଼ ଥାନା ଅଧୀନ ବଣପୋଖରିଆ ଗ୍ରାମର ବାଜ ହେମ୍ବ୍ରମ(୩୪)। ସେ ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଭାବେ ଚଳିତମାସ ୧ତାରିଖରୁ ବାରିପଦା ଭଞ୍ଜପୁରସ୍ଥିତ ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଥିଲେ। ଶନିବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦୭/୨୨) ରୁଜୁ କରି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଓ ମଙ୍ଗଳଜନିତ ଲକ୍ଷ୍ମୀଯୋଗ ଯୋଗୁ ଅର୍ଥ, ଜମିଜମା ଲାଭ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ଅଟକିଥିବା କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ଏବଂ ଯାତ୍ରା, ଆଲୋଚନା କ୍ଷେତ୍ର ମଧ୍ୟ ଭଲ ରହିବ।

**ବୃଷ** ରାଶ୍ୟାଧିପ ତୃତୀୟରେ ରହି ଆପଣଙ୍କୁ ସେବା, ପରୋପକାର, ସଙ୍ଗୀତାଦି କ୍ଷେତ୍ରରେ ଲୋକପ୍ରିୟ କରାଇବେ। ବୃଥା ଖର୍ଚ୍ଚାନ୍ତ ସାଙ୍ଗକୁ ଭୁଲ୍ ଧାରଣାଜନିତ ନିନ୍ଦା ଶୁଣିପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ ଓ ରାଜନୈତିକ କ୍ଷେତ୍ର ସମସ୍ୟାବହୁଳ ରହିବ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟସାଧନ କରିବା ପାଇଁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମାଜିକ ସ୍ତରରେ ତଥା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** ରବିଙ୍କ ପ୍ରତି ଶନିଙ୍କ ଦୃଷ୍ଟି ପିତା କିମ୍ବା ଶ୍ୱଶୁରଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ନିଜ ଲୋକ ଜଣେ ସମସ୍ୟା ସୃଷ୍ଟି କରିପାରନ୍ତି। ଦକ୍ଷତାଜନିତ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବାର ସୁଯୋଗ ଜୁଟିପାରେ।

**ସିଂହ** ଚନ୍ଦ୍ର ଓ ବୁଧଙ୍କ ସଂଯୋଗରୁ ଆଜି ଯେତିକି ପାଇବେ ତାହାର ଦୁଇଗୁଣ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିବଶତଃ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ବୃହସ୍ପତିଙ୍କ ଶୁଭଦୃଷ୍ଟି ଆପଣଙ୍କୁ ଆରୋଗ୍ୟଲାଭ, ପାରିବାରିକ ଶାନ୍ତି ଏବଂ ବ୍ୟବସାୟିକ ସଫଳତା ମିଳିବ। କର୍ମଜଞ୍ଜାଳ ବୃଦ୍ଧିଜନିତ ଆପଣ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବିବାଦୀୟ ଘଟଣାରୁ ଦୂରେଇ ରହିବା ପ୍ରାୟତଃ ଭଲ ହେବ। ଆକସ୍ମିକ ଭାବରେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ ।

**ତୁଳା** ରାଶିରେ କେତୁ ମୂଲ୍ୟହୀନ କଥାରେ ବିଭ୍ରାନ୍ତ କରାଇ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କୁ ସମସ୍ତ ସୌଭାଗ୍ୟର ମାର୍ଗଦର୍ଶନ କରାଇବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଆଜି ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ।

**ବିଛା** ଧନସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ହେତୁ ଅର୍ଥଲାଭ, ମନୋରଞ୍ଜନର ମଉକା, କଳା ସାହିତ୍ୟରେ ଅଭିରୁଚି ପ୍ରଦାନ କରିବ। କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ସଫଳତା ହାସଲ କରିବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି। ପେଟଗୋଳମାଳ, ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ବୃହସ୍ପତି ଓ ଶନିଙ୍କ ସ୍ଥିତି ଆପଣଙ୍କୁ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବ। ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ିପାରିବେ। ବ୍ୟବସାୟିକ ସ୍ତରରେ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ଆଜିର ଯାତ୍ରା, ନିର୍ମାଣ, ପ୍ରକାଶନ, ପ୍ରଶାସନ ତଥା ରାଜନୈତିକ ସ୍ଥିତି ଉନ୍ନତମାନର ରହିବ।

**ମକର** ଆଜିର ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ଏକଜିଦିଆ ମନୋବୃତ୍ତିରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିବ। ସ୍ୱାମୀ/ସ୍ତ୍ରୀରେ ବୁଝାମଣାର ଅଭାବଜନିତ ମନର ଅମେଳ ରହିପାରେ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅବଶ୍ୟ ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇପାରିବ ।

**କୁମ୍ଭ** ଆପଣଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅଭିବ୍ୟକ୍ତି ପରକୁ ଆପଣାର କରିବାରେ ସାହାଯ୍ୟ କରିବ। ଅଭାବ ରହିବନି, କାର୍ଯ୍ୟସିଦ୍ଧି ପରିପ୍ରେକ୍ଷୀରେ ମନ ମଧ୍ୟ ଖୁସି ରହିବ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଶନିଙ୍କ ସୁପ୍ରଭାବରୁ ଆକସ୍ମିକ ଭାବରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**ମୀନ** ଶୁକ୍ର ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରି ଆପଣଙ୍କୁ ସମସ୍ତ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ପାରିବାରିକ ଶାନ୍ତି, ଯାତ୍ରାରେ ଲକ୍ଷ୍ୟପୂରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନୋରଞ୍ଜନାଦି ରୁଚିବୋଧକ ସ୍ଥିତି ଉପୁଜ କରିବେ। ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସ୍ୱଜନ ଶତ୍ରୁତା ଘଟିପାରେ।

# ଦିନ ମଜୁରିଆଙ୍କୁ ଦଳିଦେଲା ହାତୀ

ସାତମାଇଲ, ୩୧।୭(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତ ଅନ୍ତର୍ଗତ କୁମୁରିସିଂହା ଗ୍ରାମର ବୈଷ୍ଣବ ନାଏକ (୫୦) ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଦିନ ମଜୁରିଆ ଭାବେ କାମ କରୁଥିବା ବୈଷ୍ଣବ ଶନିବାର କାମ କରିବାକୁ ଯାଇ ବିଳମ୍ବିତ ରାତି ସୁଦ୍ଧା ଫେରି ନ ଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ଦୁଦୁରୁକୋଟ-କୁମୁରିସିଂହା ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘରକୁ ଫେରିବା ବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ହୋଇଛି।


# classifieds Everyday
0674-2580101, 2549302

real estate

## SALE

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

**A prime location commercial building near Ekamra College, BBSR for sale. Interested parties contact: 7008168643.** D-1162

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-,** ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

**ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। 9437765989.** D-73289

healthcare

Newly open SPA Offer @799/-, positively health benefits, Kalpana. 7846814019. D-73627

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly opened full body massage center by expert therapist. 7381172169. D-73629

Fullbody massage relax your body, mind by best therapist. 7008773793. D-73626

Newly open full body massage ladies and gents. 8327740003, 8093860513. D-73947

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

## AFFIDAVIT

I, Kalandi Charan Biswal, age 36yrs, S/o- Daitari Biswal, of C3L-102, RDA Colony, Chhend, Rourkela-769015, declare that in my Passport No.-J0816569 my name wrongly entered as KALANDI BISWAL instead of my full name is KALANDI CHARAN BISWAL according to my Aadhaar Card & PAN Card, now I intend to rectify my name as KALANDI CHARAN BISWAL instead of KALANDI BISWAL in my above Passport.

Deponent D-1163

By virtue of an affidavit dt 12.04.1983 before the Court of Executive Magistrate, Bhubaneswar. I Smt. Girija Dash, W/o- Gyana Chandra Mohapatra. After marriage have changed my surname Smt. Girija Dash to Girija Mohapatra for all future purposes. D-59547

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧/୨୦୨୨ | Bhubaneswar, Monday, August 1/2022 | ପୃଷ୍ଠା-୧




## ନିଖତ ଜରିନ କ୍ୱାର୍ଟର ଫାଇନାଲରେ

ଭାରତୀୟ ବକ୍ସର ନିଖତ ଜରିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦ କେଜି ଶ୍ରେଣୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୨ ୦୮

## ପଞ୍ଜାବୀ ଫିଲ୍ମରେ ଅମୀରା

ଏକାଧିକ ହିନ୍ଦୀ ଓ ତାମିଲ ଫିଲ୍ମରେ କାମ କରିବା ପରେ ବଲିଉଡ୍ ନାୟିକା ଅମୀରା ଦସ୍ତୁର ପଞ୍ଜାବୀ ଫିଲ୍ମରେ କାମ କରିବାକୁ ଯାଉଛନ୍ତି।





ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରବିବାର ଭାରୋତ୍ତୋଳନ ଅବସରରେ ଭାରତର ଜେରେମି ଲାଲରିନୁଙ୍ଗା। ଜେରେମି ପୁରୁଷ ୬୭ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଇଡିରେ ସଞ୍ଜୟ ଅଟକ

## ‘ଭୁଲ୍ କରିନି, ମୁଣ୍ଡ ନୁଆଁଇବିନି’

**ମୁମ୍ବାଇ,୩୧।୭**

ମୁମ୍ବାଇର ବହୁଚର୍ଚ୍ଚିତ ପାତ୍ର ଚଲ୍ ଦୁର୍ନୀତି ମାମଲାରେ ରବିବାର ଶିବସେନା ନେତା ସଞ୍ଜୟ ରାଉତ୍‌ଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ସଞ୍ଜୟ ତଦନ୍ତରେ ସହଯୋଗ କରି ନ ଥିବା ଦର୍ଶାଇ ଅଧିକ ଜେରା ପାଇଁ ତାଙ୍କୁ ମୁମ୍ବାଇର ଭାଣ୍ଡୁପସ୍ଥିତ ‘ମୈତ୍ରୀ’ ବାସଭବନରୁ ଇଡି ଅଫିସକୁ ନିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ମହାରାଷ୍ଟ୍ର ଓ ଶିବସେନାକୁ ଦୁର୍ବଳ କରିବା ପାଇଁ ଏହା କେନ୍ଦ୍ର ସରକାରଙ୍କ ଷଡ଼ଯନ୍ତ୍ର ଭାବେ ଅଭିହିତ କରି ସେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସଞ୍ଜୟ କହିଛନ୍ତି।

ଶିବସେନାର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ଜୁଲାଇ ୧ରେ ଇଡି ଅଫିସରେ ହାଜର ହୋଇଥିବାବେଳେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହା ପରେ ଇଡି ପକ୍ଷରୁ ତାଙ୍କୁ ୨ଥର ସମନ କରାଯାଇଥିଲା। କିନ୍ତୁ ସେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଯୋଗଦେଇଥିବା ଦର୍ଶାଇ ଗତ ୨୭ରେ ଆଉ ହାଜର ହୋଇ ନ ଥିଲେ। ରବିବାର ସକାଳ ୭ଟାରେ ବହୁସଂଖ୍ୟକ ପୋଲିସ ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଯବାନମାନେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ୭ଟା ୩୦ରେ ଇଡିର ୧୦ ଜଣିଆ ଟିମ୍ ସଞ୍ଜୟଙ୍କ ଘରେ ଚଢ଼ାଉ କରି ତାଙ୍କୁ ୧,୦୪୦ କୋଟି ଟଙ୍କାର ପାତ୍ର ଚଲ ଦୁର୍ନୀତି ସମ୍ପର୍କରେ ପଚରାଉଚରା କରିଥିଲେ। ସଞ୍ଜୟଙ୍କ ଭାଇ ସୁନୀଲ ରାଉତ୍‌ଙ୍କ ଘରେ ମଧ୍ୟ ଇଡି ଅଧିକାରୀମାନେ ତଲାସି କରିବା ସହ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଜଣ ଜଣକରି ଜେରା କରିଥିଲେ। ସଞ୍ଜୟଙ୍କ ଘରେ ଇଡି ଚଢ଼ାଉ ନେଇ ଖବର ପାଇ ଶିବସେନା କର୍ମୀମାନେ ସେଠାରେ ଏକତ୍ରିତ ହୋଇ କେନ୍ଦ୍ର ସରକାର ଓ ଭାଜପା ବିରୋଧୀ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନ ☞ପୃଷ୍ଠା-୭



### ୧,୦୪୦ କୋଟିର ପାତ୍ର ଚଲ୍ ଦୁର୍ନୀତି

**ମୁମ୍ବାଇ,୩୧।୭:** ଉତ୍ତର ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଅବସ୍ଥିତ ସିଦ୍ଧାର୍ଥ ନଗର ‘ପାତ୍ର ଚଲ୍’ ନାମରେ ପରିଚିତ। ୪୭ ଏକର ଜମି ଥିବା ଏହି ଏରିଆରେ ମୋଟ ୬୭୨ଟି ଘର ରହିଥିଲା। ୬୭୨ ପରିବାରକୁ ସେଠାରେ ପୁନଃ ଥଇଥାନ କରିବା ଲାଗି ୨୦୦୮ରେ ମହାରାଷ୍ଟ୍ର ଗୃହନିର୍ମାଣ ଓ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ଏଚ୍‌ଏଡିଏ) ପକ୍ଷରୁ ଏହାର ପୁନଃନିର୍ମାଣ ପ୍ରକଳ୍ପ ଆରମ୍ଭ ☞ପୃଷ୍ଠା-୭



ନିର୍ମଳା ମିଶ୍ର

## ଚିର ନିଦ୍ରାରେ ନିର୍ମଳା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ବିଶିଷ୍ଟ ବଙ୍ଗୀୟ ତଥା ଓଡ଼ିଆ ଗାୟିକା ନିର୍ମଳା ମିଶ୍ରଙ୍କ ଶନିବାର ରାତିରେ କୋଲକାତାର ଚେତଲାସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ପୂର୍ବରୁ ତାଙ୍କୁ ୩ଥର ହୃଦ୍‌ଘାତ ହୋଇଥିଲା। ବାରମ୍ବାର ଦେହଖରାପ ଯୋଗୁ ହସ୍ପିଟାଲ ଯାଉଥିଲେ। ଗତ କିଛିଦିନ ହେବ ସେ ହସ୍ପିଟାଲ ଯିବାକୁ ଇଚ୍ଛା ପ୍ରକାଶ ନ କରିବାରୁ ଘରେ ଚିକିତ୍ସା ଚାଲୁଥିଲା। ଶନିବାର ରାତିରେ ଚତୁର୍ଥଥର ପାଇଁ ହୃଦ୍‌ଘାତ ହୋଇଥିଲା। ରାତି ପ୍ରାୟ ୨ଟା ୫ରେ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ।

**ନବୀନ ପଟ୍ଟନାୟକ, ମମତା ବାନାର୍ଜୀଙ୍କ ଶୋକ**

ପଶ୍ଚିମବଙ୍ଗର ମଜିଲପୁର (ଜୟନଗର)ଠାରେ ପିତା ପଣ୍ଡିତ ମୋହିନୀମୋହନ ମିଶ୍ର ଓ ମାତା ଭବାନୀ ଦେବୀଙ୍କଠାରୁ ୧୯୩୮ ଅକ୍ଟୋବର ୨୧ରେ ନିର୍ମଳା ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ଚାକିରି ପାଇଁ ତାଙ୍କ ପରିବାର କୋଲକାତା ଚେତଲାରେ ବସବାସ କରୁଥିଲେ। ତାଙ୍କ ପରିବାରରେ ☞ପୃଷ୍ଠା-୭

# ଜେରେମି, ଅଚିନ୍ତଙ୍କୁ ସ୍ୱର୍ଣ୍ଣ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ବିନ୍ଦ୍ୟାରାଣୀ ଦେବୀଙ୍କୁ ରୌପ୍ୟ**

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ**

**ବର୍ମିଂହାମ୍, ୩୧।୭ (ପି.ଟି.)**

ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଭାରୋତ୍ତୋଳକଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ତାରକା ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍ୱର୍ଣ୍ଣିମ ସଫଳତା ପାଇବାର ଗୋଟିଏ ଦିନ ପରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି ଯୁବ ଭାରୋତ୍ତୋଳକ ଜେରେମି ଲାଲରିନୁଙ୍ଗା ଓ ଅଚିନ୍ତ ସେଉଲି। ସେହିପରି ବିନ୍ଦ୍ୟାରାଣୀ ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରୋତ୍ତୋଳନରେ ଭାରତର ପଦକ ସଂଖ୍ୟା ୬ରେ ପହଞ୍ଚିଛି। ସମସ୍ତ ପଦକ ହାସଲକାରୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି।

ପୁରୁଷ ୭୩ କେଜିରେ ଅଚିନ୍ତ ସ୍ନାଚରେ ୧୪୩ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୭୦ ଏହିପରି ମୋଟ ୩୧୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ସେ ଗେମ୍ସ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି। ମାଲେସିଆର ଇରି ହିଦାୟତ ମହମ୍ମଦ ୩୦୩ (୧୩୮+୧୬୫) ଏବଂ କାନାଡ଼ାର ସାଡ୍ ଡାର୍ସିଗ୍ନି ୨୯୮ (୧୩୫+୧୬୩) କେଜି ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୬୭ କେଜି ବିଭାଗରେ ୨୦୧୮ ଯୁଥ୍ ଅଲିମ୍ପିକ୍ ଚାମ୍ପିୟନ ମିଜୋରାମର ଜେରେମି ଏଠାରେ ୨ଟି ଗେମ୍ସ ରେକର୍ଡ ସୃଷ୍ଟି କରିବା ସହ ମୋଟ ୩୦୦ କେଜି ଉତ୍ତୋଳନ କରି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୪୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କେଜି ଭାର ଉଠାଇବାରେ ସକ୍ଷମ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେ ସାମୋଆର ଭୈପାଭା ନେଭୋ ଲୋଆନେଙ୍କୁ ପଛରେ ପକାଇ ଦେଇଥିଲେ। ଲୋଆନେ ମୋଟ ୨୯୩ (୧୨୭+୧୬୬) କେଜି ଉତ୍ତୋଳନ କରିଥିଲେ। ☞ପୃଷ୍ଠା-୭

# ଆର୍‌ଏମ୍‌ଆର୍‌ସିରେ ହେବ ମଙ୍କିପକ୍ସ ପରୀକ୍ଷା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ରେ ମଙ୍କିପକ୍ସ ଟେଷ୍ଟିଂ ହେବ। ଏ ସମ୍ପର୍କରେ ରବିବାର ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍‌ଏମ୍‌ଆର୍‌ସିକୁ ମଙ୍କିପକ୍ସ ଟେଷ୍ଟିଂ ଲାବ୍‌ରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଆଇସିଏମ୍‌ଆର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅନୁମତି ମାଗିବୁ।

**କେନ୍ଦ୍ର ଅନୁମତିକୁ ଅପେକ୍ଷା**

ରାଜ୍ୟ ସରକାର ଚିଠି କରିବେ। ଅନୁମତି ମିଳିଲେ ଖୁବ୍‌ଶୀଘ୍ର ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା ହେବ ବୋଲି ଡା. ପତି କହିଛନ୍ତି।

ସୂଚନାଯୋଗ୍ୟ, ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ମଙ୍କିପକ୍ସ ୭୮ଟି ଦେଶରେ କାୟା ବିସ୍ତାର କରି ସାରିଛି। ବିଶ୍ୱରେ ୨୧ ହଜାର ରୋଗୀ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବାବେଳେ ଭାରତରେ ୪ ଜଣ ଚିହ୍ନଟ ☞ପୃଷ୍ଠା-୭

### ଓଡ଼ିଶାର ୮ ବର୍ଷର ବାଳକଙ୍କୁ ମଙ୍କିପକ୍ସ ସନ୍ଦେହ: ଗୁଣ୍ଟୁର ହସ୍ପିଟାଲରେ ଭର୍ତ୍ତି

**ହାଇଦ୍ରାବାଦ,୩୧।୭**

ଓଡ଼ିଶାର ଜଣେ ୮ ବର୍ଷର ବାଳକଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେବାରୁ ତାଙ୍କୁ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ଗଭର୍ନମେଣ୍ଟ ଜେନେରାଲ ହସ୍ପିଟାଲ (ଜିଜିଏଚ୍)ରେ ଭର୍ତ୍ତି କରାଯାଇ ଆଇସୋଲେଶନରେ ରଖାଯାଇଛି। ଶନିବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ଗୁଣ୍ଟୁର ଜିଲାରେ ମଙ୍କିପକ୍ସକୁ ନେଇ ଆତଙ୍କ ଖେଳିଯାଇଛି। ଓଡ଼ିଶାର ଏହି ବାଳକ ୧୫ ଦିନ ପୂର୍ବରୁ ଗୁଣ୍ଟୁର ଆସିଥିଲେ। ସପ୍ତାହେ ପରେ ତାଙ୍କଠାରେ ଜ୍ୱର ଏବଂ କୁଣ୍ଡେଇ ହେବା ଆଦି ମଙ୍କିପକ୍ସ ଲକ୍ଷଣ ଦେଖାଦେଇଥିଲା ବୋଲି ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଡ. ପ୍ରବୀଣ କୁମାର କହିଛନ୍ତି। ତୁରନ୍ତ ତାଙ୍କୁ ଜିଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନମୁନା ସଂଗ୍ରହ କରାଯାଇ ପୁଣେର ଏନ୍‌ଆଇଭିକୁ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**କୋହ୍ଲାପୁରୀ ଚପଲ**

# ୨୪ ଘଣ୍ଟାରୁ କମିଲା ଦିନ

**ପୃଥିବୀ ନିଜ କକ୍ଷପଥରେ ଘୂରିବା ସମୟର ପୂର୍ବ ରେକର୍ଡକୁ ଭାଙ୍ଗିଛି। ୨୦୨୦ ଜୁଲାଇ ୧୯ରେ ୨୪ ଘଣ୍ଟାରୁ ୧.୪୭ ମିଲିସେକେଣ୍ଡ କମ୍ ଅବଧିରେ ପୃଥିବୀ ନିଜ ଚାରିପଟେ ଘୂରିଥିବାବେଳେ ଗତ ଶୁକ୍ରବାର ୧.୫୯ କମ୍ ମିଲିସେକେଣ୍ଡ ମଧ୍ୟରେ ଘୂର୍ଣ୍ଣନ କରିଛି। ନିୟମିତ ଦିନିକିଆ ଘୂର୍ଣ୍ଣନ ସମୟରେ ହ୍ରାସ ଫଳରେ ସ୍ମାର୍ଟଫୋନ୍, କମ୍ପ୍ୟୁଟର ଏବଂ ଦୂର ସଞ୍ଚାର କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ବୈଜ୍ଞାନିକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।**

**ନୂଆଦିଲ୍ଲୀ, ୩୧।୭**

ପୃଥିବୀ ନିଜ କକ୍ଷ ଚାରିପାଖେ ବୁଲିବା ସହ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ମଧ୍ୟ ଘୂରିଥାଏ। ନିଜ କକ୍ଷ ଚାରିପାଖେ ଘୂରିବା କାରଣରୁ ପୃଥିବୀ ପୃଷ୍ଠରେ ଦିନରାତି ସମ୍ଭବ ହୋଇଥାଏ, ଯେଉଁଥିଲାଗି ପୃଥିବୀକୁ ୨୪ ଘଣ୍ଟା ସମୟ ଲାଗେ। ସୂର୍ଯ୍ୟ ଚତୁଃପାର୍ଶ୍ୱ ଅତିକ୍ରମ କରିବା ପାଇଁ ପୃଥିବୀକୁ ୩୬୫ ଦିନ ବା ୧ ବର୍ଷ ଲାଗିଥାଏ। ପୃଥିବୀ ନିଜକକ୍ଷ ପଥରେ ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨୯ ତାରିଖରେ ପୃଥିବୀ ୧.୫୯ ମିଲିସେକେଣ୍ଡରୁ କମ୍ ସମୟ ମଧ୍ୟରେ ନିଜ କକ୍ଷ ଚାରିପାଖେ ଭ୍ରମଣ କରିଛି। ଏଥିଲାଗି ପୃଥିବୀକୁ ୨୪ ଘଣ୍ଟାରୁ କମ୍ ସମୟ ଲାଗିଛି। ‘ଇଣ୍ଡିପେଣ୍ଡେଣ୍ଟ’ ପତ୍ରିକାରେ ପ୍ରକାଶିତ ଖବର ଅନୁସାରେ ପୃଥିବୀର ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ଘଟିଛି। ଏ କାରଣରୁ ୨୦୨୦ରେ ପୃଥିବୀରେ ସବୁଠାରୁ ଛୋଟ ମାସ ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ୧୯୬୦ ଦଶକରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ୨୦୨୦ ଜୁଲାଇ ୧୯ରେ ସବୁଠାରୁ କମ୍ ସମୟ ୧.୪୭ ମିଲିସେକେଣ୍ଡରେ ପୃଥିବୀ ନିଜକକ୍ଷ ଚାରିପାଖେ ଘୂରିଥିଲା। ୨୦୨୧ରେ ପୃଥିବୀର ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ଘଟିଥିଲେ ହେଁ କୌଣସି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ଏହା ପଛର କାରଣ ବିଷୟରେ କୌଣସି ସ୍ପଷ୍ଟ ତଥ୍ୟ ମିଳି ନ ଥିବାବେଳେ ମହାସାଗରୀୟ ପରିବେଶ, ଢେଉ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଏ ପ୍ରକାର ପରିବର୍ତ୍ତନ ଦେଖାଦେଇଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ଅନ୍ୟପଟେ ପୃଥିବୀର କକ୍ଷପଥ ଘୂର୍ଣ୍ଣାୟମାନ ବେଳେ ପୃଷ୍ଠଭାଗରୁ ଏହାର ଭୌଗୋଳିକ ରେଖା ପର୍ଯ୍ୟନ୍ତ ହେଉଥିବା ମୁଭ୍‌ମେଣ୍ଟରେ ହେଉଥିବା ☞ପୃଷ୍ଠା-୭

**କକ୍ଷପଥରେ ପୃଥିବୀର ଘୂର୍ଣ୍ଣନ ସମୟ ୧.୫୯ ମିଲିସେକେଣ୍ଡ ହ୍ରାସ**




ଧରିତ୍ରୀ DHARITRI | GUPTA DISTRIBUTORS

ଅଦ୍ଭୁତ ବନ୍ଧନ

ରାକ୍ଷୀ ବାର୍ତ୍ତା ପ୍ରତିଯୋଗିତା

Win Big

Loaded with 60 Attractive Prizes

WIN 20 Gold Coins & 40 Silver Coins

Powered by: KHIMJI Jewellers since 1936

Co-Sponsors: CHANDI BHANDAR, RUCHI FOODLINE, Karlo dosti sehat se, Green Chilly Outdoor Catering, durashine, PANDA TRAVEL MART

Cut the Coupon & Send it to: Dharitri, B-15, Industrial Estate Rasulgarh, Bhubaneswar - 751010 or Click the Photo of the filled Message & send it to: rakhimessagecontest@dharitri.com Whatsapp No.: 9692975378

ଆମର ପ୍ରିୟ ପାଠିକା/ପାଠକ ‘ରାକ୍ଷୀ ପୂର୍ଣ୍ଣିମା’ ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର ‘ବାର୍ତ୍ତା ପ୍ରତିଯୋଗିତା’। ସୃଜନଶୀଳ ତଥା ଭାବନାତ୍ମକ ଏବଂ ତାତ୍ପର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ। ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ। ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ। ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୬ ଅଗଷ୍ଟ ୨୦୨୨। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।

MESSAGE COUPON

ବାର୍ତ୍ତା

ନାମ: ........ ବୟସ: ........

ଠିକଣା: ........

........ ମୋବାଇଲ ନଂ. ........

"BASIC T & Cs": *T & C apply

The Dharitri Management reserves the right to decide on the qualification and basis for winning messages.

# କୋହ୍ଲାପୁରୀ ଚପଲ

ଭାରତରେ ରାଜ୍ୟପାଳଙ୍କ ପଦବୀ ଏକ ସାମ୍ବିଧାନିକ ମର୍ଯ୍ୟାଦା ବହନ କରୁଥିବାରୁ ତାହା ବିବାଦରୁ ଊର୍ଦ୍ଧ୍ୱରେ ରହିବା କଥା । ହେଲେ ଦେଖାଯାଉଛି, କିଛି ବର୍ଷ ହେବ ବିଭିନ୍ନ ରାଜ୍ୟରେ ନିଯୁକ୍ତ କେତେକ ରାଜ୍ୟପାଳ କେନ୍ଦ୍ରରେ ଶାସିତ ସରକାରଙ୍କ ରାଜନୈତିକ ଏଜେଣ୍ଟ ଭଳି କାମ କରିବାକୁ 'ଅହୋ ଭାଗ୍ୟ' ଭାବେ ଧରିନେଇଛନ୍ତି । ରାଜ୍ୟପାଳଙ୍କ ଦ୍ୱାରା ରାଜନୈତିକ ସ୍ୱାର୍ଥସାଧନ କେବଳ ଭାଜପା ନୁହେଁ, ପୂର୍ବରୁ କଂଗ୍ରେସ ସରକାର ସମୟରେ ଅନେକ ଥର ଦେଖିବାକୁ ମିଳିଛି । ଓଡ଼ିଶା ମଧ୍ୟ ୭୦ ଦଶକରେ ଏହାକୁ ଦେଖିଛି । କିନ୍ତୁ ବର୍ତ୍ତମାନ ରାଜ୍ୟପାଳମାନେ ଅତ୍ୟଧିକ ମାତ୍ରାରେ ସରକାରଙ୍କ ଦ୍ୱାରା ଅସ୍ତ୍ର ଭାବେ ବ୍ୟବହାର ହେବା ସକାଶେ ଆଗଭର ହୋଇପଡୁଛନ୍ତି । ୨୯ ଜୁଲାଇରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଅନ୍ଧେରୀର ଜେକେ ରୋଡ୍‌ଠାରେ ଏକ ଛକର ନାମକରଣ ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଥିଲେ, ମହାରାଷ୍ଟ୍ର ବିଶେଷକରି ମୁମ୍ବାଇ ଓ ଠାଣେରୁ ଗୁଜରାଟୀ ଓ ରାଜସ୍ଥାନୀମାନେ ପଳାଇଗଲେ ଏହାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ । ଅର୍ଥାତ୍ ଏହା ଘଟିଲେ ମୁମ୍ବାଇ ଆଉ ଦେଶର ଆର୍ଥିକ ରାଜଧାନୀ ହୋଇ ରହିପାରିବ ନାହିଁ । କୋଶିୟାରୀ କେଉଁ ଉଦ୍ଦେଶ୍ୟ ରଖି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ଯେଉଁମାନେ ମୁମ୍ବାଇ ସହ ଅଳ୍ପବହୁତେ ସମ୍ପୃକ୍ତ ସେମାନେ ବୁଝିପାରିବେ । ବାସ୍ତବ କ୍ଷେତ୍ରରେ ପୂର୍ବର ବମ୍ବେ ସମ୍ଭବତଃ ଭାରତର ଏକମାତ୍ର ନଗର ଯେଉଁଠାରେ ଏହି ଦେଶର ପ୍ରତ୍ୟେକ ଜିଲାରୁ ଲୋକ ଯାଇ ରହୁଛନ୍ତି । ସେହି ସହର, ଅନେକ ଅନ୍ତର୍ଦ୍ୱନ୍ଦ୍ୱ ସତ୍ତ୍ୱେ ସବୁ ପ୍ରାନ୍ତର ଓ ସବୁ ଧର୍ମର ଲୋକଙ୍କୁ କୋଳେଇ ନେଇପାରିଛି । ବାସ୍ତବରେ ମୁମ୍ବାଇ ହେଉଛି ଭାରତର ପ୍ରଥମ 'କସ୍‌ମୋପଲିଟାନ ନଗର' ।

ଏହି ପରିପ୍ରେକ୍ଷୀରେ ଦେଖିଲେ କୋଶିୟାରୀଙ୍କ ମନ୍ତବ୍ୟକୁ ନେଇ ମରାଠୀମାନେ ତାଙ୍କ ଉପରେ ଖପ୍ପା ହୋଇଛନ୍ତି । ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, ଏଭଳି ରାଜ୍ୟପାଳଙ୍କୁ ପ୍ରସିଦ୍ଧ କୋହ୍ଲାପୁରୀ ଚପଲ ଦେଖାଇ ଦିଆଯିବା ଉଚିତ । ସେହିପରି କଂଗ୍ରେସ ନେତା ମିଲିନ୍ଦ ଦେଓରା ଏକ ଟୁଇଟ୍‌ରେ କହିଛନ୍ତି, ତାଙ୍କ ପିତା ରାଜସ୍ଥାନୀ ହୋଇଥିବା ବେଳେ ମାତା କୋହ୍ଲାପୁରର । କିନ୍ତୁ ଉଭୟ ଏବେ ମୁମ୍ବାଇର । ଏହି ବିବିଧତା ମୁମ୍ବାଇକୁ ଶକ୍ତିଶାଳୀ କରି ରଖିଛି । ମରାଠୀମାନଙ୍କୁ କୋଶିୟାରୀ ଯେଭଳି ନ୍ୟୂନ କରି ଦେଖାଇଛନ୍ତି ତାହା ଦ୍ୱାରା ମହାରାଷ୍ଟ୍ର ଏପରିକି ଭାରତକୁ ଏକ ଭୁଲ ବାର୍ତ୍ତା ଯାଇଛି । କେବଳ ମୁମ୍ବାଇ ନୁହେଁ, ଭାରତୀୟ ସମାଜରେ ବିବିଧତା ସବୁବେଳେ ରହିଆସିଛି । କାହାକୁ ପସନ୍ଦ ହୋଇପାରେ କିମ୍ବା ନ ହୋଇପାରେ, କିନ୍ତୁ ଇତିହାସ ଦର୍ଶାଉଛି ଯେ ସହିପାରୁ ନ ଥିବା ଗୋଷ୍ଠୀ କେତେକ ସମୟରେ ଶକ୍ତିଶାଳୀ ହୋଇଥାଆନ୍ତି ଓ ଅଧିକାଂଶ ସମୟରେ ମୁହଁମାଡ଼ି ପଡ଼ନ୍ତି । ଆଜି ଯେଉଁ ଅସହିଷ୍ଣୁତାର ମଞ୍ଜି ପୋତାଯିବାର ବାରମ୍ବାର ଉଦ୍ୟମ ହେଉଛି, ତାହା କେତେଦୂର ସଫଳ ହେବ ସେ ବିଷୟରେ କେବଳ ଭାରତର ଜନସାଧାରଣ ଓ ସମୟ କହିବ ; କୌଣସି ରାଜନୈତିକ ଦଳ ବା ନେତୃତ୍ୱର କର୍ତ୍ତୃତ୍ୱ ରହିବ ନାହିଁ ।

ସାମ୍ପ୍ରତିକ ସମୟରେ ମରାଠୀ, ରାଜସ୍ଥାନୀ ଓ ଗୁଜରାଟୀ କହି ଭାଗଭାଗ କରିବାର ଚିନ୍ତାଧାରା ସୃଷ୍ଟି କରାଯିବା ଦ୍ୱାରା ବିଭିନ୍ନ ସମ୍ପ୍ରଦାୟ ବା ଗୋଷ୍ଠୀ ଭିତରେ ଅପ୍ରୀତିକର ସ୍ଥିତି ଉପୁଜାଇବା ଲାଗି କ୍ଷେତ୍ର ପ୍ରସ୍ତୁତ କରିଦିଆଯାଉଛି । କୁହାଯାଉଛି, ଆଗକୁ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ଆଗକୁ ଥିବାରୁ ରାଜ୍ୟପାଳ ଭାଜପା ଆଡ଼ିଆ ହୋଇ ଏଭଳି ମତ ଦେଇଛନ୍ତି । କିନ୍ତୁ ତାହା ଭାଜପାକୁ ସହାୟକ ହେବ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ । ବିଭିନ୍ନ ମହଲରେ ଯେଉଁଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି, ସେଗୁଡ଼ିକରୁ ମନେହେଉଛି ମରାଠୀ ମାନୁଷ୍‌ର ଅହଂଭାବକୁ ଚୋଟ ବାଜିଛି । ଏହି ପରିସ୍ଥିତିରୁ ବୁଝିବାକୁ ହେଲେ ଓଡ଼ିଶାର ଉଦାହରଣ ଦେଖାଯାଇପାରେ । ଧରିନିଆଯାଇପାରେ କେହି ଯଦି ଅବାଞ୍ଛିତ ମତ ଦେଇ କହନ୍ତି, ସମ୍ବଲପୁରରେ ସ୍ଥାନୀୟ ବାସିନ୍ଦାଙ୍କର କାଟ୍‌ତି ନ ଥିବା ବେଳେ ହିନ୍ଦୀଭାଷୀ ଲୋକ ସେଠାକାର ବ୍ୟବସାୟକୁ ହାତମୁଠାରେ ରଖିଛନ୍ତି କିମ୍ବା ଗଞ୍ଜାମ, ଯେଉଁଠାରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାର ପ୍ରୟାସ ହୋଇଥିଲା ସେଠାରେ ତେଲୁଗୁଭାଷୀ ଲୋକ ଅଧିକ ଶକ୍ତିଶାଳୀ ; ତେବେ ସ୍ଥାନୀୟ ବାସିନ୍ଦାଙ୍କ ଆତ୍ମାକୁ ଯେମିତି ବାଧିବ ସେମିତି କୋଶିୟାରୀଙ୍କ ମନ୍ତବ୍ୟ ମରାଠୀମାନଙ୍କୁ ନିଶ୍ଚିତ ଭାବେ ବାଧିଥିବ ।

**କୋଶିୟାରୀଙ୍କ ମନ୍ତବ୍ୟକୁ ନେଇ ମରାଠୀମାନେ ତାଙ୍କ ଉପରେ ଖପ୍ପା ହୋଇଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, ଏଭଳି ରାଜ୍ୟପାଳଙ୍କୁ ପ୍ରସିଦ୍ଧ କୋହ୍ଲାପୁରୀ ଚପଲ ଦେଖାଇ ଦିଆଯିବା ଉଚିତ।**

# ଜଳବାୟୁ ସତର୍କବାଣୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ୟୁରୋପରେ ଘାତକ ଗ୍ରୀଷ୍ମପ୍ରବାହ ଏବଂ ବନାଗ୍ନିଜନିତ ଉତ୍ତାପର ଶିକାର ହୋଇ ହଜାର ହଜାର ଲୋକ ସ୍ଥାନାନ୍ତରିତ ହେଉଛନ୍ତି, ଯାହା ହେଉଛି ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବର ପରିସ୍ଫୁଟନ । ରୁଷିଆ-ୟୁକ୍ରେନ୍ ମଧ୍ୟରେ ବିଧ୍ୱଂସକାରୀ ଯୁଦ୍ଧର ଘନଘଟା ଭିତରେ ୨୦୨୨ ଫେବୃୟାରୀରେ ଉନ୍ମୋଚିତ ହୋଇଥିଲା ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃସରକାରୀ ଗୋଷ୍ଠୀ (ଆଇପିସିସି)ର ବିଶାରଦ ବୈଜ୍ଞାନିକମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ଷଷ୍ଠ ମୂଲ୍ୟାଙ୍କନ ରିପୋର୍ଟର ଦ୍ୱିତୀୟ ଅଧ୍ୟାୟ । ବିଶ୍ୱତାପନ ଏବଂ ଏହାର ପରିଣାମରେ ଘଟୁଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଏହି ବିଶ୍ଳେଷଣରେ ବହୁ ସମ୍ଭାବ୍ୟ ପ୍ରଳୟଙ୍କରୀ ଓ ଉଦ୍‌ବେଗ ସୃଷ୍ଟିକାରୀ ବିପଦସବୁର ସତର୍କ ସୂଚନା ପ୍ରଦତ୍ତ ହୋଇଛି । ତାପମାତ୍ରା ବୃଦ୍ଧିର ମୁଖ୍ୟ କାରକ ସାଜିଥିବା କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସରୁ ଉତ୍ସର୍ଗିତ ସବୁଜଗୃହ ବାଷ୍ପସବୁକୁ ଯଦି ଆମେ ଚଳିତ ଦଶନ୍ଧିରେ ଅର୍ଦ୍ଧେକସ୍ତରକୁ ହ୍ରାସ କରିବାରେ ବିଫଳ ହେଉ ଏବଂ ପରିବର୍ତ୍ତିତ ପରିବେଶ ସହ ତୁରନ୍ତ ଖାପ ଖୁଆଇବାରେ ଅସମର୍ଥ ହେଉ, ତେବେ ଆଗାମୀ ଭବିଷ୍ୟତରେ ଜୀବଜଗତ ନିଶ୍ଚିତରୂପେ ଅଧିକ ବିଧ୍ୱଂସକାରୀ ପ୍ରଭାବର ସମ୍ମୁଖୀନ ହେବ । ଏହି ବିବରଣୀ ହେଉଛି ବିଶେଷତଃ ସମ୍ବଳରହିତ ରାଷ୍ଟ୍ର ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ସମ୍ପ୍ରଦାୟମାନଙ୍କ ଉପରେ ଆସନ୍ନବିପଦ ସମ୍ପର୍କରେ ଏକ ପ୍ରକୃଷ୍ଟ ପୂର୍ବାନୁମାନ । ଏପ୍ରିଲରେ ପ୍ରକାଶିତ ରିପୋର୍ଟର ତୃତୀୟ ଅଧ୍ୟାୟରେ ସବୁଜଗୃହ ବାଷ୍ପ ହ୍ରାସ ଉପାୟ ସମ୍ପର୍କରେ ବିଶ୍ଳେଷଣ ହେବା ସହ ଜୀବନଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଏବଂ ବିଶ୍ୱ ଅର୍ଥ ବ୍ୟବସ୍ଥାର ସ୍ୱଳ୍ପ ଅଙ୍ଗାରକ ପର୍ଯ୍ୟାୟକୁ ରୂପାନ୍ତରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଜଳବାୟୁ ବିପର୍ଯ୍ୟୟକୁ ଦୂର କରିବା ପରିପ୍ରେକ୍ଷୀରେ ଅନ୍ତିମ ସତର୍କବାଣୀରେ ଏହା ପ୍ରକାଶ କରିଛି ଯେ, 'ବର୍ତ୍ତମାନ ନୁହେଁ ତ କେବେ ବି ନୁହେଁ ।'

ଜାତିସଂଘର ସେକ୍ରେଟାରି ଜେନେରାଲ ଆଣ୍ଟୋନିଓ ଗୁଟେରସ୍ ଏହି ରିପୋର୍ଟକୁ ମାନବ ଦୁର୍ଦ୍ଦଶାର ଏକ ମାନଚିତ୍ର ଏବଂ ବିଶ୍ୱ ଜଳବାୟୁ ନେତୃତ୍ୱର ବିଫଳତାର ଚିତ୍ରଣ ବୋଲି ଅଭିହିତ କରିଛନ୍ତି । ଏହି ଚିନ୍ତାଜନକ ବିଶ୍ଳେଷଣ କ୍ରମବର୍ଦ୍ଧିତ ତାପମାତ୍ରାର ଜୈବବିବିଧତା, ଖାଦ୍ୟ ନିରାପତ୍ତା, ଅର୍ଥନୀତି ଏବଂ ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ସମ୍ଭାବ୍ୟ ପ୍ରଭାବ ଏବଂ ଚରମ ପାଣିପାଗ ଘଟଣାଗୁଡ଼ିକର ଭୟଙ୍କରତା ସମ୍ପର୍କରେ ଚେତାବନୀ ପ୍ରଦାନ କରିଛି । ବିଶ୍ୱ ସମ୍ବଳ ପ୍ରତିଷ୍ଠାନର କେଲି ଲେଭିନ୍ ଓ ସାଥୀ ତାଙ୍କ ଲିଖିତ ପ୍ରବନ୍ଧରେ ଜଳବାୟୁ ପ୍ରଭାବ, ବିପଦପ୍ରବଣତା ଏବଂ ଉପଯୋଗୀକରଣ ଉପରେ ରିପୋର୍ଟର ଛଅଟି ମୁଖ୍ୟ ଉପଲବ୍ଧିକୁ ଉପସ୍ଥାପନ କରିଛନ୍ତି । ପ୍ରଥମ, ଜଳବାୟୁ ପ୍ରଭାବ କ୍ରମଶଃ ପୂର୍ବାନୁମାନ ଅପେକ୍ଷା ଅଧିକ ବ୍ୟାପକ ଓ ଭୟଙ୍କର ରୂପେ ଅନୁଭୂତ ହେଉଛି । ଦ୍ୱିତୀୟ, ଆଗାମୀ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟ ଅଧିକ ଅନିଷ୍ଟକାରୀ ପ୍ରଭାବରେ ଆମେ ଜର୍ଜରିତ ହେବାକୁ ଯାଉଛେ । ତୃତୀୟ, ବର୍ଦ୍ଧିତ ତାପମାତ୍ରା ସହିତ ସଂପୃକ୍ତ ବହୁବିଧ ବିପଦ ଆଗକୁ ଦ୍ରୁତବେଗରେ ବୃଦ୍ଧି ପାଇବ, ଯାହା ଅପରିବର୍ତ୍ତନୀୟ ପ୍ରଭାବମାନ ସୃଷ୍ଟି କରିବ । ଚତୁର୍ଥ, ମାନବ ସମାଜରେ ଅସମାନତା, ସଂଘର୍ଷ ଏବଂ ବିକାଶ ପ୍ରକ୍ରିୟାର ଆହ୍ୱାନ ଜଳବାୟୁ ବିପଦ ପ୍ରତି ଆମ ଦୁର୍ବଳତାରେ ବୃଦ୍ଧି ଘଟାଇବ । ପଞ୍ଚମ, ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ଭାବ୍ୟ ସମାଧାନର ପନ୍ଥା ଉପଲବ୍ଧ ହେଲେ ମଧ ମୁଖ୍ୟ ଆହ୍ୱାନ ହେଉଛି ଅସୁରକ୍ଷିତ ଗୋଷ୍ଠୀଙ୍କ ପାଖରେ ତାହା ପହଞ୍ଚିବାର ଅନିଶ୍ଚିତତା । ଷଷ୍ଠ, ଜଳବାୟୁ ପରିବର୍ତ୍ତନର କିଛି ପ୍ରଭାବ ଏପରି ଭୟଙ୍କର ସ୍ଥିତିରେ ଉପନୀତ ହେଲାଣି ଯେ ଏହା ସହ ଖାପ ଖୁଆଇବା ଅତ୍ୟନ୍ତ କଷ୍ଟସାଧ୍ୟ । ୨୦୧୫ର ପ୍ୟାରିସ୍ ଜଳବାୟୁ ଚୁକ୍ତି ଅନୁଯାୟୀ ତାପମାତ୍ରା ବୃଦ୍ଧିକୁ ଅସମ୍ଭବବୋଧ ହେଉଥିବା ଦେଢ଼ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରୋକିବାରେ ଆମେ ସମର୍ଥ ହେଲେ ମଧ ଏହା ସମସ୍ତଙ୍କ ପାଇଁ ସୁରକ୍ଷିତ ନୁହେଁ ଏବଂ ଏଥି ମଧ୍ୟରୁ କିଛି କ୍ଷତି ଅପରିବର୍ତ୍ତନୀୟ ସାଧିତ ହେବ ।



ରିପୋର୍ଟ ଅନୁଯାୟୀ, ପରବର୍ତ୍ତୀ ଦଶନ୍ଧିରେ ଜଳବାୟୁ ପ୍ରଭାବରୁ ୩୨ରୁ ୧୩୨ ନିୟୁତ ପର୍ଯ୍ୟନ୍ତ ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ । ମାତ୍ର ୧.୧ ଡିଗ୍ରୀର ଉତ୍ତାପ ବୃଦ୍ଧିରେ ଏବେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ମରୁଡ଼ି, ବୃଷ୍ଟିପାତ, ବନ୍ୟା, ଝଡ଼ବାତ୍ୟା, ଭୂସ୍ଖଳନ ଇତ୍ୟାଦି ପ୍ରକଟିତ ହେଉଛି, ଯାହା ଲୋକଙ୍କର ଖାଦ୍ୟ ନିରାପତ୍ତା ଏବଂ ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି । ଭାରତ ସହ ଅନ୍ୟ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସମ୍ପ୍ରତି ଏପରି ବିପର୍ଯ୍ୟୟସବୁର ସମ୍ମୁଖୀନ ହୋଇଚାଲିଛନ୍ତି । ଶସ୍ୟ ଉତ୍ପାଦନ ବ୍ୟାହତ ହେବା ସହ ଉତ୍କଟ ଜଳାଭାବ ସମସ୍ୟା ୨୦୫୦ ସୁଦ୍ଧା ଭାରତର ୪୦% ଲୋକଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ୨୦୩୦ ସୁଦ୍ଧା ବିଶ୍ୱର ଅତିରିକ୍ତ ୩୫ କୋଟି ଲୋକ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବେ । ସମୁଦ୍ର ପତ୍ତନର ଉତ୍ଥାନ ଉପକୂଳାଞ୍ଚଳକୁ ଅଧିକ ଜଳମଗ୍ନ ତଥା କୃଷି ପାଇଁ ଅନୁପଯୁକ୍ତ କରିବ, ସମୁଦ୍ର ନିୟମିତ କୂଳ ଲଙ୍ଘିବ, ଉପକୂଳ ଅବକ୍ଷୟରେ ବୃଦ୍ଧି ଘଟିବ ଏବଂ ଉପକୂଳବର୍ତ୍ତୀ ସହର ଓ ବସତିଗୁଡ଼ିକ ବର୍ଦ୍ଧିତ ବିପଦର ସମ୍ମୁଖୀନ ହେବେ । ୨୦୩୦ ସୁଦ୍ଧା ସ୍ଥଳଭାଗର ପ୍ରାୟ ୧୪ ଶତାଂଶ ଜୀବଜାତି ବିଲୁପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ବନାଗ୍ନି ପୂର୍ବାପେକ୍ଷା ଅଧିକ ଅଞ୍ଚଳକୁ ବ୍ୟାପୁଛି, ଯାହା ପ୍ରାକୃତିକ ଭୂଭାଗ ତଥା ଜୈବବିବିଧତାରେ ଅବକ୍ଷୟ ଘଟାଉଛି । ଆଗାମୀ ଦିନରେ ବୃହତାକାର ବୃକ୍ଷସବୁ ଅଧିକ ସଂଖ୍ୟାରେ ହ୍ରାସ ପାଇବେ । ସାମୁଦ୍ରିକ ତଥା ଉପକୂଳ ପରିସଂସ୍ଥାର ଜୁଆରିଆ ସନ୍ତସନ୍ତିଆ ବାସସ୍ଥଳୀ, ହେନ୍ତାଳ ବନ, ସମୁଦ୍ର ଘାସ, ପ୍ରବାଳ ପରିସଂସ୍ଥା ଏବଂ ପ୍ଲାଙ୍କଟନ ସମ୍ପ୍ରଦାୟ ଇତ୍ୟାଦିର ଜୈବବିବିଧତାରେ କ୍ରମେ ଅବନତି ଘଟୁଛି ।

ବିକାଶଶୀଳ ରାଷ୍ଟ୍ରମାନଙ୍କର ସହରାଞ୍ଚଳର ଅବ୍ୟବସ୍ଥିତ, ଦ୍ରୁତ ବୃଦ୍ଧିପ୍ରାପ୍ତ ବସ୍ତି ଅଞ୍ଚଳରେ ଜଳବାୟୁର ପ୍ରଭାବ ତୀବ୍ର ଅନୁଭୂତ ହେବ, ଯେଉଁଠାରେ ବିପର୍ଯ୍ୟସ୍ତ ବାସଗୃହ, ମୌଳିକ ସେବାର ପର୍ଯ୍ୟାପ୍ତ ଅଭାବ ଏବଂ ସମ୍ବଳର ସୀମିତତା ମୁଖ୍ୟ ପ୍ରତିବନ୍ଧକ । ଏସିଆ ମହାଦେଶରେ ଏବେ ୫୨୯ ନିୟୁତ ଲୋକ ଏବଂ ଉପ-ସାହାରା ଆଫ୍ରିକାର ପ୍ରାୟ ୬୦% ଲୋକ ଏପରି ଅସୁରକ୍ଷିତ ଅଞ୍ଚଳରେ ଜୀବନ ନିର୍ବାହ କରୁଛନ୍ତି । ଆଇପିସିସି ପ୍ରକାଶ କରିଛି ଯେ, ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ୨୦୩୦ ଏବଂ ୨୦୫୦ ସୁଦ୍ଧା ଉପଯୋଗୀକରଣ କ୍ଷେତ୍ର ନିମନ୍ତେ ଯଥାକ୍ରମେ ୧୨୭ ଏବଂ ୨୯୫ ବିଲିୟନ ଡଲାରର ଅର୍ଥ ଆବଶ୍ୟକ । ଏଥିରେ ତିନୋଟି ପ୍ରମୁଖ ପ୍ରକ୍ରିୟା ଅନ୍ତର୍ଭୁକ୍ତ: ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ, ଯାହା ସମାନତା ଏବଂ ନ୍ୟାୟ ପ୍ରଦାନକୁ ଉନ୍ନତ କରେ ; ପରିସଂସ୍ଥା ଆଧାରିତ ଉପଯୋଗୀକରଣ, ଯାହା ପ୍ରାକୃତିକ ପରିବେଶର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ପରିଚାଳନାକୁ ଗୁରୁତ୍ୱ ଦିଏ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଓ ଭିତ୍ତିଭୂମି, ଯାହା ବିଭିନ୍ନ କ୍ଷେତ୍ରରେ ସ୍ଥିରତାକୁ ସୁଦୃଢ଼ କରେ ।

ଆଇପିସିସି ରିପୋର୍ଟ ଅତ୍ୟନ୍ତ ସୁସ୍ପଷ୍ଟ ଯେ, ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଜନସମାଜ, ଜୀବଜଗତ ଏବଂ ଆମ ଗ୍ରହର କଲ୍ୟାଣ ସାଧନ ପଥରେ ବିନାଶକାରୀ ପ୍ରକ୍ରିୟାର ସୂତ୍ରପାତ କରୁଛି । ଏପରି ଦୃଶ୍ୟପଟ୍ଟରେ ଜଳବାୟୁ ପ୍ରଭାବଶାଳୀ ଉପଯୋଗୀକରଣ ଏବଂ ଉପଶମ ନିମନ୍ତେ କାର୍ଯ୍ୟାବଳୀ ପ୍ରସ୍ତୁତ ଏବଂ ସମ୍ବେଦନଶୀଳ ଯୋଜନା ପ୍ରଣୟନ ସହିତ ପ୍ରଶାସନିକ ବ୍ୟବସ୍ଥା, ନାଗରିକ ସମାଜ ଏବଂ ବେସରକାରୀ କ୍ଷେତ୍ର ସମସ୍ତେ ସଂଶୋଧିତ ପଥରେ ଅଗ୍ରସର ହେବା ହେଉଛି ଆଜିର ଆହ୍ୱାନ ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି,**
**ଭୁବନେଶ୍ୱର, ମୋ-୯୪୩୭୦୭୬୧୦୦**

# ସଚେତନ ହେବା ଆବଶ୍ୟକ



ହରେକୃଷ୍ଣ ପଣ୍ଡା

ଜଣେ ବ୍ୟକ୍ତିର ଅର୍ଥ ଦେବା ନେବା କଥାର ସତ୍ୟତା, ଅନ୍ୟ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରାକୁ ନେଇ ତା'ର ଇଜ୍ଜତକୁ ମପାଯାଇଥାଏ । ଠିକ୍ ସେହିପରି ଗୋଟିଏ ସରକାରଙ୍କ ଅର୍ଥନୀତି, ଜନସାଧାରଣଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଓ କ୍ରିୟାକଳାପକୁ ନେଇ ତା'ର ଇଜ୍ଜତ ଥିବା ନ ଥିବା କୁହାଯାଇପାରେ । କେବଳ ମଣିଷମାନଙ୍କ କ୍ରିୟା, କର୍ମର ସ୍ୱରୂପ ଓ ଶୈଳୀ ମଧ୍ୟରୁ ଇଜ୍ଜତ ବା ମହତ୍ତ୍ୱ ଅନୁଭବ କରାଯାଇପାରେ । ଠିକ ବ୍ୟକ୍ତିମାନଙ୍କ ଭଳି ଶାସକ ମାନଙ୍କ ରାଷ୍ଟ୍ରୀୟ କାର୍ଯ୍ୟକଳାପକୁ ନେଇ ଇଜ୍ଜତ ଥିବା ନ ଥିବା ଅନୁଭୂତ ହୁଏ । ଯେଉଁମାନେ ବିଶ୍ୱାସ କରନ୍ତି ବ୍ୟକ୍ତିର ଅନ୍ତରାତ୍ମା ପରି ଦେଶ ଓ ଜାତିର ଏକ ଏକ ଅନ୍ତରାତ୍ମା ରହିଛି, ସେମାନଙ୍କ ଭିତରେ ଏପରି ଭାବନା ଆସିବା ସ୍ୱାଭାବିକ ଦେଶର ଅଗ୍ରଗତି ଓ ବିକାଶ ଧାରାରେ ସେହି ଅନ୍ତରାତ୍ମାର ଇଚ୍ଛାକୁ ପ୍ରତିଫଳିତ କରୁଛି କି ନାହିଁ । ଦେଶର ଜାତୀୟ ଜୀବନ ଓ ଶାସକମାନଙ୍କ କ୍ରିୟାକଳାପରୁ ଜଣାପଡେ ଦେଶର ଅନ୍ତରାତ୍ମା ପ୍ରତିଫଳିତ କି ନା । ଦେଶର ବାହ୍ୟ କ୍ଷେତ୍ରରେ ଯେତେ ଯାହା ବିକାଶ ବା ସାଫଲ୍ୟ ହେଉ ନା କାହିଁକି ଯଦି ସେଗୁଡିକ ଦେଶର ଅନ୍ତରାତ୍ମାର ଅନୁକୂଳ ନ ହେଲା ତା' ହେଲେ ଦେଶର ଇଜ୍ଜତ ଲୁଣ୍ଠିତ ହୁଏ । ତାହା ଡାକିଆଣେ ନାନା ପତନ ତଥା ଭ୍ରଷ୍ଟାଚାରକୁ । ଯେଉଁ ଲକ୍ଷଣଗୁଡ଼ିକ ଦେଖି ଏହା ବିଚାର କରାଯାଇପାରେ ତାହା ହେଲା ସେହି ଦେଶର ଓ ତା'ର ଜନସାଧାରଣଙ୍କ ଜୀବନରେ ଶାନ୍ତି, ସନ୍ତୋଷ, ପରସ୍ପର ପ୍ରତି ଶ୍ରଦ୍ଧା, ବିଶ୍ୱାସ,ଏକତା ଓ ସୁସମଞ୍ଜସ୍ୟତା ଆଦି ଗୁଣ ଓ ଭାବଗୁଡ଼ିକ ପ୍ରକାଶ ପାଉଛି ନା ଅଶାନ୍ତି, ଉଦ୍‌ବେଗ, ଉତ୍ତେଜନା, ବିବାଦ, ସଂଘର୍ଷ, ଅସ୍ଥିରତା ପରସ୍ପର ପ୍ରତି ସନ୍ଦେହ, ଅବିଶ୍ୱାସ, ଅନୈକ୍ୟ ଓ ଅନିଶ୍ଚିତତାର ଭାବଗୁଡ଼ିକ ପ୍ରକାଶ ପାଉଛି । ବ୍ୟକ୍ତି ଜୀବନରେ ଯେମିତି ଦେଶର ଜୀବନରେ ସେମିତି । ବାହ୍ୟ ସାଫଲ୍ୟ ଭିତରୁ ନୁହେଁ ଅନ୍ତରର ଶାନ୍ତି, ସନ୍ତୋଷ ଭିତରୁ ହିଁ ଆମେ ଖୋଜିବୁ ଆମ ସାମୂହିକ ଜାତୀୟ ଜୀବନର ସାର୍ଥକତା ।

ଆମ ଦେଶର ଆର୍ଥିକ ବିକାଶ ଓ ଅଗ୍ରଗତିର ବହୁ କ୍ଷେତ୍ରମାନ ରହିଛି । ଆର୍ଥିକ ବିକାଶ ପାଇଁ ସରକାର ସବୁବେଳେ ତତ୍ପର ରୁହନ୍ତି । ଆର୍ଥିକ କ୍ଷେତ୍ରରେ ଭାରତର ବିକାଶ କିନ୍ତୁ ଏକ ସୁଷମ ବିକାଶ ନୁହେଁ । ଏଥିରେ ରହିଛି ବହୁ ବୈଷମ୍ୟ,ବୈପରିତ୍ୟ ଓ ଅନିଶ୍ଚିତତା । ଧନୀ ଓ ଦରିଦ୍ର ମଧ୍ୟରେ ବ୍ୟବଧାନ ବଢ଼ି ଚାଲିଛି । ଦେଶର ଜନସାଧାରଣଙ୍କ ମଧ୍ୟରୁ ୨୬ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ମୁଷ୍ଟିମେୟ ଧନୀ ଲୋକଙ୍କ ବିଳାସବ୍ୟସନ, ବହୁତଳ ବିଶିଷ୍ଟ ପ୍ରାସାଦ ନିର୍ମାଣ, ଶୀତତାପ ନିୟନ୍ତ୍ରିତ କୋଠାବାଡ଼ି ଓ ଗାଡ଼ି ମୋଟରର ବ୍ୟବହାର ବହୁ ଗୁଣରେ ବଢ଼ି ଚାଲିଛି । ଗ୍ରାମାଞ୍ଚଳ ଗରିବ ଅଧିବାସୀମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଅନିଶ୍ଚିତ ଭବିଷ୍ୟତ ସେହିଭଳି ରହିଛି । ଏସବୁ ବିଷୟରେ ଚିନ୍ତାକରି ସମାଧାନ ଖୋଜିବା ଓ ଆବଶ୍ୟକ ପଦକ୍ଷେପ ନେବା ଯେଉଁମାନଙ୍କଠାରୁ ଆଶା କରାଯାଏ, ଦେଶର ସେହି ରାଜନୈତିକ ନେତୃତ୍ୱ ତାହା ଶାସକ ଦଳ ହେଉ ବା ବିରୋଧୀ ଦଳ ହେଉ ଦେଶବାସୀଙ୍କୁ ସମ୍ପୂର୍ଣ୍ଣ ନିରାଶ କରିଛି । ସେମାନେ



ସମସ୍ତେ କେବଳ ନିଜର ଓ ନିଜ ଦଳର ସ୍ୱାର୍ଥ ନେଇ ବ୍ୟସ୍ତ । କୌଣସି ଆଦର୍ଶ ବା ଦେଶ ସେବା ପାଇଁ ନୁହେଁ, କଳେ ବଳେ କୌଶଳେ କିପରି କ୍ଷମତାସୀନ ହେବେ, ସମସ୍ତ ଶକ୍ତି କେବଳ ତହିଁରେ ନିୟୋଜିତ କରୁଛନ୍ତି । ବର୍ତ୍ତମାନ ରାଜନୀତିର ଯେଉଁ ଆଚରଣ ଦେଖିବାକୁ ମିଳୁଛି ତାହା ମିଥ୍ୟାଚାର, ପ୍ରବଞ୍ଚନା, ଅନ୍ୟାୟ, କ୍ଷମତାର ଅପପ୍ରୟୋଗ ଓ ହିଂସା ଦ୍ୱାରା ଅଧିକୃତ ; ଯେଉଁଥିରେ ରାଜନେତାଙ୍କ ଇଜ୍ଜତ ତଳେ ପଡ଼ିଯାଉଛି । ଶାସନ କ୍ଷେତ୍ରରେ ଅନାଚାର ଓ ଦିଗଭ୍ରଷ୍ଟ ଅନିଶ୍ଚିତତାର ଭାବ ଆମ ଜାତୀୟ ଜୀବନକୁ ଗ୍ରାସକଲାଣି ।

ଏ ସବୁ ପଛରେ ରହିଥିବା ମୁଖ୍ୟ କାରଣ ହେଲା ନିଜ ଦେଶର ଐତିହ୍ୟ, ପରମ୍ପରା ଓ ସ୍ୱଧର୍ମକୁ ଛାଡ଼ି ପାଶ୍ଚାତ୍ୟ ଦେଶଗୁଡ଼ିକର ସମୃଦ୍ଧି ଓ ଭୋଗ ସର୍ବସ୍ୱ ସଭ୍ୟତାରେ ପ୍ରଲୋଭିତ ହୋଇ ସେହି ଦେଶଗୁଡ଼ିକୁ ଆଦର୍ଶ ବୋଲି ଗ୍ରହଣ କରି ନେଇଛୁ । ସେହିମାନଙ୍କ ଢାଞ୍ଚାରେ ପୁଞ୍ଜିବାଦର ଅବାଧ ବିକାଶକୁ ଆମେ ଦେଶର ଅବାଧ ବିକାଶକ ଏବଂ ଆମ ଦେଶର ଅଗ୍ରଗତି ପାଇଁ ମୁଖ୍ୟ ନୀତି ଓ ପ୍ରଧାନ ତତ୍ତ୍ୱ ରୂପେ ଗ୍ରହଣ କରି ବସିଲୁ । ଯେଉଁ ସମାଜରେ ପୁଞ୍ଜି ଲଗାଣ ଓ ଲାଭ ଦ୍ୱାରା ବିପୁଳ ଅର୍ଥ ଉପାର୍ଜନ କରାଯାଏ ସେଠାରେ ଏକ ଭୋଗ ସର୍ବସ୍ୱ ସଭ୍ୟତା ଗଢ଼ି ଉଠେ । ଦେଶରେ ଅର୍ଥନୈତିକ ବୈଷମ୍ୟ ଦୂରକରିବାରେ କେହି ମୁଣ୍ଡ ଖେଳାଇଲେ ନାହିଁ । ଏହି ବିପଦ ସମ୍ପର୍କରେ ମହାନ୍ ଯୋଗୀ ଶ୍ରୀଅରବିନ୍ଦ ବହୁ ଆଗରୁ କହିଯାଇଛନ୍ତି, ଭାରତ ଆଗରେ କେତେକ ଗଭୀରତର ପ୍ରଶ୍ନ ରହିଛି । ଯେହେତୁ ପ୍ରଲୋଭନର ପଥ ଅନୁସରଣକରି ଅନ୍ୟ ଦେଶ ସମକକ୍ଷ ଦେଶରେ ପରିଣତ ହୋଇ ପାରେ । ଭାରତ ମଧ୍ୟ ବିପୁଳ ଶିଳ୍ପ, ବାଣିଜ୍ୟ,ସାମାଜିକ ତଥା ରାଜନୈତିକ ଜୀବନର ଏକ ଶକ୍ତିଶାଳୀ ସଙ୍ଗଠନକୁ ରୂପ ଦେଇପାରେ,ଏକ ବିପୁଳ ସାମରିକ ଶକ୍ତିରେ ସଜ୍ଜିତ ହୋଇ ବିଶ୍ୱର କ୍ଷମତାସମ୍ପନ୍ନ ରାଜନୀତିରେ ଅଂଶ ଗ୍ରହଣ କରିପାରେ । କିନ୍ତୁ ଏହି ଆଡ଼ମ୍ବର ଓ ଅଗ୍ରଗତି ଭିତରେ ନିଜର ସ୍ୱଧର୍ମ ଲୋପପାଇବାର ବିପଦ ପ୍ରତୀୟମାନ ହୁଏ । ଆଜିର ଶାସକମାନେ ପାଶ୍ଚାତ୍ୟ ଦେଶକୁ ଅନୁସରଣକରି ଚାଲୁଛନ୍ତି । କିନ୍ତୁ ଭାରତୀୟ ଗଣତନ୍ତ୍ରରେ ଏକ ସ୍ୱତନ୍ତ୍ରତା ରହିଛି । ତାହା ହେଲା ରାଷ୍ଟ୍ରମଙ୍ଗଳ ଚିନ୍ତା, ଏହି ଚିନ୍ତାଧାରାରେ ଶାସକମାନେ ପରିଚାଳିତ ହେବା କଥା । ପାଶ୍ଚାତ୍ୟ ଆଦର୍ଶରେ ଅନୁପ୍ରାଣୀତ ଶାସକ ରାଷ୍ଟ୍ରମଙ୍ଗଳ କଥାକୁ ଭୁଲିଯିବା ସ୍ୱାଭାବିକ । ବିଶ୍ୱ ରାଜନୀତିରେ ପାଦଦେବା ପାଇଁ ଭାରତର ଶାସକମାନେ ବାର୍ଷିକ ବଜେଟକୁ ବୃଦ୍ଧିକରି ଚାଲିଛନ୍ତି । କିନ୍ତୁ ସେମାନେ ଚିନ୍ତା କରନ୍ତି ନାହିଁ ଋଣ କରି ଘିଅ ପିଇବାରେ କୌଣସି ମାନେ ନ ଥାଏ । ତାହା ଭାରତବାସୀଙ୍କ ପାଇଁ ଦୁଃଖର ବିଷୟ । ଦେଶର ବିକାଶ, ଏକତା, ପ୍ରଗତିର ଆବଶ୍ୟକତା ଅଛି । କିନ୍ତୁ ଏହି ଚିନ୍ତାଧାରା ଆମ ମଧ୍ୟରେ ଯେଉଁ ଉଦ୍ଦୀପନା ସୃଷ୍ଟି କରିବା କଥା ତାହା କରିପାରୁ ନାହିଁ । ସେଥିପାଇଁ ପ୍ରତ୍ୟେକ ସରକାରଙ୍କ ଅମଳରେ ଗୋଟିଏ ଗୋଟିଏ ନୂଆ କୌଶଳ ଅବଲମ୍ବନ କରାଯାଉଥିବା ଅନୁଭୂତ ହୁଏ । ସେହି କୌଶଳଟି ହେଉଛି କିପରି କେଉଁ ଉପାୟ ବା ପ୍ରଲୋଭନରେ ଭୋଟ ବ୍ୟାଙ୍କ ତିଆରି ହୋଇ ପାରିବ । ଏଥିପାଇଁ ପ୍ରତ୍ୟେକ ସରକାର ଗୋଟିଏ ଶଗଡ଼ଗୁଳା ଭିତରେ ଗତି କରିଥାଆନ୍ତି । ଦଳୀୟ ସ୍ୱାର୍ଥ, କୌଶଳ, ପ୍ରଲୋଭନ ବ୍ୟତିରେକେ ସରକାର ରାଷ୍ଟ୍ରମଙ୍ଗଳ କଥା ଚିନ୍ତା କରିବା ଓ କାର୍ଯ୍ୟ କରିବା ଉପରେ ଶାସକମାନଙ୍କ ଇଜ୍ଜତ ନିର୍ଭରକରେ ।

**ସମ୍ପାଦକ, ଅଖିଳଚକ୍ର,ଓଡ଼ିଶା**
**ମୋ-୯୪୩୭୩୧୫୬୨୩**

## ଏଇ ଭାରତରେ

କୋରିଓଗ୍ରାଫର ବିନୟ ଶର୍ମାଙ୍କ ସମର୍ପିତ ଜୀବନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା । ସେ ନିର୍ଦ୍ଦେଶନା ଛାଡ଼ି ବସ୍ତି ପିଲାମାନଙ୍କୁ ମାଗଣାରେ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି । ବିନୟଙ୍କ ବୟସ ୩୫ । ରହୁଛନ୍ତି ଦିଲ୍ଲୀରେ । ସେ ୨୦୧୬ରେ 'ଡ୍ୟାନ୍ସ ଆଉଟ ଅଫ୍ ପଭର୍ଟି' ଆରମ୍ଭ କରି ଏହା ମାଧ୍ୟମରେ ଗରିବ ପିଲାମାନଙ୍କୁ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି । ବିଗତ ୬ ବର୍ଷରେ ୬ରୁ ୨୮ ବର୍ଷ ବୟସ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱଙ୍କୁ ଡ୍ୟାନ୍ସ ଶିକ୍ଷା ଦେଇସାରିଲେଣି । ସେ ମୁମ୍ବାଇରେ ପ୍ରଥମେ ଟି-ସିରିଜରେ ଯୋଗଦେଇ ପରେ ରାଜକୁମାର ସନ୍ତୋଷୀରେ ସହନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ଏଭଳି ଆକର୍ଷଣୀୟ କ୍ୟାରିୟର ଛାଡ଼ି ସେ ଦିଲ୍ଲୀ ଫେରଆସି ମାଗଣା ଡ୍ୟାନ୍ସ ଶିକ୍ଷା ଜାରି ରଖିଛନ୍ତି । ଏ ବାବଦରେ ବିନୟ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । କେବଳ ଏତିକି ନୁହେଁ, ତାଙ୍କ ଅନୁଷ୍ଠାନରୁ ଡ୍ୟାନ୍ସ ଶିକ୍ଷା ପାଇଁ ଏବେ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପିଲା ଡ୍ୟାନ୍ସର, ଡ୍ୟାନ୍ସ ଇନ୍‌ଷ୍ଟ୍ରକଟର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ କୋରିଓଗ୍ରାଫର ଭାବେ କାର୍ଯ୍ୟ କରୁଛନ୍ତି । ଏବେ ଦିଲ୍ଲୀର ୨୫୦ ପିଲା ବିନୟଙ୍କ ପାଖରୁ ଡ୍ୟାନ୍ସ ଶିକ୍ଷା କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଅଗଷ୍ଟ ୧୯୯୭

- ଜେରୁଜେଲମର କେନ୍ଦ୍ରାଞ୍ଚଳରେ ଥିବା ଏକ ବଜାର ଉପରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୫ ନିହତ ।
- ବାଂଲାଦେଶର ରାଜଧାନୀ ନଗରସ୍ଥିତ ଚାରୋଟି ପୋଷାକ କାରଖାନା ଥିବା ଏକ ବହୁତଳ ପ୍ରାସାଦରେ ଶ୍ରମିକଙ୍କ ମଧ୍ୟରେ ଦଳାଚକଟା ଘଟି ୨୪ ଜଣଙ୍କ ମୃତ୍ୟୁ ।
- ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ବିହାରର ପୂର୍ବତନ ମନ୍ତ୍ରୀ ବିଦ୍ୟାସାଗର ନିଶାଦଙ୍କ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ ।
- ମହାରାଷ୍ଟ୍ରର ଅମରାବତୀରୁ ଇନ୍ଦୋର ଅଭିମୁଖେ ଯାଉଥିବା ଏକ ବସ୍ ନର୍ମଦା ନଦୀକୁ ଖସିପଡ଼ିବା ଫଳରେ ୪୮ ମୃତ ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 3 | 4 |
| 3 | 2 | | 9 | 1 | | | | |
| 7 | | | 2 | 6 | | | | |
| | | | | | | | 4 | |
| | | | 1 | 3 | 9 | | 5 | |
| | 1 | | | | | | | 2 |
| 4 | | | | | | 5 | | 7 |
| 8 | | 5 | | | | | 6 | |
| | | 1 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 8 | 4 | 9 | 1 | 5 | 6 |
| 6 | 8 | 5 | 1 | 2 | 3 | 4 | 9 | 7 |
| 1 | 4 | 9 | 7 | 6 | 5 | 2 | 3 | 8 |
| 7 | 3 | 1 | 4 | 5 | 8 | 6 | 2 | 9 |
| 2 | 6 | 4 | 9 | 7 | 1 | 5 | 8 | 3 |
| 9 | 5 | 8 | 2 | 3 | 6 | 7 | 4 | 1 |
| 4 | 2 | 3 | 6 | 9 | 7 | 8 | 1 | 5 |
| 5 | 1 | 7 | 3 | 8 | 4 | 9 | 6 | 2 |
| 8 | 9 | 6 | 5 | 1 | 2 | 3 | 7 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅବଢ଼ା ସୁଲଭ ଦରରେ ମିଳୁ

ମହାଶୟ,

ଶ୍ରୀଶ୍ରୀ ରାମକୃଷ୍ଣ ପରମହଂସ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦକୁ ଭୂରି ଭୂରି ପ୍ରଶଂସା କରି କହିଥାନ୍ତି 'ଜଗନ୍ନାଥକା ଭାତ ଜଗତ ପ୍ରସାରେ ହାତ' । ଜଗନ୍ନାଥଙ୍କ ମହାପ୍ରସାଦ ପାଇବା ପାଇଁ ସମସ୍ତେ ପାଗଳ । ମହାପ୍ରସାଦର ଅନ୍ୟ ନାମ କୈବଲ୍ୟ । ମହାପ୍ରସାଦ ପ୍ରତି ଭୂତ, ପିଶାଚ ଏବଂ ଦେବତାମାନେ ବି ଆଶାୟୀ ଥା'ନ୍ତି । ଆନନ୍ଦ ବଜାର ମଧ୍ୟରେ ମହାପ୍ରସାଦ କିଣି ଖାଇବାରେ ପରମାନନ୍ଦ ମିଳିଥାଏ । ଦୁଃଖର କଥା, ବର୍ତ୍ତମାନ ସମୟରେ ଶ୍ରୀମନ୍ଦିର ଭିତରେ ମହାପ୍ରସାଦର ଦର ଯେପରି ଆକାଶ ଛୁଆଁ ହୋଇଛି ସାଧାରଣ ଗରିବ ଲୋକ କିଣି ଖାଇବା କେବେ ସମ୍ଭବ କି ? ଅବଢ଼ା ବିକୁଥିବା ବ୍ୟକ୍ତିମାନେ ଏହାକୁ ଉଚିତ୍ ମୂଲ୍ୟଠାରୁ ବହୁଗୁଣରେ ବିକ୍ରି କରୁଛନ୍ତି । ପ୍ରତିବାଦ କଲେ ଗାଳି ମିଳୁଛି । ଅବଢ଼ା ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ କୌଣସି ନିୟନ୍ତ୍ରଣ ନାହିଁ । ତେଣୁ ଗରିବ ଲୋକଟିଏ ଜଗାଦର୍ଶନ ପାଇଁ ଯେଉଁ ଆନନ୍ଦରେ ଧାଇଁ ଯାଉଛି ଆନନ୍ଦ ବଜାରରେ ତାକୁ ନିରାଶ ହେବାକୁ ପଡୁଛି ।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ସକଳ ଦୂର
ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ ।
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିଦଭରା ରାଇଜରେ ନିର୍ମଳା

ନିଦଭରା ରାତି ମଧୁଝରା ଜହ୍ନ, ସଞ୍ଜ ସକାଳେ ତୁମ ଛବି ଖୋଜେ, ପୂର୍ଣ୍ଣିମା ଜହ୍ନ ସତେ ଧରା ବୁକେ ହସିଲା, ମୁଁ ତୁମକୁ ଭଲପାଏ ଲୁଚି ଲୁଚିକା... ଏହିସବୁ ମନୋମୁଗ୍ଧକର ସଙ୍ଗୀତ ଶୁଣି ଆଖିକୁ ନିଦ ଭେଟି ଦେଉଥିବା ଗାୟିକା ନିର୍ମଳା ମିଶ୍ର ପରପାରିରେ। ସେହି ନିଦଭରା ରାତିର ଅଫେରା ରାଇଜକୁ ସେ ଚାଲିଯାଇଛନ୍ତି। ତାଙ୍କ ସଙ୍ଗୀତ ଏତେ ସୁମଧୁର ଓ ସ୍ୱର ଏତେ ସୁଲଳିତ ଥିଲା ଯେ, ଶ୍ରୋତା ଶୁଣିବା ମାତ୍ରେ ନିଜକୁ ସେଥିରେ ହଜାଇ ଦେଉଥିଲେ। ଓଡ଼ିଆ ଓ ବଙ୍ଗଳାରେ ସେ ବହୁ ସଙ୍ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଦେଇଯାଇଛନ୍ତି। ୬୦ରୁ ୭୦ ଦଶକରେ ସେ ଗାଇଥିବା ଗୀତ କେବଳ ବୟସ୍କ ନୁହନ୍ତି, ଏବେ ବି ଯୁବପିଢ଼ିଙ୍କୁ ଆନମନା କରିଦିଏ। ମନକୁ ଶାନ୍ତି ଦେଉଥିବା ସେହି ଓଡ଼ିଆ ସ୍ୱର ସମ୍ରାଜ୍ଞୀ ଶନିବାର ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ତାଙ୍କ ପରଲୋକରେ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।



### ସଙ୍ଗୀତଜଗତ ପ୍ରତି ତାଙ୍କ ଅବଦାନ ଅବିସ୍ମରଣୀୟ



ନିର୍ମଳା ମିଶ୍ର ଜଣେ ଉଚ୍ଚକୋଟୀର ଗାୟିକା ଥିଲେ। ତାଙ୍କର ସୁମଧୁର ସଂଗୀତର ମୂର୍ଚ୍ଛନା ପାଇଁ ସମସ୍ତଙ୍କ ହୃଦୟରେ ସେ ମନେରହିବେ। ତାଙ୍କ ବିୟୋଗ ଓଡିଆ ସଙ୍ଗୀତଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଦିବଂଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି।

– ଅଶ୍ୱିନୀ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

### ନିର୍ମଳାଙ୍କ ଅଭୁଲା ଗୀତ

ଏଇ ଭରା ଜହ୍ନ ରାତି...
ନିଦଭରା ରାତି ମଧୁଝରା ଜହ୍ନ...
ମୁଁ ତୁମକୁ ଭଲପାଏ ଲୁଚି ଲୁଚିକା...
ଜୋଛନା ଲୁଚନା ଦୂର ନୀଳ ଗଗନେ...
କଇଁଚି କାକୁଡ଼ି ନଳିତା ପିତା...
ପୂର୍ଣ୍ଣିମା ଜହ୍ନ ସତେ ଧରାବୁକେ ହସିଲା...
ଜୀବନ ଯମୁନାରେ ଜୁଆର ଉଠେରେ...
କାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକାଆଖି...

### ଚଳଚ୍ଚିତ୍ର, ସଙ୍ଗୀତ ଜଗତର ନମସ୍ୟା



ସେ ଜଣେ ଅମାୟିକା ଭଦ୍ର ମହିଳା ଥିଲେ। ବେଙ୍ଗଲୀ ହୋଇଥିଲେ ମଧ୍ୟ ତାଙ୍କ ଓଡ଼ିଆ ଉଚ୍ଚାରଣ ଅତ୍ୟନ୍ତ ସ୍ପଷ୍ଟ ଥିଲା। ସେ ଓଡ଼ିଆ ସିନେମା ଓ ସଙ୍ଗୀତ ଜଗତର ନମସ୍ୟା ଥିଲେ। ୬୦ରୁ ୭୦ ଦଶକ ପର୍ଯ୍ୟନ୍ତ ବହୁତ ଉଚ୍ଚକୋଟୀର ଗୀତ ଗାଇଛନ୍ତି। ସେ ମୋତେ ସାନ ଭାଇ ପରି ବହୁତ ସ୍ନେହ କରନ୍ତି। କଲିକତା ଯାଇ ତାଙ୍କ ହାତରନ୍ଧା ଇଲିଶି ମାଛର ସୁସ୍ୱାଦୁ ତରକାରି ଖାଇଛି। ତାଙ୍କ ପରଲୋକରେ ମୋ ପରିବାରର ଜଣେ କେହି ଛାଡ଼ି ଚାଲି ଗଲାପରି ଲାଗୁଛି। ମୃତ୍ୟୁଖବର ଶୁଣି ମୁଁ ବିଶେଷ ଭାବେ ଦୁଃଖୀ। ଓଡ଼ିଆ ସିନେ ଜଗତ ପାଇଁ ତାଙ୍କ ଅବଦାନ ଅତୁଳନୀୟ।

– ସୁବାସ ଦାସ, କଣ୍ଠଶିଳ୍ପୀ

### ଅପ୍ରତିଦ୍ୱନ୍ଦ୍ୱୀ ଗାୟିକା ଥିଲେ



ନିର୍ମଳା ମିଶ୍ର ଜଣେ ବହୁ ପ୍ରତିଭାଶାଳୀ ଏବଂ ଅପ୍ରତିଦ୍ୱନ୍ଦ୍ୱୀ ଗାୟିକା ଥିଲେ। ବିଶେଷକରି ସେ ସମୟରେ ବାଳକୃଷ୍ଣ ଦାଶଙ୍କ ସ୍ୱରରେ ଯେଉଁ ଗୀତ ହେଉଥିଲା, ସେହି ଗୀତଗୁଡ଼ିକୁ ନିର୍ମଳା ଚମତ୍କାର ଭାବେ ପରିବେଷଣ କରୁଥିଲେ। ତାଙ୍କ ଗାୟକିରେ ବେଙ୍ଗଲୀର ବାସ୍ନା ନ ଥିଲା। ଜଣେ ଓଡ଼ିଆ ଭାବେ ଗୀତ ଗାଉଥିଲେ। ତାଙ୍କର 'ନିଦଭରା ରାତି ଗୀତ' ଆଜି ବି ଶ୍ରୋତାଙ୍କୁ ବିମୋହିତ କରେ। ତାଙ୍କ ଭଳି କଣ୍ଠଶିଳ୍ପୀଙ୍କୁ ହରାଇ ଆମର ବିରାଟ କ୍ଷତି ହେଲା।

– ଡ. ଚିତ୍ତରଞ୍ଜନ ପାଣି, ଶାସ୍ତ୍ରୀୟ ସଂଗୀତଜ୍ଞ

### ୱେଷ୍ଟ ବେଙ୍ଗଲର ନାଇଟିଙ୍ଗଲ



ଆମ ପରିବାର ସହ ତାଙ୍କର ଘରୋଇ ସମ୍ପର୍କ। ବାପାଙ୍କ ସହ ବହୁତ ଗୀତ ଗାଇଛନ୍ତି। ତାଙ୍କ ଭଳି ଗାୟିକା ଆଉ ଜନ୍ମ ହେବେ କି ନାହିଁ ସନ୍ଦେହ। ତାଙ୍କୁ ୱେଷ୍ଟ ବେଙ୍ଗଲର ନାଇଟିଙ୍ଗଲ କହିଲେ ଭୁଲ ହେବନି। ଓଡ଼ିଆ ଭାଷାକୁ ଏତେ ଭଲ ଭାବରେ ଅକ୍ତିଆର କରି ଗାଇ ପାରୁଥିଲେ ଯେ, ତାହା ତାଙ୍କର ବିଶେଷ ଗୁଣ ଥିଲା। ତାଙ୍କ ଗୀତରୁ ବହୁ ଉପାଦେୟ କଥା ଯୁବପିଢ଼ି ପାଇପାରିବେ। ସେଟ୍‌ରେ ସେ ଛୋଟରୁ ବୟସ୍କମାନଙ୍କୁ ସମ୍ମାନ ଜଣାଉଥିଲେ, ଯାହା ତାଙ୍କଠୁ ଯୁବପିଢ଼ି ଶିଖିପାରିବେ।

– ମହାପ୍ରସାଦ କର, କଣ୍ଠଶିଳ୍ପୀ

## ଓଡ଼ିଆ ସ୍ୱର ସମ୍ରାଜ୍ଞୀ ନିର୍ମଳା ମିଶ୍ର

୧୯୬୦ ଏପ୍ରିଲ ୧୪ ତାରିଖରେ କଟକର କ୍ୟାପିଟାଲ ସିନେମାରେ ମୁକ୍ତିଲାଭ କରିଥିବା 'ଶ୍ରୀ ଲୋକନାଥ' ଚଳଚ୍ଚିତ୍ରରେ ଗୋଟିଏ ସୁପରହିଟ୍ ଗୀତ ''ଆଜି ଆକାଶେ କି ରଙ୍ଗ ଲାଗିଲା, ଚୋରା ପବନେ ସୁରଭି କେ ଦେଲା'' ହଇଚଇ ସୃଷ୍ଟି କରିଥିଲା ଓଡ଼ିଆ ଚଳଚ୍ଚିତ୍ରପ୍ରେମୀଙ୍କ ମନରେ । ଏହାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ବାଳକୃଷ୍ଣ ଦାଶ ଓ ଗୀତ ଲେଖିଥିଲେ କାର୍ତ୍ତିକ ଘୋଷ। ତେବେ ଯାହାଙ୍କ କଣ୍ଠରୁ ଶ୍ରୋତା ଏ ଗୀତ ଶୁଣିଥିଲେ, ସେ ଥିଲେ ଜଣେ ଅଣଓଡ଼ିଆ କଣ୍ଠଶିଳ୍ପୀ ନିର୍ମଳା ମିଶ୍ର। ତାଙ୍କ ପିତା ପଣ୍ଡିତ ମୋହିନୀମୋହନ ମିଶ୍ର ଓ ଭାଇ ମୁରାରୀ ମୋହନ ମିଶ୍ର ମଧ କଣ୍ଠଶିଳ୍ପୀ ଥିଲେ। ପିଲାଟି ଦିନୁ ଏକ ସଙ୍ଗୀତମୟ ପରିବେଶରେ ସେ ବଢ଼ିଥିଲେ। ଅକ୍ଷୟ ମହାନ୍ତିଙ୍କ ସହ 'ଏହି ଭରା ଜହ୍ନରାତି', ସିକନ୍ଦର ଆଲାମଙ୍କ ସହ 'ମାୟାବିନୀ ବନ ଜୋଛନା' ଏବଂ ପ୍ରଣବ ପଟ୍ଟନାୟକଙ୍କ ସହ 'ପୂର୍ଣ୍ଣିମା ଜହ୍ନ ସତେ ଧରା ବୁକେ ହସିଲା, ଚମକିଲେ କୁମୁଦିନୀ ସରମରେ ସରିଲା' ଗୀତ ନିର୍ମଳାଙ୍କ ମିଶ୍ରଙ୍କ କଣ୍ଠରୁ ଝଙ୍କୃତ ହେବା ପରେ ଓଡ଼ିଆ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ସେହିପରି 'ମୁଁ ତୁମକୁ ଭଲପାଏ ଲୁଚି ଲୁଚିକା', 'ଜୋଛନା ଲୁଚନା', 'ନିଦଭରା ରାତି ମଧୁଝରା ଜହ୍ନ', ଲୋରି ଗୀତ-'କଇଁଚି କାକୁଡ଼ି ନଳିତା ପିତା' ଏବଂ ଭଜନ -'କାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକାଆଖି' ଆଦି କାଳଜୟୀ ଗୀତକୁ ଓଡ଼ିଆମାନେ ଗୁଣୁଗୁଣାଇ ଥାଆନ୍ତି। ନିର୍ମଳା ମିଶ୍ରଙ୍କ ଅବଦାନ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଉଲ୍ଲେଖନୀୟ। ତାଙ୍କର ସ୍ପଷ୍ଟ ନିର୍ଭୁଲ ଓଡ଼ିଆ ଉଚ୍ଚାରଣରୁ ତାଙ୍କୁ କଦାପି ଜଣେ ଅଣଓଡ଼ିଆ କଣ୍ଠଶିଳ୍ପୀ ବୋଲି କହି ହୁଏନା। ସେ ଓଡ଼ିଶାର ସ୍ୱର ସମ୍ରାଜ୍ଞୀ ଭାବେ ପରିଚିତ ଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି।

– ଆଦିକନ୍ଦ ରାଉତ, ସିନେ ସମୀକ୍ଷକ, ମଧୁପାଟଣା, କଟକ

# ଆଉ ୩ଦିନ ତାତି, ୪ରୁ ପୁଣି ବର୍ଷା

ଭୁବନେଶ୍ୱର, ୩୧।୭(ବ୍ୟୁରୋ)



ଶ୍ରାବଣ ମାସରେ ଧୁ ଧୁ ଖରା। ଅସହ୍ୟ ହେଉଛି ତାତି ସାଙ୍ଗକୁ ଗୁଳୁଗୁଳି। ଖରାଦିନ ଭଳି ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରାଜ୍ୟରେ ମୌସୁମୀ ଦୁର୍ବଳ ହେବାରୁ ତାପମାତ୍ରା ବଢୁଛି। ଦିନ ଓ ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ରବିବାର ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୬.୧ ଡିଗ୍ରୀ ରହିଥିବାବେଳେ ସମ୍ବଲପୁର ୩୬, କଟକ ୩୫.୬, ଚାନ୍ଦବାଲି ୩୫.୭, ଝାରସୁଗୁଡ଼ା ୩୫.୨, ଟିଟିଲାଗଡ଼ ୩୫.୫, ବରଗଡ଼ ୩୫.୬, ଭଦ୍ରକ ୩୫, ନୟାଗଡ଼ ୩୫, ବୌଦ୍ଧ ୩୫, ପାରଳାଖେମୁଣ୍ଡି ୩୫, ସୋନପୁର ୩୫.୬, ମାଲାକାନଗିରି ୩୫, ବଲାଙ୍ଗୀର ୩୫.୨, ହୀରାକୁଦ ୩୫.୨ ଡିଗ୍ରୀ ଓ ବାକିସବୁ ଜିଲାରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା। ତେବେ ଆଗାମୀ ୨ରୁ ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏ ଅଧିକ ରହିବ। ଉପକୂଳ ଓଡ଼ିଶାରେ ଉଚ୍ଚ ଆର୍ଦ୍ରତା ଏବଂ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା କାରଣରୁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ତେବେ ଆସନ୍ତା ୪ ତାରିଖରୁ ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହେବ। ଏହାପରେ ତାତିରୁ ଆଶ୍ୱସ୍ତି ମିଳିବ। ୪ ତାରିଖ ଦିନ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡିରେ ପ୍ରବଳ ବର୍ଷା ହେବ ଏବଂ ଏଥିପାଇଁ ୟେଲୋ ୱାର୍ନିଂ ଜାରି ରହିଛି। ସୋମବାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ନବରଙ୍ଗପୁରରେ, ମଙ୍ଗଳବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, କନ୍ଧମାଳ, ନବରଙ୍ଗପୁରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ବୁଧବାର ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଉତ୍ତର ଓଡ଼ିଶାର କିଛି ଜିଲାରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ରବିବାର ଚାନ୍ଦବାଲିରେ ୨୫.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱରରେ ୨.୫, ପାରାଦୀପ ୨.୨, ଜଗତସିଂହପୁର ୩ ଓ କେନ୍ଦ୍ରାପଡ଼ାରେ ୨ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



ଖୋର୍ଦ୍ଧା ବରୁଣେଇ ପାଦଦେଶରେ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ୧୦ ଏକର ଜାଗା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ସୂଚନା ଭବନଠାରେ ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ସହ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶର ଆୟୋଜନ କରାଯାଇଥିଲା। ସମାବେଶରେ ଯୋଗଦେବା ପାଇଁ ମହିଳାମାନେ ପାଇକ ବେଶରେ ଶୋଭାଯାତ୍ରାରେ ଆସୁଛନ୍ତି।

# ଘର ଆଗରେ ଗହଳି ନ କରିବାକୁ ଅନୁରୋଧ କଲେ ଅପରାଜିତା

ଭୁବନେଶ୍ୱର,୩୧।୭(ବ୍ୟୁରୋ)

### ବାବୁସାନ୍-ତୃପ୍ତି-ପ୍ରକୃତି ବିବାଦ

ଅଭିନେତା ବାବୁସାନ ମହାନ୍ତି, ସ୍ତ୍ରୀ ତୃପ୍ତି ଓ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ଏବେ ବି ଚର୍ଚ୍ଚା ଲାଗି ରହିଛି। ଏଥିସହ ଷ୍ଟାର୍ ପରିବାରରେ ସୃଷ୍ଟି ହୋଇଥିବା ଅଶାନ୍ତିର ସମାଧାନ ପାଇଁ ଉଦ୍ୟମ ଚାଲିଛି। ଅପ୍‌ଡେଟ୍ ଜାଣିବା ଲାଗି ରାଜ୍ୟବାସୀ ଉତ୍ସୁକତାର ସହ ଚାହିଁ ରହିଥିବାବେଳେ ଗଣମାଧ୍ୟମ ପ୍ରତିନିଧି ଷ୍ଟାର୍‌ଙ୍କ ଘର ଆଗରେ ଭିଡ଼ ଲଗାଉଛନ୍ତି। ଏପରିସ୍ଥିତିରେ ବାବୁସାନ୍‌ଙ୍କ ମା' ତଥା ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି ଏକ ଭିଡିଓ ଜାରି କରି କହିଛନ୍ତି, ପରିବାରକୁ ଏକୁଟିଆ ଛାଡ଼ି ଦିଅନ୍ତୁ। ସାହାଯ୍ୟ ସହଯୋଗ ପାଇଁ ସବୁ ମିଡିଆକୁ ଆମ ପରିବାର ତରଫରୁ ଧନ୍ୟବାଦ ଜଣାଉଛୁ। ଏବେ ଉତ୍ତମ ବାବୁ ଓ ବଡ଼ ଭିଣୋଇଙ୍କ ଦେହ ଭଲ ନାହିଁ। କେତେବେଳେ ଆମ୍ବୁଲାନ୍ସ ଦରକାର ପଡ଼ିବ କହିହେବ ନାହିଁ। ୧୦ ଦିନ ହେଲାଣି ମିଡିଆ ଆମ ଘର ସାମ୍‌ନାରେ ଛିଡ଼ା ହୋଇଥିବାରୁ ଗହଳି ହେଉଛି । ଲୋକେ ଠିକ୍‌ରେ ଯିବା ଆସିବା କରି ନ ପାରି ହଇରାଣ ହେଉଛନ୍ତି। ତେଣୁ ଆମକୁ ଏକୁଟିଆ ଛାଡ଼ି ଦିଅନ୍ତୁ ବୋଲି ଅପରାଜିତା ଅନୁରୋଧ କରିଛନ୍ତି। ସେପଟେ ଅଭିନେତା ରବି ମିଶ୍ର ମଧ ଗଣମାଧ୍ୟମକୁ ବିରତ ରହିବାକୁ ଅପିଲ୍ କରିଛନ୍ତି । ବାବୁ-ତୃପ୍ତି କଥା ହୋଇଛନ୍ତି, ସବୁ ଠିକଠାକ୍ ଅଛି। ଶନିବାର ବାବୁସାନଙ୍କ ବାର୍ଥଡେ'ରେ ତାଙ୍କ ଶ୍ୱଶୁର ସାମିଲ ହେବା ଏହାର ପ୍ରମାଣ ବୋଲି କହିଛନ୍ତି ରବି ମିଶ୍ର।

ଏପଟେ ପୂରା ଘଟଣାକ୍ରମକୁ ଦେଖିଲେ ପୁଅବୋହୂଙ୍କ ସଂସାର ସଜାଡ଼ିବାରେ ନାୟିକା ଭୂମିକା ନିର୍ବାହ କରୁଛନ୍ତି ଅପରାଜିତା ମହାନ୍ତି। ଜୁଲାଇ ୨୩ ସତ୍ୟନଗର ରାସ୍ତାରେ ହାଇଡ୍ରାମା ଘଟଣା ପରେ ଅପରାଜିତା ବୋହୂ ତୃପ୍ତି ଶତପଥୀଙ୍କ ବାପଘରକୁ ଯାଇ ତାଙ୍କୁ ସମର୍ଥନ ଦେଇଥିଲେ। ଏପରିକି ତୃପ୍ତିଙ୍କ ସହ ନିଜେ ଖାରବେଳନଗର ଥାନାକୁ ଯାଇଥିଲେ। ସେଠାରେ ଅପରାଜିତାଙ୍କ ଉପସ୍ଥିତିରେ ତୃପ୍ତି ସ୍ୱାମୀ ବାବୁସାନ ଓ ପ୍ରକୃତିଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅପରାଜିତାଙ୍କ ଏପରି ପଦକ୍ଷେପକୁ ଲୋକେ ସାବାସି ଦେବାସହ ଜଣେ ଭଲ ଶାଶୁ ଭାବେ ପ୍ରଶଂସା କରିଥିଲେ। ସେହିପରି ବାବୁସାନ ଚେନ୍ନାଇରେ ଥିବାବେଳେ ପୁଅ ଭଲରେ ଫେରିଆସୁ ବୋଲି ସେ ସମସ୍ତଙ୍କୁ ଆକୁଳ ନିବେଦନ କରିଥିଲେ। ବାବୁସାନ ଫେରିଆସିବା ପରେ ପୁଅକୁ ଯେମିତି ପାଖରୁ ଛାଡୁ ନାହାନ୍ତି ମା' ଅପରାଜିତା। ପୁଅବୋହୂଙ୍କ ସଂସାରକୁ ଯୋଡ଼ିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପୁଅ ଜନ୍ମଦିନରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ବାବୁସାନଙ୍କ ସହ ଖାରବେଳନଗର ଥାନାକୁ ଯାଇଥିଲେ ଅପରାଜିତା। ଫଳରେ ଅପରାଜିତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି।



ଅପରାଜିତା ମହାନ୍ତି

# ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା

### ୨ ମୃତ, ୨ ଗୁରୁତର

ନୂଆପଡ଼ା ଅଫିସ,୩୧।୭

ନୂଆପଡ଼ା ଜିଲା କୋମନା ଥାନା ତରବୋଡ କେନ୍ଦୁପତ୍ର ଗୋଦାମ ପାଖରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ସର୍ଗିଗୁଡାର ଅଭିଷେକ ପ୍ରଧାନ (୨୯) ଓ କଳାହାଣ୍ଡି ଜିଲା ଛେଲିଆମାଲ ଗାଁର ଧର୍ମେନ୍ଦ୍ର ମହରା (୩୩)। ଶନିବାର ମଧ୍ୟରାତ୍ରିରେ ଓଡି ୧୮ଏଫ୍ ୩୫୧୪ ନଂ. ଟ୍ରକ କୋମନା ପଟୁ ନୂଆପଡ଼ା ପଟେ ଆସୁଥିବାବେଳେ ସିଜି ୦୪ ଏନଏଚ ୧୩୯୭ ନଂ. ଟ୍ରକ ନୂଆପଡ଼ା ପଟୁ କୋମନା ପଟେ ଯାଉଥିଲା। ମୁହାଁମୁହିଁ ଧକ୍କା ହେବାରୁ କୋମନା ପଟୁ ଆସୁଥିବା ଟ୍ରକର ଡ୍ରାଇଭର, ହେଲପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଯୁଦ୍ଧ ବାଦ୍ୟର ତାଳେତାଳେ ମହିଳା ପାଇକ

ଭୁବନେଶ୍ୱର,୩୧।୭ (ବ୍ୟୁରୋ)

ଯୁଦ୍ଧ ବାଦ୍ୟର ତାଳେତାଳେ ମହିଳା ପାଇକଙ୍କ ଶୋଭାଯାତ୍ରା ରାଜଧାନୀର ରାଜରାସ୍ତାରେ ନିଆରା ପରିବେଶ ସୃଷ୍ଟି କରିଥିଲା। ଖଣ୍ଡା, ତଲୱାର, ଗଦା, ମୁଦ୍‌ଗର, ବାଡ଼ି ଚାଳନା କରି ମହିଳା ପାଇକ ଆଖଡ଼ା ଦଳ ଏକ ଶୋଭାଯାତ୍ରାରେ ଆସି ରବିବାର ସୂଚନା ଭବନଠାରେ ଏକତ୍ରିତ ହୋଇଥିଲେ। ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ମହିଳା ପାଇକ ବାହିନୀ, ପାଇକ ଆଖଡ଼ା ଦଳ ଆଖଡ଼ା ପ୍ରଦର୍ଶନ କରି, ବାଣ ଫୁଟାଇ, ହରିବୋଲ, ହୁଳହୁଳି ପକାଇ ବିଜୟ ଉତ୍ସବ ପାଳନ କରିଥିଲେ। ନିକଟରେ ରାଜ୍ୟ ସରକାର ବରୁଣେଇ ପାଦ ଦେଶରେ ସ୍ମାରକୀ ନିର୍ମାଣ ପାଇଁ ବିନା ମୂଲ୍ୟରେ ଜାଗା ପ୍ରଦାନ କରିଛନ୍ତି। ଏହି ଅବସରରେ ବିଜୟ ଉତ୍ସବର ଆୟୋଜନ କରାଯାଇଥିଲା। ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ କୁଳର ମଉଡ଼ମଣି ଉପାଧି ପ୍ରଦାନ କରାଯାଇଥିଲା। ଆୟୋଜିତ ବିଜୟ ଉତ୍ସବରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଆ ଜାତିର ଅସ୍ମିତା ଓ ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣାଭ ଚିତ୍ର ଭାବରେ ପାଇକ ସ୍ମାରକୀ ଓ ସ୍ମୃତିସ୍ତମ୍ଭ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହ ଓଡ଼ିଆ ଜାତିର ବୀରତ୍ୱପୂର୍ଣ୍ଣ ଇତିହାସର ପରିଚୟ ପ୍ରଦାନ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀକା ସ୍ମିତା ଭ୍ରମରବର ରାୟ, ପୂର୍ଣ୍ଣିମା ଦାସ, ଲିପ୍ସା ମହାନ୍ତି, ଡ. ଅଶୋକ ସୁନ୍ଦରାୟ ସମେତ ବହୁ ପାଇକ ସର୍ଦ୍ଦାର, ପାଇକ ଗୁରୁ, ଦଳେଇ, ଦଳବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦୃଢ ଦାବି ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ମହିଳା ପାଇକ ବାହିନୀ, ପାଇକ ଆଖଡ଼ା ଦଳ ଓ ପାଇକ ସର୍ଦ୍ଦାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ସୂଚକ କୃତଜ୍ଞତା ପତ୍ର ପ୍ରଦାନ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ଅଗଷ୍ଟ, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କ୍ଷେତ ମୂଲିଆଙ୍କ କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ବିକେଏମ୍ ପକ୍ଷରୁ ରାସ୍ତାରୋକୋ ଓ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୦ଟା ୩୦।
- ଦେଶବ୍ୟାପୀ ଅଭିଯାନ ଓ ଆନ୍ଦୋଳନ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା ୩୦।
- ବିଭୁକିଶୋର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଶୋର କୁମାର ସଙ୍ଗୀତ ସନ୍ଧ୍ୟା ଚାପ୍ଟର-୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଡିୟର ଜିନ୍ଦେଗୀ ଚାପ୍ଟର-୨, ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ର, ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଲୁପ୍ତପ୍ରାୟ ଓଡ଼ିଶୀ ନୃତ୍ୟ, ମୁନ୍‌ସି ହଲ୍, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ଶବରୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

କଟକ

- ଏମ୍‌ଆର୍‌ଏଫ୍ ଟାୟାର୍ସ ଓ ସର୍ଭିସ ଫ୍ରାଞ୍ଚାଇଜ୍‌ର ଉଦ୍‌ଘାଟନ, ରଶ୍ମି ଅଟୋ ମୋବାଇଲ୍ସ, ଲିଙ୍କ୍‌ରୋଡ, ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ଏସ୍‌ସିବିରେ ଚାକିରି କରାଇ ଦେବାକୁ କହି ଠକେଇ, ଯୁବକ ଗିରଫ

**କଟକ ଅଫିସ,୩୧।୭:** ଚାକିରି କରାଇ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଠକି ନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ସେକ୍ ମୁଜିବୁର ରେହେମାନ। ଦେବାଶିଷ ମଲ୍ଲିକ ନାମକ ଯୁବକଙ୍କୁ ଅଭିଯୁକ୍ତ ଜଣଙ୍କ ଏସ୍‌ସିବି ମେଡିକାଲରେ ସ୍ଥାୟୀ ଚାକିରି କରାଇଦେବାକୁ କହି ୫୦ ହଜାର ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ମଲ୍ଲିକଙ୍କ ଚାକିରି କରାଇ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୬/୨୨) ରୁଜୁ କରିଥିଲା।

### ନନ୍ଦନକାନନରେ ଗୁରାଣ୍ଡି ମୃତ

**ବାରଙ୍ଗ,୩୧।୭(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ଏକ ମାଈ ଗୁରାଣ୍ଡିର ମୃତ୍ୟୁ ଘଟିଛି। ଏନ୍‌କ୍ଲୋଜର ୩୭ ସି'ରେ ଗୁରାଣ୍ଡିଟି ବିଚରଣ କରୁଥିବା ବେଳେ ଅପରାହ୍ନରେ ମୃତ୍ୟୁ ହୋଇଥିଲା। ତେବେ ହଠାତ୍ ଗୁରାଣ୍ଡିର ମୃତ୍ୟୁ ଘଟିବାରୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବ୍ୟବଚ୍ଛେଦ କରାଯାଇଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୨ରେ ପହଞ୍ଚିଥିବା ଜଣାପଡ଼ିଛି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୩୧।୭(ଡି.ଏନ୍.ଏ.):** ବାରଙ୍ଗ ଜିଆର୍‌ପି ଫାଣ୍ଡି ଅଧୀନ ନେତଲ ଗ୍ରାମ ନିକଟ ରେଳଧାରଣାରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଜିଲା ବିଡ଼ାନାସୀ ଥାନା ଅନ୍ତର୍ଗତ ଶତାବ୍ଦୀ ବିହାର ଅଞ୍ଚଳର ଚନ୍ଦ୍ରପ୍ରକାଶ ସାହୁ(୨୯)। ଏଥିସହ ରେଳଧାରଣା ନିକଟରୁ ତାଙ୍କ ବାଇକ୍(ଓଡି ୦୫ଏସ୍-୦୩୬୫) ଜବତ ହୋଇଛି। ଏକ କମ୍ପାନୀର କେତେଜଣ କର୍ମଚାରୀ ସକାଳେ ଶୌଚ ପାଇଁ ଯାଇଥିବା ବେଳେ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୨)ରୁଜୁକରି ତଦନ୍ତ ଚଳାଇଛି।

# ଉତ୍ତେଜନା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମାର୍କେଟ ବିଲ୍ଡିଂ ବନ୍ଦ

## ସ୍ଥାୟୀ ଓ ଉଠା ଦୋକାନୀ ମୁହାଁମୁହିଁ

- ଉଭୟ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା
- ସ୍ଥାୟୀ ଉଚ୍ଛେଦ ଦାବିକଲା ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନ

ଭୁବନେଶ୍ୱର, ୩୧।୭ (ବ୍ୟୁରୋ)



ମାର୍କେଟ ବିଲ୍ଡିଂରେ ଉତ୍ତେଜନା ସମୟର ଦୃଶ୍ୟ।

ରାଜଧାନୀର ପ୍ରମୁଖ ବଜାର ୟୁନିଟ-୨ ମାର୍କେଟ ବିଲ୍ଡିଂରେ କିଛିଦିନର ବ୍ୟବଧାନ ପରେ ପୁଣିଥରେ ଉଠାଦୋକାନୀ ଓ ସ୍ଥାୟୀ ବ୍ୟବସାୟୀ ମୁହାଁମୁହିଁ ହୋଇଛନ୍ତି। ରବିବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନା ଲାଗି ରହିଥିଲା। ଏହାପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟକୁ ବନ୍ଦ ଘୋଷଣା କରିଛି ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନ। ଉଠା ଦୋକାନୀଙ୍କୁ ନେଇ ମାର୍କେଟ ବିଲ୍ଡିଂରେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସେମାନଙ୍କ ପାଇଁ ବଜାର ଗହଳି ଓ ଆବର୍ଜନାମୟ ହେବା ସହ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନେ ବ୍ୟବସାୟ କରିପାରୁ ନାହାନ୍ତି। ତେଣୁ ଦୀର୍ଘବର୍ଷ ହେବ ଉକ୍ତ ବ୍ୟବସାୟୀମାନେ ଉଠା ଦୋକାନୀଙ୍କୁ ବିରୋଧ କରି ଆସୁଛନ୍ତି। ଏପରିକି ପୂର୍ବରୁ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଏକାଧିକଥର ବଜାର ବନ୍ଦ କରିଛନ୍ତି। ହେଲେ ଉଠା ଦୋକାନୀଙ୍କୁ ବାରମ୍ବାର ଉଠା ଯାଉଥିଲେ ମଧ୍ୟ ପୁଣି ସେମାନେ ଅସାମାଜିକ ଗୋଷ୍ଠୀ ସହାୟତାରେ ଜବରଦଖଲ କରି ବେପାର କରୁଛନ୍ତି। ଗତ ଜୁଲାଇ ୨୪ରେ ବିଏମ୍‌ସି କମିଶନର ଓ ମେୟର ମାର୍କେଟ ବିଲ୍ଡିଂ ବୁଲି ଯାଞ୍ଚ କରୁଥିବାବେଳେ ଉଠାଦୋକାନୀଙ୍କୁ ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେମାନେ ସେଠାରୁ ଉଠି ଯାଇଥିଲେ। ମାତ୍ର ସପ୍ତାହେ ନ ପୂରୁଣୁ ରବିବାର ଉଠାଦୋକାନୀମାନେ ପୁଣି ସେମାନଙ୍କ ସାମଗ୍ରୀ ଧରି ମାର୍କେଟରେ ପହଞ୍ଚିଥିଲେ। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କଥା କଟାକଟି ହେବା ସହିତ ଠେଲାପେଲାରୁ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା। ଖବରପାଇ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଘଟଣାକୁ ନେଇ ଉଭୟ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ସଂଘ କହିଛି ଯେ, ମାର୍କେଟ ବିଲ୍ଡିଂରୁ ଉଠାଦୋକାନୀଙ୍କୁ ସ୍ଥାୟୀ ଭାବେ ଉଚ୍ଛେଦ କରା ନ ଯିବା ଯାଏ ମାର୍କେଟ ବନ୍ଦ ରହିବ। ମାର୍କେଟରେ ଯେପରି ଉଠା ଦୋକାନୀ ଆଉ ଥରେ ବେପାର ଆରମ୍ଭ ନ କରନ୍ତି, ସେଥିପାଇଁ ବିଏମ୍‌ସିର ଏକ ମନିଟରିଂ ଟିମ୍ ନିୟମିତ ଏହା ଉପରେ ଦୃଷ୍ଟି ରଖୁ ବୋଲି ଦାବି କରାଯାଇଛି। ସୂଚନାଯୋଗ୍ୟ, ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନ ଉଠାଦୋକାନୀଙ୍କ ଜବରଦଖଲକୁ ବିରୋଧ କରିବା ସହ ଏନେଇ ବିଏମ୍‌ସି ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛି। ଏଥିପାଇଁ ଗତ ଜାନୁୟାରୀ ୪ରୁ ୪ଦିନ ଧରି ମାର୍କେଟ ବିଲ୍ଡିଂ ବନ୍ଦ ରହିଥିଲା। ଏହାର କିଛିଦିନ ପରେ ଏହି ବିବାଦ ପୁଣିଥରେ ଫେବୃଆରୀ ମାସରେ ମୁଣ୍ଡ ଟେକିଥିଲା। ପ୍ରତିବାଦ ସ୍ୱରୂପ ସଂଘ ପକ୍ଷରୁ ମାର୍କେଟରୁ ୪ଦିନ ଅଳିଆ ଉଠିବା ବନ୍ଦ କରାଯାଇଥିଲା।

# ଦର୍ଶକଙ୍କୁ ବାନ୍ଧିରଖିଲେ କୁନି ନୃତ୍ୟାଙ୍ଗନା




## ଯୁବନୃତ୍ୟ ଉତ୍ସବ ଅଣ୍ଡର ସିକ୍ସ୍‌ଟିନ୍ ୨୦୨୨

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ବୟସ ମାତ୍ର ୬, ହେଲେ ନୃତ୍ୟରେ ପାରଙ୍ଗମ। ପ୍ରଥମ ନୃତ୍ୟ ପରିବେଷଣରେ ଦର୍ଶକଙ୍କ ମନ ଜିଣି ନେଇଥିଲେ ନୃତ୍ୟାଙ୍ଗନା ଆଶୀ ସ୍ୱୟାଂଶୀ। ସେ ସାଢ଼େ ୩ବର୍ଷରୁ ଓଡ଼ିଶୀ ନୃତ୍ୟକୁ ଆପଣାଇ ନେଇଛନ୍ତି। ଓଡ଼ିଶୀ ଶିଖିବାରେ ତାଙ୍କୁ ଅନେକ ଆନନ୍ଦ ମିଳିଥାଏ ବୋଲି ସ୍ୱୟାଂଶୀ କହିଛନ୍ତି। ଦର୍ଶକଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବା ସମୟରେ ସେ ନୃତ୍ୟରେ ନିଜକୁ ହଜାଇ ଦିଅନ୍ତି ବୋଲି କହିଛନ୍ତି। ତାଙ୍କ ପରି କୁନି କୁନି ନୃତ୍ୟାଙ୍ଗନାମାନଙ୍କ ମଧ୍ୟରେ ଉତ୍ସାହ, ଆଗ୍ରହ, ଉଦ୍ଦୀପନା ସୃଷ୍ଟି କରିବା ପାଇଁ ୧୬ବର୍ଷରୁ କମ୍ ବୟସର ନୃତ୍ୟାଙ୍ଗନାଙ୍କୁ ନେଇ ଭଞ୍ଜକଳା ମଣ୍ଡପଠାରେ ଓଡ଼ିଶୀ ନୃତ୍ୟଶିଳ୍ପୀ କାଉନସିଲ୍‌ର ପକ୍ଷରୁ ଅଣ୍ଡର ସିକ୍ସ୍‌ଟିନ୍ ଯୁବନୃତ୍ୟ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଅନୁଷ୍ଠାନର ସଭାପତି ସ୍ନେହପ୍ରଭା ସାମନ୍ତରାୟ, ସଚିବ ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟି ଯୋଗଦେଇଥିଲେ। କମ୍ ବୟସର ନୃତ୍ୟାଙ୍ଗନାମାନଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବାକୁ ଏହି ଉତ୍ସବର ବିଶେଷ ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରଥମ ପ୍ରସ୍ତୁତିରେ ସ୍ୱୟାଂଶୀଙ୍କ ମଙ୍ଗଳାଚରଣ 'ପଦ ବନ୍ଦେ ଗଣନାଥ' ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ତନିସା ତନୁଶ୍ରୀଙ୍କ 'ସାବେରୀ ପଲ୍ଲବୀ', କ୍ଷୀରାବ୍ଧୀ ତନୟା ରାଉତଙ୍କ 'ଶ୍ୟାମ ସମ କମନୀୟ ନାହିଁ କେ ଆଉ', ନିର୍ଝରା ନୀଳିମା ତ୍ରିପାଠୀଙ୍କ 'ସଜ କାଞ୍ଚ ନୟନା', ରୁସାଲି ରୁସଦାଙ୍କ 'ମୋହନା ପଲ୍ଲବୀ', ପ୍ରାଚୀ ମହାନ୍ତିଙ୍କ 'ଦେଖ ଗୋ ରାଧା ମାଧବ ଚାଲି', ଆଞ୍ଚଲ ପଣ୍ଡାଙ୍କ 'ସତେକି ଭଙ୍ଗୀ କଳା', ଦେବସ୍ମିତା ମହାନାଙ୍କ ନଟରାଜରେ ସାଂସ୍କୃତିକ କାର୍ଯ୍ୟକ୍ରମର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଦର୍ଶକମାନେ ଏହି କୁନି ନୃତ୍ୟାଙ୍ଗନାମାନଙ୍କ ନୃତ୍ୟ ମନଭରି ଉପଭୋଗ କରିଥିଲେ। ବିଶ୍ୱଜିତ ବଳିୟାରସିଂ ମଞ୍ଚ ପରିଚାଳନା କରିଥିଲେ।

# 'ଶିକ୍ଷକମାନେ ନୂତନ ଯୁଗର ବାର୍ତ୍ତାବହ'

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)




କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଧ୍ୟକ୍ଷା, ଅଧ୍ୟକ୍ଷ, କମ୍ପ୍ୟୁଟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଏକ ଦିନିକିଆ ଶିକ୍ଷଣ କାର୍ଯ୍ୟକ୍ରମ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଅଧ୍ୟକ୍ଷା, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ହେଉଛନ୍ତି ଏକ ନୂତନ ଯୁଗର ବାର୍ତ୍ତାବହ ଓ ଭବିଷ୍ୟତ ପିଢ଼ି ପାଇଁ ନୂତନ ସନ୍ଦେଶର ଆବାହକ। ସେମାନଙ୍କ ବୌଦ୍ଧିକ ଚିନ୍ତାଧାରା ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର କରିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନକୁ ପାଥେୟ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱ ଦରବାରରେ ବଳିଷ୍ଠ ଭାବେ ଉପସ୍ଥାପନ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ କହିଲେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୫-ଟି ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏବଂ ଏହି ଅଭିନବ ଯୋଜନାର ଆପଣମାନେ ହେଉଛନ୍ତି ସାରଥି। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଗ୍ରଣୀ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ସ୍ୱାକ୍ଷର ବହନ କରିଛି। ଏହି ଯୋଜନାକୁ ସାକାର କରିବାକୁ ମନ୍ତ୍ରୀ କହିଥିଲେ। ଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ବନ୍ଦନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭସ୍ମିତା



@ ଅନିରୁଦ୍ଧ



@ ମୋନାଲିସା



@ ଅଶୋକ



@ ଆଲୋକ

# ଶେଷରେ ଆଖି ବୁଜିଲେ ସ୍ୱାମୀ

## ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖି ଏସିଡ୍ ପିଇଥିଲେ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସିଦ୍ଧିବିନାୟକ ଆପାର୍ଟମେଣ୍ଟରେ ଗତ ଜୁଲାଇ ୧୫ରେ ସ୍ତ୍ରୀ ସଞ୍ଜନାଙ୍କ ଝୁଲନ୍ତା ମୃତଦେହ ଦେଖି ଏସିଡ୍ ପିଇ ଦେଇଥିଲେ ସ୍ୱାମୀ ସଞ୍ଜୟ ପେରିୱାଲ। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ସଞ୍ଜୟଙ୍କର ଚିକିତ୍ସା ଚାଲିଥିଲାବେଳେ ଶେଷରେ ସେ ମଧ୍ୟ ଆଖି ବୁଜିଛନ୍ତି। ରବିବାର ସକାଳ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ସୂଚନାନୁଯାୟୀ, ବୁଦ୍ଧେଶ୍ୱର କଲୋନୀରେ ସଞ୍ଜୟଙ୍କର ଏକ ଲୁଗା ଦୋକାନ ଥିଲା। ଏଥିରେ ସ୍ତ୍ରୀ ସଞ୍ଜନା ସହଯୋଗ କରିଥାନ୍ତି। ଜୁଲାଇ ୧୫ ସକାଳେ ସଞ୍ଜୟ ଦୋକାନକୁ ଯାଇଥିଲେ। ଦିନ ପ୍ରାୟ ୧୧ଟାରେ ତାଙ୍କ କବାଟ ଭିତର ପଟୁ ବନ୍ଦ ଥିବା ଶୁଣି ଘରକୁ ପେରିଥିଲେ। କବାଟ ଭାଙ୍ଗିବା ପରେ ସ୍ତ୍ରୀ ସଞ୍ଜନା ବେକରେ ଓଢ଼ଣି ଲଗାଇ ଫ୍ୟାନ୍‌ରେ ଝୁଲି ପଡ଼ିଥିବା ଦେଖି ମାନସିକ ଭାରସାମ୍ୟ ହରାଇଥିଲେ ସଞ୍ଜୟ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେବା ପରେ ପାଇଖାନାକୁଯାଇ ଏସିଡ୍‌ପିଇ ଦେଇଥିଲେ।




ସାମାଜିକ ଅନୁଷ୍ଠାନ 'ସୁଧା' ଓ ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ ପକ୍ଷରୁ ରବିବାର ପୁରୀ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପରିବେଷଣ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନରେ ପରିବେଷିତ ନାଟକ 'ଭକ୍ତ ରାମଦାସ'ର ଏକ ଦୃଶ୍ୟ।




କଟକସ୍ଥିତ ଏକ ହୋଟେଲରେ ରବିବାର ଅନୁଷ୍ଠିତ ଜୟନ୍ତ ଦାସ ସ୍ମାରକୀ ବକ୍ତୃତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଜଷ୍ଟିସ୍ ଭି. ଗୋପାଳଗୌଡା, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବରିଷ୍ଠ ଆଇନଜୀବୀ ଯଶୋବନ୍ତ ଦାସ।

# ସ୍ମାର୍ଟସିଟିର ବିକଳ ଚିତ୍ର

## ପ୍ରଚାରରେ ସୀମିତ ପରିମଳ ବ୍ୟବସ୍ଥା

*ସ୍ମାର୍ଟ ସିଟି ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ଯୋଜନା ପରେ ଯୋଜନା କରୁଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସଫେଇ ବାବଦକୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ସହରର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଘରୁ ଅଳିଆ ଉଠାଇ ଯାଇ ରାସ୍ତା କଡ଼ରେ ଫିଙ୍ଗା ଯାଉଛି। ଗୋରୁ, କୁକୁର ଖାଦ୍ୟ ଅନ୍ୱେଷଣରେ ରାସ୍ତାସାରା ଖେଳାଇ ପକାଉଛନ୍ତି। ରାସ୍ତାଘାଟ ଓ ଚାରିଆଡେ ଅଳିଆ ଆବର୍ଜନା ମାସ ମାସ ଧରି ପଡ଼ି ରହୁଥିବାବେଳେ ନାକ ଫାଟିଗଲା ଭଳି ଦୁର୍ଗନ୍ଧ ହେଉଛି। ସ୍ମାର୍ଟ ସିଟିବାସୀ ନାକରେ ହାତ ଦେଇ ଯାତାୟାତ କରୁଛନ୍ତି। ୟୁନିଟ୍‌-୪, ନୀଳାଦ୍ରି ବିହାର, ଶୈଳଶ୍ରୀବିହାରଠାରୁ ଆରମ୍ଭ କରି ନୟାପଲ୍ଲୀ, ଭିଏସ୍‌ଏସ୍‌ନଗର, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ରସୁଲଗଡ଼ କେନାଲ ରୋଡ୍‌, ରସୁଲଗଡ଼, ଜିଜିପି କଲୋନୀ ଆଦି ଅଞ୍ଚଳ ସହରର ବିକଳ ଚିତ୍ରକୁ ପଦାରେ ପକାଇଦେଇଛି।*

–ରିପୋର୍ଟ: ବନ୍ଦନା ସେଠୀ


ମଞ୍ଚେଶ୍ୱର ରାସ୍ତା।

### ବ୍ୟବସ୍ଥା ଭିତରେ ଅବ୍ୟବସ୍ଥା



ସହରର ଅଳିଆକୁ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ଏବଂ ଏମ୍‌ଆରଏଫ୍‌ (ମାଟେରିଆଲ ରିକଭରି ଫ୍ୟାସିଲିଟି)କୁ ପ୍ରତିଦିନ ଅଳିଆ ଯାଉଛି। ବାକି ଅଳିଆ ସୈନିକ ସ୍କୁଲ ନିକଟରେ ଥିବା ଟେମ୍ପରାରି ଟ୍ରାନ୍‌ଜିଟ୍‌ ଷ୍ଟେଶନ୍‌ (ଟିଟିଏସ୍‌)ରେ ଓଜନ କରାଯାଇ ଦାରୁଠେଙ୍ଗଠାରେ ଥିବା ଭୁଆଶୁଣି ଡମ୍ପିଂୟାର୍ଡରେ ପକାଯାଉଛି। ଏବେ ସହରରୁ ଦୈନିକ ପ୍ରାୟ ୪୫୦ ମେଟ୍ରିକ୍‌ ଟନ୍‌ ଅଳିଆ ଆବର୍ଜନା ବାହାରୁଛି। ସେଥି ମଧ୍ୟରୁ ୨୫୦ ମେଟ୍ରିକ୍‌ ଟନ୍‌ ଆବର୍ଜନା ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌କୁ ପଠା ଯାଇଥାଏ। ବାକି ୨୦୦ ମେଟ୍ରିକ ଟନ୍‌ ଆବର୍ଜନା ଡମ୍ପିଂୟାର୍ଡରେ ପକାଯାଉଛି। ତେବେ ବର୍ଷାଦିନରେ ୬୦ ରୁ ୭୦ ମେଟ୍ରିକ ଟନ୍‌ କେବଳ ଗ୍ରୀନ୍‌ ଗାର୍ବେଜ ବାହାରୁଛି। ତେଣୁ ଡମ୍ପିଂୟାର୍ଡରେ ପୂର୍ବଠାରୁ ଅଧିକ ଅଳିଆ ପକାଯାଉଛି। ଡୋର୍‌ ଟୁ ଡୋର୍‌ ଆବର୍ଜନା ସଂଗ୍ରହ କରିବା ପାଇଁ ବିଏମ୍‌ସି ପକ୍ଷରୁ ସଫେଇବାଲାଙ୍କୁ ନିଯୁକ୍ତ କରାଯାଇଛି। ଏଥିସହ ଠିକା ସଂସ୍ଥା ଜାଗୃତି, ପିଏମ୍‌ଆର୍‌ ଏବଂ ରାମ୍‌କୀ ସହିତ ମଧ୍ୟ ଚୁକ୍ତି କରାଯାଇଛି। ବିଏମ୍‌ସି ପକ୍ଷରୁ ୧୦ଟି ନୂତନ ସଂସ୍ଥା ସହିତ ଚୁକ୍ତି କରାଯାଇଛି। ସେମାନେ ସହରରୁ ଆବର୍ଜନା ଉଠାଇବା ସହିତ ରାସ୍ତା ସଫେଇ, ଡ୍ରେନ୍‌ ସଫେଇ ଏବଂ ଘାସକଟା ଆଦି ବିଭିନ୍ନ ପରିମଳ କାର୍ଯ୍ୟରେ ନିୟୋଜିତ ହେବେ।

ଏହାସତ୍ତ୍ୱେ ଆବର୍ଜନାମୟ ରାସ୍ତାଘାଟକୁ ଦେଖିଲେ ବିଏମ୍‌ସିର ଏସବୁ ଯୋଜନା ଓ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କ'ଣ ପାଇଁ ଏପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ବିଏମ୍‌ସି ତଦାରଖ କରିବାର ଆବଶ୍ୟକତା ରହିଛି।


ଭାଗବତ ସନ୍ଧାନ ଛକ।

### ବର୍ଷା ପାଇଁ ଅଳିଆ ଉଠା ପ୍ରକ୍ରିୟା ପ୍ରଭାବିତ ହୋଇଛି

ବିଏମ୍‌ସି ପରିମଳ ବ୍ୟବସ୍ଥାକୁ ନେଇ ବେଶ୍‌ ସଚେତନ। ନିୟମିତ ଭାବେ ଏଥିପାଇଁ ପଦକ୍ଷେପ ନିଆଯାଉଛି। ତେବେ କିଛିଦିନ ତଳେ ବର୍ଷା ହୋଇଥିବାରୁ ଅଳିଆ କାଢିବା ପ୍ରକ୍ରିୟା କିଛି ମାତ୍ରାରେ ପ୍ରଭାବିତ ହୋଇଛି। ବର୍ଷା ହୋଇଥିବାରୁ ଦାରୁଠେଙ୍ଗଠାରେ ଥିବା ଭୁଆଶୁଣୀ ଡମ୍ପିଂୟାର୍ଡକୁ ଯିବା ରାସ୍ତା ଖରାପ ହୋଇ ଯାଇଥିଲା। ଫଳରେ କିଛି ସ୍ଥାନରେ ଅଳିଆ ପଡି ରହିଥିଲା। କେବଳ ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌କୁ ନିର୍ଦ୍ଧାରିତ ପରିମାଣର ଅଳିଆ ଯାଇଥିଲା। ମାତ୍ର ରବିବାରଠାରୁ ଏହାକୁ ତ୍ୱରାନ୍ୱିତ କରାଯିବା ସହିତ ଆବର୍ଜନା ଉଠା ଯାଉଛି।

–ଶୁଭେନ୍ଦୁ ସାହୁ, ଡେପୁଟି କମିଶନର (ପରିମଳ)

### ୱାର୍ଡ ଅଫିସର, ସଫେଇ ସଂସ୍ଥା ଅଣଦେଖା କରୁଛନ୍ତି

୫ ଓ ୧୦ ନମ୍ବର ୱାର୍ଡର ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଣଓସାରିଆ ରାସ୍ତାରେ ଦୀର୍ଘଦିନ ଧରି ଅଳିଆ ଆର୍ବଜନା ଏକାଠି ଠୁଳ ହେବା ଯୋଗୁ ଦୂଷିତ ପରିବେଶ ସୃଷ୍ଟି ହେଉଛି। ନବନିର୍ବାଚିତ କର୍ପୋରେଟର ଠିକ୍‌ ଭାବେ କାର୍ଯ୍ୟ ହାତକୁ ନେଇ ନ ଥିବାବେଳେ ୱାର୍ଡ ଅଫିସର ଓ ଘରୋଇ ସଫେଇ ସଂସ୍ଥାର ସୁପରଭାଇଜରଙ୍କ ଅଣଦେଖା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସମେତ ଉଭୟ ୱାର୍ଡରେ ଡଷ୍ଟବିନ ନ ଥିବାରୁ ବାସିନ୍ଦା ଓ ବ୍ୟବସାୟୀ ବାଧହୋଇ ଅଳିଆ ଆବର୍ଜନାକୁ ରାସ୍ତା ଉପରେ ପକାଉଛନ୍ତି।

–କୈଳାସ ଚନ୍ଦ୍ର ପରିଡ଼ା, ଚକେଇସିହାଣି ବାସିନ୍ଦା

### ଡ୍ରେନ ଆବର୍ଜନା ପରିବେଶ ଦୂଷିତ କରୁଛି

ଗତ କିଛି ମାସ ହେବ ୱାର୍ଡ ନଂ. ୩୬ରୁ ଠିକ୍‌ ଭାବେ ଅଳିଆ ଉଠାଯାଉ ନାହିଁ। ୟୁନିଟ-୪ ହାଟ ଚାରିପାଖ ଓ ୱାର୍ଡର ପ୍ରମୁଖ ସ୍ଥାନରେ ଅଳିଆ ଦୀର୍ଘଦିନ ଧରି ପଡି ରହୁଛି। ତା' ସାଙ୍ଗକୁ ରାସ୍ତା ଘାଟ ବାଲି ଗୋଡିରେ ଅପରିଷ୍କାର ହେଉଛି। ସେହିପରି ୱାର୍ଡର ପ୍ରମୁଖ ଅଞ୍ଚଳର ଡ୍ରେନଗୁଡିକ ଉପରେ ଜବରଦଖଲକାରୀ (ଉଠାଦୋକାନୀ)ମାନେ ବ୍ୟବସାୟ କରିବା ସହ ଡ୍ରେନ ଭିତରେ ଅଳିଆ ପକାଉଛନ୍ତି। ବର୍ଷା ପାଣି ନିଷ୍କାସିତ ହୋଇପାରୁ ନ ଥିବାବେଳେ ଡ୍ରେନ୍‌ ଆର୍ବଜନା ପଚିସଢ଼ି ଦୁର୍ଗନ୍ଧ ବାହାରି ପରିବେଶ ଦୂଷିତ ହେଉଛି।

–ବଦ୍ରିନାରାୟଣ ମିଶ୍ର,ସାମାଜିକ କର୍ମୀ

### ସଫେଇ କଲେ ମେୟର, କମିଶନର



ଭୁବନେଶ୍ୱର, ୩୧।୭ (ବ୍ୟୁରୋ)- ସହରରେ ପରିମଳ ବ୍ୟବସ୍ଥାକୁ ବ୍ୟାପକ କରିବା ପାଇଁ ବିଏମ୍‌ସି ପ୍ରଚେଷ୍ଟା ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରବିବାର ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗଣ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ରସୁଲଗଡ ଛକର ଫ୍ଲାଏଓଭର ବ୍ରିଜ୍‌ ତଳେ ଥିବା ଗୋଲେଇକୁ ସଂପୂର୍ଣ୍ଣ ପରିଷ୍କାର କରାଯାଇଛି। ମେୟର ସୁଲୋଚନା ଦାସଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଏମ୍‌ସି ପକ୍ଷରୁ ଏହାର ପ୍ରସ୍ତୁତି କରାଯାଇଥିଲା। ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର (ଉତ୍ତର ମଣ୍ଡଳ) ପୁରନ୍ଦର ନନ୍ଦ, ଜୋନାଲ ଡେପୁଟି କମିଶନର (ଦକ୍ଷିଣ ପୂର୍ବ ମଣ୍ଡଳ) ପ୍ରିୟବ୍ରତ ପାଢ଼ୀ, ସମସ୍ତ କର୍ପୋରେଟର, ଓ ସ୍ୱଚ୍ଛସାଥି ପ୍ରମୁଖ ଯୋଗ ଦେଇଥିଲେ। ସହରର ଏକ ପ୍ରମୁଖ ପ୍ରବେଶ ସ୍ଥାନ ଭାବେ ରସୁଲଗଡ ଛକସ୍ଥିତ ଗୋଲେଇକୁ ସଂପୂର୍ଣ୍ଣ ପରିଷ୍କାର ଏବଂ ସୁସଜ୍ଜିତ କରି ଏହାର ମାନ ବଢ଼ାଇବାକୁ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ଲକ୍ଷ୍ୟ ରହିଛି। ସହଭାଗୀତା ମାଧ୍ୟମରେ ପ୍ରଗତୀକୁ ଆପଣେଇବା ଆମର ଲକ୍ଷ୍ୟ ବୋଲି ମେୟର କହିଥିଲେ। ସେହିପରି ପ୍ରତ୍ୟେକ ନାଗରିକ ଏହିଭଳି ଗଣ ସଫେଇରେ ଯୋଗଦେଇ ପରିମଳକୁ ଗୋଷ୍ଠୀଭିତ୍ତିକ ଉଦ୍ୟମରେ ପରିଣତ କରିବାକୁ କମିଶନର କହିଥିଲେ। ଗଣସଫେଇ ପରେ ସହଭାଗୀ ପରିମଳ ଅନୁଷ୍ଠାନ 'ଜାଗୃତି' ଦ୍ୱାରା ସମସ୍ତ ବର୍ଜ୍ୟକୁ ଉଠାଇ ନିଆଯାଇଥିଲା। ଏହି ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ କୌଣସି ବ୍ୟକ୍ତି ଏଠାରେ ଆବର୍ଜନା ନ ପକାଇବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରଯାଇଛି।


ଲକ୍ଷ୍ମୀସାଗର କେନାଲ ରୋଡ।


ରସୁଲଗଡ଼ ଗ୍ରାମ ନିକଟ।



ପଳାଶୁଣିରୁ ଲକ୍ଷ୍ମୀସାଗର ରାସ୍ତା।

ଫଟୋ: ବିକାଶ ନାୟକ

## ଭିଇଏମ୍‌ଏସ୍‌ ଅଧ୍ୟକ୍ଷ ଚନ୍ଦ୍ରଶେଖର ପତିଙ୍କ ପରଲୋକ

ଭୁବନେଶ୍ୱର,୩୧।୭ (ବ୍ୟୁରୋ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଭେଙ୍କଟେଶ୍ୱର ଇଂଲିଶ ମିଡ଼ିୟମ ସ୍କୁଲ (ଭିଇଏମ୍‌ଏସ) ସମୂହର ଚେୟାରମ୍ୟାନ ଚନ୍ଦ୍ରଶେଖର ପତି (୫୯)ଙ୍କ ଶନିବାର ରାତି ୨ଟାରେ ସ୍ଥାନୀୟ ଆମ୍ରି ହସ୍ପିଟାଲରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ କିଡନୀଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ସମୟରେ ପରିବାରର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ମଧ୍ୟରାତ୍ରିରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଭୁବନେଶ୍ୱର ମଧ୍ୟ ଓ ଉତ୍ତର ବିଧାୟକ ତାଙ୍କ ଶେଷ ଦର୍ଶନ କରିଥିଲେ। ରବିବାର ସକାଳୁ ତାଙ୍କ ମରଶରୀରକୁ ମଧୁସୂଦନ ନଗରସ୍ଥିତ ବାସଭବନ ସମେତ ଭୁବନେଶ୍ୱରର ସମସ୍ତ ଭିଇଏମ୍‌ଏସକୁ ନିଆଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପୁଷ୍ପ ଅର୍ପଣ ପୂର୍ବକ ତାଙ୍କୁ ଶେଷ ବିଦାୟ ଦେଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ ପୁଅ ପ୍ରିନ୍ସ ମୁଖାଗ୍ନି ଦେଇଥିଲେ। ସେଠାରେ ତାଙ୍କର ଅନ୍ୟ ଦୁଇ ଭାଇ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ବିଶିଷ୍ଟ ଶିକ୍ଷାବିତ, ସାମାଜିକକର୍ମୀ



ଓ ହୃଦୟବାନ ମଣିଷ ଥିଲେ। ନିଜର ଅକ୍ଲାନ୍ତ ପରିଶ୍ରମ ଓ ଦୃଢ ମନୋବଳ ଯୋଗୁ ଭୁବନେଶ୍ୱରରେ ଅନେକ ଭିଇଏମଏସ ବିଦ୍ୟାଳୟ ସ୍ଥାପନ କରି ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ସମାଜର ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଛାତ୍ରୀଛାତ୍ରମାନେ କିପରି ଇଂରାଜୀ ମାଧ୍ୟମ ଶିକ୍ଷାଲାଭ କରିବେ ଓ ଜୀବନର ସବୁକ୍ଷେତ୍ରରେ ସଫଳ ହେବେ ତାହା ହିଁ ତାଙ୍କର ମୂଳ ଲକ୍ଷ୍ୟ ଥିଲା। ତାଙ୍କ ପରି ଜଣେ ବିଶିଷ୍ଟ ଶିକ୍ଷାବିତ, ସ୍ନେହୀ ଓ ଆଦର୍ଶବାଦୀ ବ୍ୟକ୍ତିଙ୍କୁ ହରାଇ ଭିଇଏମଏସ ପରିବାରର ଅପୂରଣୀୟ କ୍ଷତି ଘଟିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବାଲୁଗାଁରୁ କୃଷ୍ଣପ୍ରସାଦ ଲଞ୍ଚ ଚଳାଚଳ ବନ୍ଦ

କୃଷ୍ଣପ୍ରସାଦ,୩୧।୭(ଡି.ଏନ୍‌.ଏ.)



ଖୋର୍ଦ୍ଧା ଜିଲା ବାଲୁଗାଁଠାରୁ ଚିଲିକାରେ ଲଞ୍ଚ୍‌ ଯୋଗେ ଦୈନିକ ଶତାଧିକ ଯାତ୍ରୀ କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ତେବେ ହଠାତ୍‌ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଲଞ୍ଚ୍‌ ଚଳାଚଳ ବନ୍ଦ କରିଦେବାରୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ସାଧାରଣରେଅସନ୍ତୋଷପ୍ରକାଶପାଇଛି।

ରାଜ୍ୟ ସରକାରଙ୍କ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସେବା ପକ୍ଷରୁ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଲଞ୍ଚ୍‌ ଚଳାଚଳର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ସକାଳ ୭ଟା ୧୫ ଏବଂ ଅପରାହ୍ନ ୧ଟା ୩୦ରେ ବାଲୁଗାଁଠାରୁ ଦୁଇଟି ଲଞ୍ଚ୍‌ କୃଷ୍ଣପ୍ରସାଦ ଅଭିମୁଖେ ଚଳାଚଳ କରୁଛି। ମାତ୍ର ଅପରାହ୍ନ ୩ଟା ୧୫ରେ ବାଲୁଗାଁଠାରୁ ଏକ ଲଞ୍ଚ୍‌ ବାହାରି କୃଷ୍ଣପ୍ରସାଦ ଘିମୁଦା ଜେଟିରେ ୪ଟା ୪୫ରେ ପହଞ୍ଚିଥାଏ। ପରଦିନ ସକାଳ ୭ଟା ୧୫ରେ ଏହା ବାଲୁଗାଁ ଅଭିମୁଖେ ଯାତ୍ରା କରିଥାଏ। ବାରମ୍ବାର ଅଞ୍ଚଳବାସୀଙ୍କ ଦାବି ପରେ ଉକ୍ତ ଲଞ୍ଚଟି ଦୀର୍ଘ ୩ ବର୍ଷ ଧରି ଯାତାୟାତ କରୁଥିବା ବେଳେ କୌଣସି କାରଣ ନ ଥାଇ ହଠାତ୍‌ କର୍ତ୍ତୃପକ୍ଷ ଉକ୍ତ ଲଞ୍ଚ ଚଳାଚଳ ବନ୍ଦ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଉକ୍ତ ଲଞ୍ଚ୍‌ ଉପରେ ରୋଗୀଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଜନସାଧାରଣ ନିର୍ଭର କରୁଥିବା ବେଳେ କାହା ନିର୍ଦ୍ଦେଶରେ ରାତ୍ରିଯାପନ ଲଞ୍ଚ୍‌ ଚଳାଚଳ ବନ୍ଦ କରାଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

### ଯାତ୍ରୀ ହଇରାଣ

ଅପରପକ୍ଷେ ବାଲୁଗାଁ ଜେଟି କୂଳରେ ଲଞ୍ଚ୍‌ଗୁଡ଼ିକ ଚିଲିକାରେ ପଡ଼ିରହି ଖତ ଖାଉଥିଲେ ମଧ୍ୟ ଏଗୁଡ଼ିକର ଆନୁଷଙ୍ଗିକ ମରାମତି ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଯାତ୍ରୀ ପରିବହନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ପୂର୍ବପରି ଅପରାହ୍ନ ୩ଟା ୪୫ରେ ବାଲୁଗାଁ କୃଷ୍ଣପ୍ରସାଦ ମଧ୍ୟରେ ପୁନଃ ଲଞ୍ଚ୍‌ ଚଳାଚଳ କରିବାକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶାଳ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ଲକ୍ଷ୍ମୀକାନ୍ତ ସିଂହ, ଯୁବନେତା ସୁବାସ ଚନ୍ଦ୍ର ଗୌଡ଼, ସାମାଜିକ କର୍ମୀ ବିଷ୍ଣୁପ୍ରସାଦ ବେହେରା, ରମେଶ ଚନ୍ଦ୍ର ବିଶାଳ ପ୍ରମୁଖ ଦାବି କରିଛନ୍ତି।

**ଆସନ୍ତା ୫ରେ ରାଜଭବନ ଘେରିବ କଂଗ୍ରେସ**

ଭୁବନେଶ୍ୱର,(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ଆନ୍ଦୋଳନ କରିବାକୁ କଂଗ୍ରେସ ଯୋଜନା ପ୍ରସ୍ତୁତ କରିଛି। ଦରଦାମ୍ ବୃଦ୍ଧି ଏବଂ ବେକାରି ସମସ୍ୟା ବିରୋଧରେ ଦଳ କେନ୍ଦ୍ରକୁ ଟାର୍ଗେଟ କରିବ। ଏନେଇ ସବୁ ରାଜ୍ୟର କଂଗ୍ରେସ ନେତାଙ୍କୁ ଏଆଇସିସି (ଅଖିଳ ଭାରତୀୟ କଂଗ୍ରେସ କମିଟି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୫ରେ ରାଜ୍ୟ କଂଗ୍ରେସ ରାଜଭବନ ଘେରିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

# ପ୍ରକୃତ ଶିବସେନା କିଏ ସୁପ୍ରିମକୋର୍ଟରେ ଲଢ଼େଇ

**ନୂଆଦିଲ୍ଲୀ,୩୧।୭(ପି.ଟି.)**

ମହାରାଷ୍ଟ୍ରରେ ଶିବସେନାର ବିଦ୍ରୋହୀ ଗୋଷ୍ଠୀ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ହଟାଇ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ସରକାର ଗଢ଼ିବା ପରେ ପ୍ରକୃତ ଶିବସେନା କିଏ, ତାକୁ ନେଇ ବିବାଦ ଦେଖାଦେଇଛି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ଉଦ୍ଧବ ଠାକ୍‌ରେ ଗୋଷ୍ଠୀର ସମସ୍ତ ପିଟିଶନକୁ ଖାରଜ କରିବା ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ଦାବି କରିଛନ୍ତି। ପ୍ରକୃତ ଶିବସେନା କିଏ, ନିଷ୍ପତ୍ତି ନିର୍ବାଚନ କମିଶନ (ଇସି)ଙ୍କ ଉପରେ ଛଡ଼ାଯାଉ ବୋଲି ସେ ଯୁକ୍ତି ରଖିଛନ୍ତି। ତାଙ୍କ ପାଖରେ ସେନାର ଅଧିକ ବିଧାୟକ ଓ ସାଂସଦ ଥିବା ଏକନାଥ ଦାବି କରିଆସୁଛନ୍ତି। ଗଣତାନ୍ତ୍ରିକ ଉପାୟରେ ସଂଖ୍ୟାଗରିଷ୍ଠଙ୍କ ଦ୍ୱାରା ନିଆଯାଇଥିବା ଦଳର ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ଅଦାଲତ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।


ଉଦ୍ଧବ ଠାକ୍‌ରେ


ଏକନାଥ ଶିନ୍ଦେ

ଅନ୍ୟପକ୍ଷରେ ନିର୍ବାଚନ କମିଶନ ପ୍ରକୃତ ଶିବସେନା ସମ୍ପର୍କରେ ନିଷ୍ପତ୍ତି ନେଉ, ଏହା ଉଦ୍ଧବ ଠକ୍‌ରେଙ୍କ ଗୋଷ୍ଠୀ ଚାହୁଁନାହାନ୍ତି। ଏକନାଥଙ୍କ ନେତୃତ୍ୱାଧୀନ

**ନିଷ୍ପତ୍ତି ଇସିଙ୍କ ଉପରେ ଛଡ଼ାଯାଉ: ଏକନାଥ**

ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ବିଚାରାଧୀନ ଥିବାରୁ ଇସିଙ୍କୁ ନିଷ୍ପତ୍ତି ନେବାକୁ ଦିଆ ନ ଯାଉ ବୋଲି ଉଦ୍ଧବ ଗୋଷ୍ଠୀ ଗତ ସୋମବାର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେବେ ୧୫ ବିଧାୟକଙ୍କ ଗୋଷ୍ଠୀ ୩୯ ଜଣିଆ ବିଧାୟକ ଗୋଷ୍ଠୀଙ୍କୁ ବିଦ୍ରୋହୀ କହିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁପ୍ରିମକୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଅଗଷ୍ଟ ୩ରେ ପରିବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

# ଇଡି ଜବତ କରିଥିବା ଟଙ୍କା ମୋର ନୁହେଁ: ପାର୍ଥ

**ନୂଆଦିଲ୍ଲୀ,୩୧।୭**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଥିବା ଟଙ୍କା ତାଙ୍କର ନୁହେଁ ବୋଲି ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ରବିବାର କହିଛନ୍ତି। ତାଙ୍କ ବିରୋଧରେ କିଏ ଷଡ଼ଯନ୍ତ୍ର କରୁଛି, ତାହା ସମୟ କହିବ ବୋଲି ପାର୍ଥ ଇଏସ୍‌ଆଇ ହସ୍ପିଟାଲକୁ ଯାଉଥିବାବେଳେ ଖବରଦାତାମାନଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ପାର୍ଥ ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ଥିବାବେଳେ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଲାଞ୍ଚ କାରବାର ହୋଇଥିଲା।


ପାର୍ଥ ଚାଟାର୍ଜୀ

ଏହି କାରବାରର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ଇଡି ପାର୍ଥଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦ କୋଟି ଟଙ୍କା, ବିପୁଳ ପରିମାଣର ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ସହ ତୃଣମୂଳ କଂଗ୍ରେସରୁ ନିଲମ୍ବନ କରିଛନ୍ତି। ଏକଦା ମମତାଙ୍କ ଘନିଷ୍ଠ ଥିବା ପାର୍ଥ କ୍ୟାବିନେଟରୁ ବହିଷ୍କୃତ ହେବା ପରେ ଦିଦିଙ୍କ ନିଷ୍ପତ୍ତି ଠିକ୍ ବୋଲି କହିଥିଲେ। ତେବେ ତାଙ୍କୁ ଦଳରୁ ନିଲମ୍ବନ କରିବା ନିରପେକ୍ଷ ତଦନ୍ତକୁ ପ୍ରଭାବିତ କରିପାରେ ବୋଲି ସେ ଶୁକ୍ରବାର ଆଶଙ୍କା ବ୍ୟକ୍ତ କରିଥିଲେ। କାଲକାଟା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ କରୁଛି।

# ୨ ଦିନ ଭିତରେ କାରଣ ଦର୍ଶାଅ ନୋଟିସ୍‌ର ଜବାବ ଦେବେ ମୋକିମ୍

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

- ଦଳର ସମ୍ବିଧାନ ଅନୁଯାୟୀ ନିଆଯିବ କାର୍ଯ୍ୟାନୁଷ୍ଠାନ: କଂଗ୍ରେସ
- ମୁଁ ଜଣେ ସାଧାରଣ କର୍ମୀ, ସଭାପତି କହିପାରିବେ: ଜୟଦେବ

ରାଷ୍ଟ୍ରପତି ନିର୍ବାଚନର ଭୋଟିଂ ଲାଗି କୌଣସି ହ୍ୱିପ୍ ଜାରି କରାଯାଇ ନ ଥିଲା। କଂଗ୍ରେସ ପ୍ରାର୍ଥୀଙ୍କୁ ଯେଉଁମାନେ ଭୋଟ୍ ନ ଦେଇଛନ୍ତି ସେମାନଙ୍କ ବିରୋଧରେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଯାହା ରହିଛି ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଦଳର ସାମ୍ବିଧାନିକ ନିୟମାନୁଯାୟୀ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାକୁ ସମସ୍ତେ ମାନିବାକୁ ବାଧ୍ୟ। ତେଣୁ ହାଇକମାଣ୍ଡଙ୍କ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କାରଣ ଦର୍ଶାଅ ନୋଟିସ୍ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ କରିଛନ୍ତି। କାର୍ଯ୍ୟାନୁଷ୍ଠାନ କ'ଣ ନିଆଯିବ ନ ଯିବ ସେନେଇ ପିସିସି ସଭାପତି କହିପାରିବେ। ମୁଁ ଦଳର ଜଣେ ସାଧାରଣ କର୍ମୀ ବୋଲି ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି।

ନିକଟରେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଭାଜପା ସମର୍ଥିତ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିଜୟୀ ହେଲେ। ସେ ବର୍ତ୍ତମାନ ଦେଶର ୧୫ତମ ରାଷ୍ଟ୍ରପତି। କଂଗ୍ରେସ ସମେତ ସମସ୍ତ ବିରୋଧୀ ମିଳିତ ଭାବେ ଯଶୱନ୍ତ ସିହ୍ନାଙ୍କୁ ମୁର୍ମୁଙ୍କ ବିରୋଧରେ ପ୍ରାର୍ଥୀ କଲେ। ଗୋଟିଏ ପଟେ ଖଣ୍ଡେ ଭୋଟ୍ ଯେପରି ନାକଚ ନ ହେବ ଏବଂ କ୍ରସ୍ ଭୋଟିଂ ରୋକିବା ଲାଗି ଭାଜପା ପକ୍ଷରୁ ଜୋରଦାର କସରତ ହୋଇଥିଲା। ଅନ୍ୟପଟେ କିନ୍ତୁ ବିଭିନ୍ନ ରାଜ୍ୟର ବହୁ କଂଗ୍ରେସ ବିଧାୟକ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଶେଷ ମୁହୂର୍ତ୍ତରେ ଭୋଟ୍ ଦେଇଥିଲେ। ଓଡ଼ିଶାରୁ ଯେପରି କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ଦଳ ବିରୋଧରେ ଯାଇ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ଦଳର ନିଷ୍ପତ୍ତି ବିରୋଧରେ ଯାଇ ମୋକିମ୍‌ଙ୍କ ଏଭଳି ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ରାଷ୍ଟ୍ରପତି ଭୋଟ୍ ପରଦିନ ରାଜ୍ୟରେ ଏହା ଖବରର ଶିରୋନାମା ପାଲଟିଲା। ହେଲେ ଏ ପର୍ଯ୍ୟନ୍ତ କଂଗ୍ରେସ ମୋକିମ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ଭୋଟିଂର କେତେଦିନ ପରେ ଯାଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏନେଇ ମୋକିମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କଲେ। କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ୨ ସପ୍ତାହ ମଧ୍ୟରେ ରଖିବାକୁ କୁହାଯାଇଥିଲା। ନୋଟିସ୍ ହେବାର ପ୍ରାୟ ୧୦ ଦିନ ହୋଇଗଲାଣି। ହେଲେ ଏ ଯାଏ ମୋକିମ୍‌ଙ୍କ କୌଣସି ଉତ୍ତର ରଖିଲେନି। ଏ ବାବଦରେ ମୋକିମ୍‌ଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆସନ୍ତା ୨ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିବେ। ଏନେଇ ପିସିସି ସଭାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳର ଆଭ୍ୟନ୍ତରୀଣ ବ୍ୟାପାର। ଦଳର ନିୟମାନୁଯାୟୀ ଯାହା ପଦକ୍ଷେପ ନିଆଯିବା କଥା ନିଆଯାଉଛି।

# ମୁଖ୍ୟମନ୍ତ୍ରୀ କାଶୀପୁର ଗସ୍ତ ନ କରିବା ଦୁର୍ଭାଗ୍ୟଜନକ: ସପ୍ତଗିରି

- ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳରେ କୋରାପୁଟ ଏମ୍‌ପି
- ଟାସ୍କଫୋର୍ସ ଗଠନ କରି ପାନୀୟ ଜଳ, ରାସ୍ତାଘାଟର ସୁବିଧା କରାଯାଉ

**ଟିକିରି/ରାୟଗଡ଼ା ଅଫିସ,୩୧।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ମୃତ୍ୟୁସଂଖ୍ୟା ୧୨ ରେ ପହଞ୍ଚିଲାଣି। ତଥାପି ମୁଖ୍ୟମନ୍ତ୍ରୀ ଅଞ୍ଚଳକୁ ଆସି ସମସ୍ୟା ନ ବୁଝିବା ଦୁର୍ଭାଗ୍ୟଜନକ। ପରିସ୍ଥିତିପାଇଁ ଅଞ୍ଚଳବାସୀ ନୁହଁ ସରକାରଙ୍କ ଅବହେଳା ଦାୟୀ। କାଶୀପୁର ବ୍ଲକକୁ ଯଥେଷ୍ଟ ଟଙ୍କା ଆସୁଥିଲେ ମଧ୍ୟ ଅଞ୍ଚଳର ବିକାଶ ହୋଇପାରୁନାହିଁ। ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏଥିପାଇଁ ତୁରନ୍ତ ଏକ ଟାସ୍କଫୋର୍ସ ଗଠନ କରାଯାଇ କାଶୀପୁର ବ୍ଲକର ସମସ୍ତ ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା ଏବଂ ରାସ୍ତାଘାଟର ସୁବିଧା କରିବା ଦିଗରେ ପଦକ୍ଷେପ ନିଆଯାଉ। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ରବିବାର ସର୍ବାଧିକ ପ୍ରଭାବିତ ଟିକିରି ଝୋଡ଼ିଆ ସାହି, ଓଷାପଡ଼ା ଏବଂ ଦୁଡୁକାବାହାଲ ଗ୍ରାମ ପରିଦର୍ଶନ ବେଳେ ଏହା କହିଛନ୍ତି।


ଓଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଏମ୍‌ପି ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ସେ ଆହୁରି କହିଛନ୍ତି, ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇ କେନ୍ଦ୍ର ସରକାର ମଧ୍ୟ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରାଯିବ। ଆର୍‌ଡବ୍ଲୁଏସ୍‌ଏସ୍(ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ)ବିଭାଗର ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ ନିମନ୍ତେ ମଧ୍ୟ ଦାବି କରିବି ବୋଲି ସେ କହିଛନ୍ତି। କାଶୀପୁର ଗସ୍ତ ସମୟରେ ଏମ୍‌ପି ମୃତକଙ୍କ ପରିବାରକୁ ଭେଟିଥିଲେ। ଓଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲ ଏବଂ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏମ୍‌ପିଙ୍କ ଗସ୍ତ ସମୟରେ ଦେବାଶିଷ କର, ଜିଲା କଂଗ୍ରେସ ସଭାପତି ଦୁର୍ଗା ପଣ୍ଡାଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ସମସ୍ତଙ୍କୁ ପ୍ରେରଣା ଦିଏ: ସମୀର

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ୯୧ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ସାଧାରଣ ଲୋକଙ୍କ ଜୀବନୀ, କଥା, କାର୍ଯ୍ୟ ଆଦି ସମ୍ପର୍କରେ ପ୍ରକାଶ କରିଥାନ୍ତି, ଯାହାକି ବାସ୍ତବରେ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ରାଜଧାନୀସ୍ଥିତ ଭିଏସ୍‌ଏସ୍ ନଗରଠାରେ ସ୍ଥାନୀୟ ବାସିନ୍ଦା ଏବଂ କାର୍ଯ୍ୟକର୍ତ୍ତାଙ୍କ ଗହଣରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ସମୀର ମହାନ୍ତି ଶୁଣିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ସମୀର ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି 'ହର୍ ଘର୍ ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସଫଳ କରିବା ସହ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିଜ 'ଡିପି'/'ଡିସପ୍ଲେ ପିକ୍ଚର୍'ରେ ଜାତୀୟ ପତାକାକୁ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ନିଜ ଅଞ୍ଚଳରେ 'ମନ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ୩ କେନ୍ଦ୍ରମନ୍ତ୍ରୀ ଭିନ୍ନଭିନ୍ନ ସ୍ଥାନରେ 'ମନ୍ କୀ ବାତ୍' ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନଙ୍କଙ୍କ ସହ ଶୁଣିଛନ୍ତି।

**କାର୍ଯ୍ୟକର୍ତ୍ତାଙ୍କ ସହ ନେତା ଶୁଣିଲେ 'ମନ୍ କୀ ବାତ୍'**

# ସଂଗ୍ରାମୀଙ୍କ ବଳିଦାନ ପାଇଁ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି

**ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ୍.ଏ.), ୩୧।୭**

ଶହୀଦ ବାଜି ରାଉତ ବ୍ରିଟିଶ ଶାସନ ଆଗରେ ମଥା ନୁଆଁଇ ନ ଥିଲେ। ଦେଶ ମାତୃକା ପାଇଁ ସେ ଜୀବନ ଦେଇଥିଲେ। ତାଙ୍କ ଭଳି ଅନେକ ସଂଗ୍ରାମୀଙ୍କ ବଳିଦାନ ପାଇଁ ଆଜି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମସ୍ଥାନ ଢେଙ୍କାନାଳ ଜିଲା ଭୁବନ ନୀଳକଣ୍ଠପୁରରେ ରବିବାର ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି।

ଭୁବନ କାଳୀବଜାରରେ ଶହୀଦ ବାଜିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ନୀଳକଣ୍ଠପୁରଯାଏ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଥିଲା। ନୀଳକଣ୍ଠପୁର ଶହୀଦ ସ୍ମୃତିପୀଠରେ ଧର୍ମେନ୍ଦ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ 'ହର୍ ଘର ତ୍ରିରଙ୍ଗା' ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିରେ ଓଡ଼ିଶାବାସୀ ସାମିଲ ହୋଇ ପ୍ରତି ଘରେ ତ୍ରିରଙ୍ଗା ପତାକା ଲଗାଇ ଅଭିଯାନକୁ ଜନ ଆନ୍ଦୋଳନର ରୂପ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲା ମାଟ୍ରିକ ଟପ୍ପର ଓମ୍ ପ୍ରକାଶ ସାହୁଙ୍କ ସମେତ ଯୁକ୍ତ ୨ ବାଣିଜ୍ୟ ଏବଂ ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ୯୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇଥିଲେ। ଏହାପରେ ସେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ପ୍ରିନ୍ସିପାଲ ମାନସ ଚନ୍ଦ୍ର ରାଉତଙ୍କ ସହ ନୂତନ ଜାତୀୟ ଶିକ୍ଷାନୀତି, ମାତୃଭାଷା ଓଡ଼ିଆରେ ଶିକ୍ଷାଦାନ, ନ୍ୟାଶନାଲ କରିକୁଲମ୍ ଫ୍ରେମୱାର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସ୍କୁଲ ପାଠ୍ୟ ଖସଡ଼ାରେ ଇତିହାସର ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱ କାହାଣୀ, ଇରମ୍ ଗୁଳିକାଣ୍ଡ, ଇଞ୍ଚୁଡି ଲବଣ ସତ୍ୟାଗ୍ରହ, ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି, ଐତିହ୍ୟକୁ ସ୍ଥାନ ଦେବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**ତ୍ରିରଙ୍ଗା ପଦଯାତ୍ରାରେ ଯୋଗଦେଲେ ଧର୍ମେନ୍ଦ୍ର**


ଭୁବନରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ।

## ଜାତୀୟ/ଅନ୍ତର୍ଜାତୀୟ

# ମସ୍କୋ ମିଶାଇଲ ମାଡ଼ରେ ୟୁକ୍ରେନ୍‌ର ଶସ୍ୟ ବ୍ୟବସାୟୀ ନିହତ

**କିଭ୍, ୩୧।୭:** ରୁଷିଆର ରାତିଅଧିଆ ମିଶାଇଲ ମାଡ଼ରେ ୟୁକ୍ରେନର ଅନ୍ୟତମ ଧନୀ ବ୍ୟବସାୟୀ ଓଲେକ୍ସି ଭାଡାତୁରସ୍କି (୭୪) ଓ ତାଙ୍କ ସ୍ତ୍ରୀ ରାଇସା ନିହତ ହୋଇଛନ୍ତି। ଭାଡାତୁରସ୍କି ଦମ୍ପତି ମାଇକୋଲେଭ୍ ସ୍ଥିତ ବାସଭବନରେ ଥିବାବେଳେ ରୁଷୀୟ ସୈନ୍ୟ ସେମାନଙ୍କୁ ଟାର୍ଗେଟ କରିଥିଲେ। ଓଲେକ୍ସି ହେଉଛନ୍ତି ଶସ୍ୟ ରପ୍ତାନିକାରୀ ନିବୁଲୋନ୍ କମ୍ପାନୀର ମାଲିକ। ସେ 'ହିରୋ ଅଫ୍ ୟୁକ୍ରେନ୍' ପୁରସ୍କାର ପାଇଥିଲେ। ୨୦୨୦ରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୪୫୦ ନିୟୁତ ଡଲାର ଥିବା ଫୋର୍ବସ ପତ୍ରିକା ଆକଳନ କରିଥିଲା। ଗତ ସପ୍ତାହରେ ତୁର୍କୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ମଧ୍ୟସ୍ଥତାରେ ରୁଷିଆ-ୟୁକ୍ରେନ୍ ମଧ୍ୟରେ କୃଷ୍ଣସାଗର ଦେଇ ଶସ୍ୟ ପରିବହନ ଚୁକ୍ତି ସ୍ୱାକ୍ଷର ହୋଇଥିଲା। କିନ୍ତୁ ପରଦିନ ରୁଷିଆ ଓଡେସା ବନ୍ଦରକୁ ଟାର୍ଗେଟ କରି ୟୁକ୍ରେନ୍‌ର ଶସ୍ୟ ରପ୍ତାନୀ ଭଣ୍ଡାର ପାଇଁ ଉଦ୍ୟମ କରିଥିଲା।


ଓଲେକ୍ସି ଭାଡାତୁରସ୍କି

# ରୁଷିଆକୁ ବଡ଼ ବିପଦ ଆମେରିକା


ସେଣ୍ଟ ପିଟର୍ସବର୍ଗରେ ନୌସେନା ପକ୍ଷରୁ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ଭ୍ଲାଡିମିର ପୁଟିନ୍।

**ମସ୍କୋ, ୩୧।୭:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରବିବାର ନୌସେନା ଦିବସ ପାଳନ ଅବସରରେ ଏକ ନୂଆ ନୀତିରେ ସ୍ୱାକ୍ଷର କରିଛନ୍ତି। ଏଥିରେ ଆମେରିକାକୁ ରୁଷିଆର ମୁଖ୍ୟ ଶତ୍ରୁ ଭାବେ ଅଭିହିତ କରାଯାଇଛି। ଆର୍କଟିକ୍ ଏବଂ କୃଷ୍ଣ ସାଗର ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରୁଷିଆର ବୈଶ୍ୱିକ ସାମୁଦ୍ରିକ ମହତ୍ତ୍ୱାକାଂକ୍ଷା ପୂରଣ କରିବା ଯୋଜନା ଏହି ନୀତିରେ ସାମିଲ ହୋଇଛି। ସେଣ୍ଟ ପିଟର୍ସବର୍ଗରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଟିନ୍ ଯୋଗ ଦେଇ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ରୁଷିଆକୁ ମହାନ ନୌଶକ୍ତିରେ ପରିଣତ କରିଥିବାରୁ ପୁଟିନ୍ ରୁଷିଆର ପୂର୍ବତନ ଶାସକ ସାର୍ ପିଟର୍ ଦ ଗ୍ରେଟ୍‌ଙ୍କ ପ୍ରଶଂସା କରିଥିଲେ। ରୁଷିଆ ନୌସେନାକୁ ଖୁବ୍‌ଶୀଘ୍ର ହାଇପରସୋନିକ ଜିରକୋନ କ୍ରୁଜ ମିଶାଇଲ ମିଳିବ ବୋଲି ପୁଟିନ୍ କହିଛନ୍ତି।

**ବେଜିଂ ନୂଆ ନୀତିରେ ପୁଟିନ୍‌ଙ୍କ ସ୍ୱାକ୍ଷର**

# ଆପ୍ ମ୍ୟୁନିସିପାଲ କାଉନ୍‌ସିଲରଙ୍କୁ ହତ୍ୟା

**ଚଣ୍ଡିଗଡ,୩୧।୭**

ପଞ୍ଜାବର ମାଲେରକୋଟଲା ଜିଲାରେ ରବିବାର ଆମ୍ ଆଦ୍‌ମୀ ପାର୍ଟି ମ୍ୟୁନିସିପାଲ କାଉନ୍ସିଲର ମହମ୍ମଦ ଆକବରଙ୍କୁ ୨ ଜଣ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଛନ୍ତି। ଅଭିଯୁକ୍ତ ଜିମ୍‌କୁ ଯାଉଥିବା ସମୟରେ ଅତି ନିକଟରୁ ଆକବରଙ୍କୁ ଗୁଳି କରିଥିବା ମାଲେରକୋଟଲା ଏସ୍‌ପି ନବନୀତ କୌର ସନ୍ଧୁ କହିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ଷ୍ଟେଶନରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରିଥିବା କୁହାଯାଇଛି।

# କଶ୍ମୀରରୁ ୪ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୩୧।୭**

ଜମ୍ମୁ-କଶ୍ମୀର ପୋଲିସ ରବିବାର ୪ ଲସ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ଗିରଫ କରିଛି। ପ୍ରଦେଶରେ ବିଭିନ୍ନ ପ୍ରକାର ଆତଙ୍କବାଦୀ ଘଟଣା ଭିଆଇବାରେ ଗିରଫ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଗୁଇନ୍ଦା ସୂଚନାକ୍ରମେ ପୋଲିସ ହାଦିପୁରା ଏବଂ ୱାହାଥୋରରେ ପହଞ୍ଚି ସର୍ଚ୍ଚଅପରେଶନ୍ ଆରମ୍ଭ କରିଥିଲା। ଦୁଇଟିଯାକ ସ୍ଥାନରୁ ପୋଲିସ ଆତଙ୍କବାଦୀଙ୍କୁ ଗିରଫ କରିଛି।

# ଅନେକ ମହିଳାଙ୍କ ସହ ନେ-ୟୋଙ୍କ ସମ୍ପର୍କ

**ୱାଶିଂଟନ୍, ୩୧।୭**

**ସ୍ତ୍ରୀ କ୍ରିଷ୍ଟାଲଙ୍କ ସଙ୍ଗିନ ଅଭିଯୋଗ**

ନେ-ୟୋ ଭାବେ ଜଣା ଆମେରିକୀୟ ଗାୟକ ଶାଫେର ଚିମେରେ ସ୍ମିଥ୍‌ଙ୍କ ନାଁରେ ସ୍ତ୍ରୀ କ୍ରିଷ୍ଟାଲ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ନେ-ୟୋ ଜଣେ ସିରିଏଲ ଠକ ଏବଂ ଅନେକ ମହିଳାଙ୍କ ସହ ସେ ସମ୍ପର୍କ ରଖିଛନ୍ତି ବୋଲି କ୍ରିଷ୍ଟାଲ ରବିବାର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ କହିଛନ୍ତି। ଗତ ଏପ୍ରିଲରେ ଉକ୍ତ ଦମ୍ପତି ପୁନର୍ବିବାହ କରିଥିବାବେଳେ ଏବେ କ୍ରିଷ୍ଟାଲ ଇନ୍‌ଷ୍ଟା ପୋଷ୍ଟରେ ବିବାହ ବିଚ୍ଛେଦ ନେଇ ଘୋଷଣା କରିଛନ୍ତି। ଏଣିକି ସେ ନିଜ ଖୁସି, ସ୍ୱାସ୍ଥ୍ୟ ଏବଂ ପିଲାମାନଙ୍କ ଯତ୍ନ ନେବେ ବୋଲି କହିଛନ୍ତି। ୮ ବର୍ଷ ମିଛ ସମ୍ପର୍କ ଓ ପ୍ରତାରଣାରେ କଟିଛି। ତାଙ୍କ ଅଜାଣତରେ ନେ-ୟୋ ତାଙ୍କୁ ଠକି ଚାଲିଥିଲେ ବୋଲି କ୍ରିଷ୍ଟାଲ ଉକ୍ତ ପୋଷ୍ଟରେ ଲେଖିଛନ୍ତି।



# ୧୦୦ରୁ ୧୫୧ ନମ୍ବର ରଖିଲେ ବିହାର ଛାତ୍ର

**ପାଟନା,୩୧।୭**

ବିହାରର ଲଳିତ ନାରାୟଣ ମିଥିଳା ୟୁନିଭର୍ସିଟିର ଯୁକ୍ତ ୩ ଶ୍ରେଣୀର ଜଣେ ଛାତ୍ର ପଲିଟିକାଲ ସାଇନ୍ସରେ ୧୦୦ରୁ ୧୫୧ ନମ୍ବର ରଖିଛନ୍ତି। ଦ୍ୱିତୀୟ ସେମିଷ୍ଟର ପରୀକ୍ଷାରେ ପଲିଟିକାଲ ସାଇନ୍ସ ପେପର-୪ର ସମୁଦାୟ ମାର୍କ ୧୦୦ ଥିବାବେଳେ ଛାତ୍ରଙ୍କୁ ଦେଢ଼ଶହରୁ ଅଧିକ ମାର୍କ ମିଳିବା ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚା ଖେଳିଯାଇଛି। ନିଜ ମାର୍କକୁ ନେଇ ଛାତ୍ର ଜଣକ ମଧ୍ୟ ଆଶ୍ଚର୍ଯ୍ୟ ଥିବା କହିଛନ୍ତି। ସେହିପରି ଆଉଜଣେ ବିକମ୍ ଛାତ୍ର ଦ୍ୱିତୀୟ ସେମିଷ୍ଟରରେ ଫାଇନାନ୍ସ ପେପରରେ ଶୂନ ରଖିଥିବା ଖବର ମଧ୍ୟ ସାମ୍ନାକୁ ଆସିଛି। ମାର୍କର ଯାଞ୍ଚ ଓ ନୂଆ ରିପୋର୍ଟକାର୍ଡ ପାଇଁ ଉଭୟ ଛାତ୍ର କଲେଜରେ ଆବେଦନ କରିଛନ୍ତି। ଟାଇପିଂ ଜନିତ ତ୍ରୁଟି ପାଇଁ ଏପ୍ରକାର ଘଟଣା ଘଟିଥିବା ୟୁନିଭର୍ସିଟି କର୍ତ୍ତୃପକ୍ଷ କହିଛନ୍ତି।

# ଭୁଲ୍‌ରେ ଗିରଫ ବ୍ୟକ୍ତିଙ୍କୁ ମିଳିବ ୫ ଲକ୍ଷ କ୍ଷତିପୂରଣ

**ବେଙ୍ଗାଲୁରୁ,୩୧।୭**

କର୍ନାଟକ ପୋଲିସ ଏକ ଆପରାଧିକ ମାମଲାରେ ଗିରଫ କରିଥିବା ୫୬ ବର୍ଷୀୟ ନିଙ୍ଗାରାଜୁ ଏନ୍‌ଙ୍କୁ ୫ ଲକ୍ଷ କ୍ଷତିପୂରଣ ଦିଆଯିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜୁ ଏନ୍‌ଜିଏନ୍ ନାମକ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଭୁଲବଶତଃ କାଳିଦାସ ଲେଆଉଟ୍ ଅଞ୍ଚଳର ନିଙ୍ଗାରାଜୁଙ୍କୁ ଗିରଫ କରିଥିଲା। ନ୍ୟାୟ ପାଇଁ ନିଙ୍ଗାରାଜୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ସୁରଜ ଗୋବିନ୍ଦରାଜ ମମଲାର ଶୁଣାଣି କରିଥିବାବେଳେ ନିଙ୍ଗାରାଜୁଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରକୃତ ଅଭିଯୁକ୍ତଙ୍କ ବାପାଙ୍କ ନାମ ନିଙ୍ଗେଗୌଡ଼ା ହୋଇଥିବାବେଳେ ନିଙ୍ଗାରାଜୁଙ୍କ ବାପାଙ୍କ ନାମ ସମାନ ହୋଇଥିବା କାରଣରୁ ପୋଲିସ ଭୁଲ୍‌ରେ ତାଙ୍କୁ ଗିରଫ କରି ନେଇଥିବା କୋର୍ଟରେ କହିଥିଲା। ଦୋଷୀ ନ ହୋଇ ତାଙ୍କୁ ଗିରଫ କରାଯାଇଥିବାବେଳେ ନିଙ୍ଗାରାଜୁ ଅପମାନିତ ହେବା ସହ ତାଙ୍କ ପ୍ରତିଷ୍ଠାରେ ଆଘାତ ଆସିଥିବା ଶୁଣାଣିରେ କୁହାଯାଇଥିଲା। କ୍ଷତିପୂରଣ ବାବଦକୁ ପୋଲିସକୁ ସପ୍ତାହର ସମୟ ଦିଆଯାଇଛି। ତେବେ ମାମଲା ନେଇ ଆଗାମୀ ଶୁଣାଣି ସେପ୍ଟେମ୍ବର ୧ରେ କରାଯିବ।

## ଜେକେ ଲକ୍ଷ୍ମୀ ସିମେଣ୍ଟର ଉଲ୍ଲେଖନୀୟ ଅଭିବୃଦ୍ଧି

**ନୂଆଦିଲ୍ଲୀ:** ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍ ତ୍ରୈମାସରେ ପ୍ରାୟ ୨୬% ବୃଦ୍ଧି ସହ ୧୫୫୧ କୋଟି ଟଙ୍କାର ଶୁଦ୍ଧ ବିକ୍ରି ହାସଲ କରିଛି। ଏହା ୨୦୨୧ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୨୩୧.୫୧ କୋଟି ଟଙ୍କା ଥିଲା। ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ କ୍ରମାଗତ ବୃଦ୍ଧି କାରଣରୁ ଖର୍ଚ୍ଚରୁ ପଡୁଥିବା ଚାପ ସତ୍ତ୍ୱେ,କମ୍ପାନୀ ଏପ୍ରିଲ୍-ଜୁନ୍ ୨୦୨୨ ତ୍ରୈମାସରେ ପରିଚାଳନାଗତ ଲାଭରେ ୨୧୭ କୋଟି ଟଙ୍କାର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିପାରିଛି। ଏହି ଲାଭ ଗତବର୍ଷ ଏପ୍ରିଲ୍-ଜୁନ୍ ତ୍ରୈମାସରେ ୨୧୬କୋଟି ଟଙ୍କା ରହିଥିଲା।

### ସଂକ୍ଷେପରେ

## ୧.୫ ଟ୍ରିଲିୟନ ଟପିଲା ୫ଜି ବିଡିଂ

**ନୂଆଦିଲ୍ଲୀ,୩୧।୭:** ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏପରିକି ରବିବାରର ୭ ରାଉଣ୍ଡ ନିଲାମ ପ୍ରକ୍ରିୟା ଶେଷ ସୁଦ୍ଧା ୧.୫ ଟ୍ରିଲିୟନରୁ ଊର୍ଦ୍ଧ୍ୱ ବିଡିଂ ହୋଇସାରିଛି। ନିଲାମର ୬ଷ୍ଠ ଦିନ ଶେଷ ସୁଦ୍ଧା ମୋଟ ୩୧ ରାଉଣ୍ଡ ବିଡିଂରୁ ୧,୫୦,୧୩୦ କୋଟି ଟଙ୍କାର ବିଡିଂ ଆସିଥିବା ରବିବାର ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୫ଜି ସ୍ପେକ୍ଟ୍ରମ ନିଲାମ ପ୍ରକ୍ରିୟା ସୋମବାର ମଧ୍ୟ ଜାରି ରହିବ ବୋଲି ଜଣାପଡିଛି। ଚଳିତ ବର୍ଷର ନିଲାମି ପ୍ରକ୍ରିୟା ବେଶ ପ୍ରତିଯୋଗୀମୂଳକ ହେଉଛି ବୋଲି ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି। କାରଣ ଚଳିତ ଥର ଦେଶର ପ୍ରମୁଖ ଟେଲିକମ ସଂସ୍ଥା ଜିଓ, ଭାରତୀ ଏୟାରଟେଲ ଓ ଆଇଡିଆ-ଭୋଡାଫୋନ ସମେତ ଆଦାନୀ ଗ୍ରୁପ ସାମିଲ ହୋଇଥିବାରୁ ବିଭିନ୍ନ ସର୍କଲ ପାଇଁ ଆସିଥିବା ବିଡ୍ ପରିମାଣ ଦେଢ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହୋଇଛି।

## ଆଦିତ୍ୟ ବିର୍ଲାର ପ୍ରୋ ପୋର୍ଟଫୋଲିଓର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୭:** ଦେଶର ପ୍ରମୁଖ ବୀମା କମ୍ପାନୀ 'ଆଦିତ୍ୟ ବିର୍ଲା ସନ୍‌ଲାଇଫ ମ୍ୟୁଚୁଆଲ ଫଣ୍ଡ' ପକ୍ଷରୁ ଏକ ନିବେଶ ଶିକ୍ଷା ଅଭିଯାନ-ପ୍ରୋ ପୋର୍ଟଫୋଲିଓର ଶୁଭାରମ୍ଭ କରାଯାଇଛି। ଏହା ବିଶେଷ କରି ନିବେଶକଙ୍କ ଆଧାରକୁ ପାଣ୍ଠିର ମିଶ୍ରଣ ସହ ପୋର୍ଟପୋଲିଓ ସୃଷ୍ଟି କରିବ ଓ ଅସ୍ଥିର ବଜାର ସ୍ଥିତିକୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରିବ। ଏକ ପୋର୍ଟଫୋଲିଓରେ ଫ୍ଲେକ୍ସି କ୍ୟାପ, ସନ୍ତୁଳିତ ଆଡଭାନଟେଜ ଓ ଲାର୍ଜକ୍ୟାପ ପାଣ୍ଠିର ମିଶ୍ରଣ ରହିଛି। ସେହିଭଳି ଭାରତୀୟ ବଜାରରେ କ୍ଷୁଦ୍ର ନିବେଶକଙ୍କ ପ୍ରତି ଧ୍ୟାନ ଦେଇ 'ମ୍ୟୁଚୁଆଲ ଫଣ୍ଡ ସହି ହେଁ' ଅଭିଯାନକୁ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନଲାଇଫ ଏଏମ୍‌ସି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ବାଲ୍ ସୁବ୍ରମଣ୍ୟମ କହିଛନ୍ତି, ୩ଟି ଫଣ୍ଡର ସମାହାର ଫେରସ୍ତ ପରିମାଣକୁ ବୃଦ୍ଧି କରିବ।

# ଭାରତୀୟ ଇକ୍ୱିଟିରେ ପ୍ରାୟ ୫୦୦୦ କୋଟି ବିନିଯୋଗ

ନୂଆଦିଲ୍ଲୀ,୩୧।୭

କ୍ରମାଗତ ୯ ମାସର ନିରନ୍ତର ବିକ୍ରୟ ପରେ ବିଦେଶୀ ନିବେଶକମାନେ ନେଟ୍ କ୍ରେତାଙ୍କୁ ପରିଣତ କରିଛନ୍ତି ଏବଂ ଡଲାର ସୂଚକାଙ୍କକୁ ନରମ କରିବା ଏବଂ ଭଲ କର୍ପୋରେଟ୍ ରୋଜଗାରରେ ଜୁଲାଇରେ ଭାରତୀୟ ଇକ୍ୱିଟିରେ ପ୍ରାୟ ୫୦୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ସେହିଭଳି ଜୁନ୍‌ରେ ଦେଖାଯାଇଥିବା ଷ୍ଟକ୍ ମାର୍କେଟରୁ ୫୦,୧୪୫ କୋଟି ଟଙ୍କା ନେଟ୍ ପ୍ରତ୍ୟାହାରର ଏହା ସମ୍ପୂର୍ଣ୍ଣ ବିପରୀତ ବୋଲି କୁହାଯାଇଛି। ଏପରିକି ୨୦୨୦ ମାର୍ଚ୍ଚ ପରଠାରୁ ଏହା ସର୍ବାଧିକ ନେଟ ଆଉଟ ଫ୍ଲୋ ଥିଲା,ଯେତେବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ଇକ୍ୱିଟିରୁ ୬୧,୯୭୩ କୋଟି ଟଙ୍କା ବାହାର କରିଥିବା ଜମାକାରୀଙ୍କ ତଥ୍ୟରୁ ଜଣାପଡିଛି।

ୟେସ ସିକ୍ୟୁରିଟିର ଲିଡ ଆନାଲିଷ୍ଟ-ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିର ହିତେଶ ଜୈନ କହିଛନ୍ତି, ଚଳିତ ବର୍ଷ ଅଗଷ୍ଟରେ ଏଫ୍‌ପିଆଇ ସକାରାତ୍ମକ ରହିବାକୁ ପ୍ରବାହିତ ହେଉଛି କାରଣ ଟଙ୍କା ପାଇଁ ଖରାପ ଅବସ୍ଥା ଶେଷ ହୋଇସାରିଛି ଏବଂ ତୈଳ ଏକ ସୀମା ମଧ୍ୟରେ ସୀମିତ ଥିବା ପରି ମନେ ହେଉଛି। ସେହିଭଳି ରୋଜଗାରର କାହାଣୀ ଏପର୍ଯ୍ୟନ୍ତ ଦୃଢ ରହିଛି ଯେଉଁଠାରେ ଦୃଢ ରାଜସ୍ୱ ଅଭିବୃଦ୍ଧି ଲାଭ ମାର୍ଜିନରେ ସଂକୋଚନକୁ ଦୂର କରୁଛି। ଜମାଖାତାଧାରୀଙ୍କ ତଥ୍ୟ ଅନୁଯାୟୀ ଏଫପିଆଇଗୁଡିକ ଜୁଲାଇରେ ଭାରତୀୟ ଇକ୍ୱିଟିରେ ୪,୯୮୯ କୋଟି ଟଙ୍କା ଆୟ କରିଥିଲେ। ସେମାନେ ମାସରେ ୯ ଦିନ ପାଇଁ କ୍ରେତା ଥିଲେ ବୋଲି ଜୈନ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନେଟ୍ ପ୍ରବାହ ମଧ୍ୟ ଇକ୍ୱିଟି ବଜାରକୁ ଉତ୍ତର ଦିଗକୁ ଗତି କରାଉଛି। ଗତ ବର୍ଷ ଅକ୍ଟୋବରରେ ଆରମ୍ଭ ହୋଇଥିବା ୯ ମାସର ବୃହତ ନେଟ ଆଉଟ ଫ୍ଲୋ ପରେ ଜୁଲାଇରେ ଏଫପିଆଇ ପ୍ରଥମ ଥର ପାଇଁ ନେଟ କ୍ରେତାଙ୍କୁ ପରିଣତ କରିଛି। ୨୦୨୧ ଅକ୍ଟୋବରରୁ ଜୁନ୍ ୨୦୨୨ ମଧ୍ୟରେ ସେମାନେ ଭାରତୀୟ ଇକ୍ୱିଟି ବଜାରରେ ୨.୪୬ ଲକ୍ଷ କୋଟି ଟଙ୍କା ବିକ୍ରି କରିଥିଲେ।




# ୨ ଦିନିଆ ହାଇ ଲାଇଫ୍ ପ୍ରଦର୍ଶନୀର ଶୁଭାରମ୍ଭ

ଭୁବନେଶ୍ୱର,୩୧।୭

ଦେଶର ଅଗ୍ରଣୀ ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠାନ 'ହାଇ ଲାଇଫ୍' ପକ୍ଷରୁ ୨ଦିନିଆ ପ୍ରଦର୍ଶନୀ ରବିବାରଠାରୁ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଶୁଭାରମ୍ଭ ହୋଇଯାଇଛି। ଚଳିତ ବର୍ଷ ମଧ୍ୟରେ ୨ୟ ଥର ପାଇଁ ଭୁବନେଶ୍ୱରରେ ସଂସ୍ଥା ପକ୍ଷରୁ ଏଭଳି ଏକ ଜାତୀୟ ସ୍ତରର ପ୍ରଦର୍ଶନୀ ଆୟୋଜନ କରାଯାଉଥିବା ସଂସ୍ଥାର ଏମ୍ ଡି ତଥା ସିଇଓ ଏବିଓ୍ୱାଇ ପି. ଡୋମିନିକ ମତବ୍ୟକ୍ତ କରିଛନ୍ତି। ସେହିଭଳି ଗତ ଥରର ପ୍ରଦର୍ଶନୀକୁ ଓଡ଼ିଶାବାସୀ ବେଶ୍ ପସନ୍ଦ କରିଥିବା ବେଳେ ଆଶାନୁସାରେ ମଧ୍ୟ ବ୍ୟବସାୟ ହୋଇଥିଲା। ଫଳରେ ଗ୍ରାହକଙ୍କ ଡିମାଣ୍ଡ ଓ ଡିଜାଇନରଙ୍କ ଆଗ୍ରହ କ୍ରମେ ୨ୟ ଥର ପାଇଁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ଡୋମିନିକ କହିଛନ୍ତି। ଏହି ପ୍ରଦର୍ଶନୀ ସକାଳ ୧୦ ଘଟିକାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ ପ୍ରଦର୍ଶନୀରେ ଭାରତର ପ୍ରାୟ ସମସ୍ତ ରାଜ୍ୟର ଖ୍ୟାତିସମ୍ପନ୍ନ ପ୍ରଦର୍ଶନକାରୀ ଏବଂ ଡିଜାଇନରମାନେ ଅଂଶ ଗ୍ରହଣ କରିଛନ୍ତି। ସେହିପରି ଉକ୍ତ ପ୍ରଦର୍ଶନୀରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଜରିଆରେ ବ୍ୟବସାୟୀମାନେ ସେମାନଙ୍କର ଭିନ୍ନ ଭିନ୍ନ ବର୍ଗର ସାମଗ୍ରୀ ଏଠାରେ ପ୍ରଦର୍ଶିତ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଚଳିତ ବର୍ଷର ରାଖୀ ଏବଂ ଆଗାମୀ ପାର୍ବଣକୁ ନଜରରେ ରଖି ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ବ୍ରାଇଡାଲ ୱିୟରଠାରୁ ଆରମ୍ଭ କରି ଡିଜାଇନର ପୋଷାକ ସାଙ୍ଗକୁ ନାନା ପ୍ରକାରର ସୌଖୀନ ଗହଣା, ଫ୍ୟାଶନ ଆସେସୋରିଜ୍, ହୋମ ଆସେସୋରିଜ୍ ଏବଂ କଳାକୃତି ଭଳି ଅନେକ ଲାଇଫଷ୍ଟାଇଲ୍ ଏବଂ ଫ୍ୟାଶନ ସାମଗ୍ରୀ ଏଠାରେ ଉପଲବ୍ଧ ହେବ। ଭାରତର ବିଭିନ୍ନ ରାଜ୍ୟର ଜଣାଶୁଣା ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ରାଖୀଠାରୁ ନେଇ ରତ୍ନ ପଥର ଏବଂ ଚପଲଠାରୁ ଚୁଡିଦାର ପର୍ଯ୍ୟନ୍ତ ସାମଗ୍ରୀ ଉକ୍ତ ପ୍ରଦର୍ଶନୀରେ ସାମିଲ ହୋଇଛି। ଉପରୋକ୍ତ ସାମଗ୍ରୀର ମୂଲ୍ୟ ୧୦୦ ଟଙ୍କାରୁ ନେଇ ୧ ଲକ୍ଷ ପର୍ଯ୍ୟନ୍ତ ରହିଛି। ଅଗଷ୍ଟ ୧ରେ ମଧ୍ୟ ଉକ୍ତ ପ୍ରଦର୍ଶନୀ ଜାରି ରହିବ।



## ଓଡ଼ିଶାରେ କାରଖାନା ସ୍ଥାପନ କରିବ ମହା ସିମେଣ୍ଟ

ଭୁବନେଶ୍ୱର,୩୧।୭




ମାଇଁ ହୋମ୍ ସିମେଣ୍ଟ ବା ମହା ସିମେଣ୍ଟ କମ୍ପାନୀ ପକ୍ଷରୁ ଓଡ଼ିଶାର ଯାଜପୁର ଜିଲ୍ଲାର ବଇରି ଗ୍ରାମରେ ଏକ ମେଗା ସିମେଣ୍ଟ କାରଖାନା ସ୍ଥାପନ କରିବ ବୋଲି ସୂଚନା ମିଳିଛି। ଏପରିକି କମ୍ପାନୀ ୩ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଏକ ବୃହତ କାରଖାନା ସ୍ଥାପନ ଲାଗି ନିଷ୍ପତ୍ତି ନେଇଛି। ସରକାରଙ୍କ ନିଷ୍ପତ୍ତି କ୍ରମେ ଇଡ୍‌କୋ ପକ୍ଷରୁ ୧୦୦ ଏକର ଜମି ମହାସିମେଣ୍ଟକୁ ଯୋଗାଇ ଦିଆଯିବାକୁ ଥିବା ବେଳେ ଅବଶିଷ୍ଟ ୧୦ ଏକରରୁ ଊର୍ଦ୍ଧ୍ୱ ଜମି କମ୍ପାନୀ କର୍ତ୍ତୃପକ୍ଷ ସିଧାସଳଖ ସ୍ଥାନୀୟ ଲୋକଙ୍କଠାରୁ ବଜାର ଦରରେ କିଣିବେ। ପୂର୍ବରୁ କମ୍ପାନୀ ଓଡ଼ିଶାରେ କେବଳ ସିମେଣ୍ଟ ବିକ୍ରିରେ ଲିପ୍ତ ଥିବାବେଳେ ବର୍ତ୍ତମାନ ସ୍ଥାନୀୟ ଉତ୍ପାଦନ ଉପରେ କମ୍ପାନୀ ଗୁରୁତ୍ୱ ଦେଇଛି।

ସେହିଭଳି କମ୍ପାନୀ କର୍ତ୍ତୃପକ୍ଷ ଉତ୍ପାଦ ନିର୍ମାଣ ପାଇଁ ଆବଶ୍ୟକ ଜଳରୁ ୯୦% ବର୍ଷା ଜଳକୁ ସଂରକ୍ଷଣ କରିବେ। ଏହାଛଡା ବଇରୀ ଓ ଏହାର ଆଖପାଖ ଅଞ୍ଚଳରେ ପରିବେଶ ସୁରକ୍ଷା ଲାଗି ବ୍ୟାପକ ବୃକ୍ଷରୋପଣ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଯୋଗ୍ୟତା ଭିତ୍ତିରେ ପ୍ରତ୍ୟକ୍ଷ ନିଯୁକ୍ତି ଯୋଗାଇଦେବ ବୋଲି ମହାସିମେଣ୍ଟର ଓଡିଶା ମୁଖ୍ୟ ସୁଧାଂଶୁ ଗନ୍ତାୟତ କହିଛନ୍ତି। ଉକ୍ତ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତି ସହ ପରୋକ୍ଷ ଭାବେ ଶତାଧିକ ଲୋକ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କମ୍ପାନୀ ଦେଶର ବିଭିନ୍ନ ସ୍ଥାନରେ ଥିବା କାରଖାନା ଅଞ୍ଚଳରେ ବ୍ୟାପକ ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷାଗତ ଉନ୍ନତି କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଛି। କମ୍ପାନୀ ଆଗାମୀ ଦିନରେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉନ୍ନତି ନିମନ୍ତେ ବ୍ୟାପକ କଲ୍ୟାଣ ମୂଳକ କାର୍ଯ୍ୟ ଆରମ୍ଭ କରିବ ବୋଲି ଗନ୍ତାୟତ ମତବ୍ୟକ୍ତ କରିଛନ୍ତି।

## ଶେଷଦିନରେ ୬୩ ଲକ୍ଷରୁ ଊର୍ଦ୍ଧ୍ୱ ଆୟକର ଦାଖଲ

**ନୂଆଦିଲ୍ଲୀ,୩୧।୭:** ଗତ ଆର୍ଥିକ ବର୍ଷ (୨୦୨୧-୨୨ବର୍ଷ)ର ଆୟକର ରିଟର୍ନ (ଆଇଟିଆର) ଦାଖଲର ଶେଷ ତାରିଖ ୨୦୨୨ ଜୁଲାଇ ୩୧ ରହିଥିଲା। ବିଭିନ୍ନ କାରଣ ଯୋଗୁ ସରକାର ଆଇଟିଆର ଦାଖଲ ବାରମ୍ବାର ଘୁଞ୍ଚାଇବା ସହ ହିତାଧିକାରୀ ପ୍ରାୟ ୪ ଥର ସୁଯୋଗ ନେଇଛନ୍ତି। ଗତ ବର୍ଷର ଆଇଟିଆର ଦାଖଲ ପାଇଁ ଆଉ ସମୟ ଦିଆଯିବ ନାହିଁ ବୋଲି ନିକଟରେ ସରକାର ଘୋଷଣା କରିଥିଲେ। ଫଳରେ ରବିବାର ସତ୍ତ୍ୱେ ମଧ୍ୟ ୬୩.୪୭ ଲକ୍ଷ ହିତାଧିକାରୀ ଜୁଲାଇ ୩୧ ରାତି ୧୧ ଘଟିକା ସୁଦ୍ଧା ଦାଖଲ କରିଥିବା ବିଭାଗୀୟ ୱେବସାଇଟରେ ଉଲ୍ଲେଖ କରାଯାଇଛି। ସେହିପରି ରିଟର୍ନ ଦାଖଲ ତାରିଖ ବୃଦ୍ଧି କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଥିଲେ ମଧ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରିବା ନେଇ କୌଣସି ପ୍ରକାର ସୂଚନା ଦେଇନାହାନ୍ତି। ଜୁଲାଇ ୩୧ ରେ ୬୩ ଲକ୍ଷରୁ ଊର୍ଦ୍ଧ୍ୱ ରିଟର୍ନ ଦାଖଲ ହୋଇଥିଲା ବେଳେ ମୋଟ ୫.୭୩ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଆୟକର ରିଟର୍ନ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ୧ମ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୩୧।୭

ଏସବିଆଇ ଲାଇଫ୍ ଇନ୍‌ସ୍ୟୁରାନ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ସୂଚନା ଅନୁଯାୟୀ ୨୦୨୨ ଜୁନ୍ ୩୦ ମଧ୍ୟରେ ୫,୫୯୧କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି। ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ଏହାର ପରିମାଣ ୩,୩୪୫ କୋଟି ଟଙ୍କା ଥିଲା। ୨୦୨୧ ଜୁନ୍ ୩୦ ତୁଳନାରେ ନିୟମିତ ପ୍ରିମିୟମ୍ ୮୩% ବୃଦ୍ଧି ପାଇଛି। ସେହିଭଳି ସୁରକ୍ଷା ଉପରେ ଗୁରୁତ୍ୱ ବଜାୟ ରଖି ଏସବିଆଇ ଲାଇଫ୍‌ର ପ୍ରୋଟେକ୍ସନ ନୂଆ ବ୍ୟବସାୟ ପ୍ରିମିୟମ୍ ୧ମ ତ୍ରୈମାସିକରେ ୬୯୫ କୋଟି ଟଙ୍କା ହୋଇଛି, ଏଥିରେ ୬୩%ର ବୃଦ୍ଧି ଘଟିଛି। ପ୍ରୋଟେକ୍ସନ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ଏହି ସମୟରେ ୫୫% ବୃଦ୍ଧି ପାଇ ୨୦୩ କୋଟି ଟଙ୍କା ହୋଇଛି। ୨୦୨୧ ଜୁନ୍ ୩୦ ତ୍ରୈମାସିକ ତୁଳନାରେ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ୮୭% ବୃଦ୍ଧି ପାଇ ୩,୪୩୦ କୋଟି ଟଙ୍କା ହୋଇଛି। ସେହିପରି ଏସବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୨୦୨୨ ଜୁନ୍ ୩୦ ସୁଦ୍ଧା ୨୬୩ କୋଟି ଟଙ୍କା ହୋଇଛି। କମ୍ପାନୀର ସଲ୍‌ଭେନ୍ସି ରେସିଓ ଏହି ସମୟରେ ୨.୨୧ ରହିଛି। ଏହା ନିୟାମକ ଆବଶ୍ୟକତା ୧.୫୦ଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡିଛି। ଅପରପକ୍ଷରେ ଏସବିଆଇ ଲାଇଫ୍‌ର ପରିଚାଳନା ଅଧୀନ ସମ୍ପତ୍ତି (ଏୟୁଏମ୍)ରେ ବୃଦ୍ଧି ଜାରି ରହିବା ସହ ୨୦୨୨ ଜୁନ୍ ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ତାହା ୧୩% ବୃଦ୍ଧି ପାଇ ୨,୬୨,୩୪୯ କୋଟି ଟଙ୍କା ହୋଇଛି ଓ ଡେବ୍‌ଟ ଓ ଇକ୍ୱିଟି ଅନୁପାତ ୭୩:୨୭ ରହିଛି। ୯୭%ରୁ ଅଧିକ ଡେବ୍‌ଟ ନିବେଶ ଏଏଏ ଓ ସୋଭରେନ୍ ଉପକରଣରେ ହୋଇଛି।

### ଫୁର୍‌ସତ

# ଭାରତର ଫ୍ଲାଗ୍ ଅଙ୍କଲ୍

## ୬୦ ବର୍ଷ ହେଲା ତ୍ରିରଙ୍ଗା ପତାକା ତିଆରି କରୁଛନ୍ତି




**ନୂଆଦିଲ୍ଲୀ:** ଦିଲ୍ଲୀର ସଦର ବଜାରରେ ଅବଦୁଲ ଜାଫରଙ୍କ ସିଲେଇ ଦୋକାନ। ଅବଦୁଲ ଗାଫର ସ୍ଥାନୀୟ ଅଞ୍ଚଳରେ 'ଫ୍ଲାଗ୍ ଅଙ୍କଲ୍' ବା 'ଝଣ୍ଡେ ୱାଲେ'ଭାବେ ବେଶ୍ ଜଣାଶୁଣା। ତେବେ ଏହାପଛର କାରଣ ହେଉଛି ଗତ ୬୦ ବର୍ଷ ଧରି ସେ ତ୍ରିରଙ୍ଗା ପତାକା ତିଆରି କରିଆସୁଛନ୍ତି। ବର୍ତ୍ତମାନ ୭୧ ବର୍ଷୀୟ ଅବଦୁଲ ୧.୫ ଲକ୍ଷ ପତାକା ତିଆରି କରି ରେକର୍ଡ ସୃଷ୍ଟି କରିଛନ୍ତି। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶରେ ଲାଗୁ ଏମର୍ଜେନ୍ସିଠାରୁ ଆରମ୍ଭ କରି ଅଟଳ ବିହାରୀ ପାଜପାୟୀ ସରକାର ସମୟରେ ଏବଂ ଆନ୍ନା ହାଜାରେ ଆନ୍ଦୋଳନ ସମୟରେ ଅବଦୁଲ ପତାକା ଯୋଗାଇଥିବା କୁହନ୍ତି। ସ୍ୱାଧୀନତା ଦିବସ ପାଇଁ ଅବଦୁଲ ଏବେଠାରୁ ଜାତୀୟ ପତାକା ତିଆରି କରିବା ଆରମ୍ଭ କରିଛନ୍ତି।

ଦେଶବ୍ୟାପୀ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିଥିବାବେଳେ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଘରେ ଜାତୀୟ ପତାକା ଲଗାଇ ପାରିବେ। ସେଥିପାଇଁ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପତାକାର ଆବଶ୍ୟକତା ବଢ଼ିବା ସମ୍ଭାବନା ରହିଛି। ଏ ନେଇ ପତାକା ନେଇ ଲୋକେ ଅଧିକ ମାତ୍ରାରେ ଅର୍ଡର କରୁଥିବାବେଳେ ଦୋକାନରେ କାମ କରୁଥିବା ମିସ୍ତ୍ରି ସବୁ ଚାରିଟି ଶିଫ୍ଟରେ କାମ କରୁଛନ୍ତି। ଏହାଦ୍ୱାରା ପ୍ରତ୍ୟେକଙ୍କ ରୋଜଗାର ମଧ୍ୟ ବଢ଼ିଛି। ଯେଉଁ କାରିଗର ଦୈନିକ ୨୦୦ରୁ ୨୫୦ ଟଙ୍କା ରୋଜଗାର କରୁଥିଲେ ସେମାନେ ବର୍ତ୍ତମାନ ୮୦୦ରୁ ଏକ ହଜାର ଟଙ୍କା ଆୟ କରିବାରେ ଲାଗିଛନ୍ତି। ତେବେ ଅବଦୁଲ ପରିବାର ପୋଷିବା ପାଇଁ ନୁହେଁ ବରଂ ଦେଶ ପାଇଁ ପତାକା ତିଆରି କାମ ଦୀର୍ଘ ୬୦ ବର୍ଷ ଧରି କରିଆସୁଥିବା କହିଛନ୍ତି।

## ପଞ୍ଜାବୀ ଫିଲ୍ମରେ ଅମୀରା

ମୁମ୍ବାଇ

ହିନ୍ଦୀ, ତେଲୁଗୁ, ତାମିଲ ପରେ ଏବେ ପଞ୍ଜାବୀ ଫିଲ୍ମରେ ଦେଖାଯିବେ ବଲିଉଡ୍ ଅଭିନେତ୍ରୀ ଅମୀରା ଦସ୍ତୁର। ସେ ନିଜକୁ ଜଣେ ପାନ୍-ଇଣ୍ଡିଆ ଅଭିନେତ୍ରୀ ଭାବେ ଗଢ଼ିବା ପାଇଁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ବର୍ତ୍ତମାନ ସମୟରେ ବହୁଳମାତ୍ରାରେ ପାନ୍ ଇଣ୍ଡିଆ ଫିଲ୍ମ ତିଆରି ହେବାରେ ଲାଗିଛି, ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ମଧ୍ୟ ଆସୁଛି। ଆର୍‌ଆର୍‌ଆର୍, ବାହୁବଳି ଭଳି ପାନ୍ ଇଣ୍ଡିଆ ଫିଲ୍ମ ଆଜିର ଦିନରେ ସୁପରହିଟ୍ ସାବ୍ୟସ୍ତ ହୋଇଥିବାବେଳେ ଫିଲ୍ମ ସବୁକୁ ଦର୍ଶକଙ୍କ ଭଲପାଇବା ମଧ୍ୟ ମିଳିଛି। ସେ ନିଜକୁ ଗୋଟିଲ ଚଳଚ୍ଚିତ୍ର ଜଗତରେ ସୀମିତ କରି ରଖିବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି। ୨୦୧୩ରେ ହିନ୍ଦୀ ଫିଲ୍ମ 'ଇଶକ୍' ଜରିଆରେ ଅମୀରା ବଲିଉଡ୍ ଡେବ୍ୟୁ କରିଥିଲେ। ହିନ୍ଦୀ ଫିଲ୍ମ ତୁଳନାରେ ସେ ଅଧିକ ମାତ୍ରାରେ ତାମିଲ ଫିଲ୍ମରେ କାମ କରିଛନ୍ତି। ୨୦୨୧ରେ ଶେଷଥର ପାଇଁ ସେ 'କୋଇ ଜାନେନା'ରେ ଦେଖାଯାଇଥିଲେ।



## ୩୦ ବର୍ଷରେ କିଆରା

**ମୁମ୍ବାଇ:** କିଆରା ଆଡଭାନୀ ଆଜି ବଲିଉଡର ଜଣେ ସୁପରିଚିତ ଅଭିନେତ୍ରୀ। ନାୟିକାଙ୍କ ଅଭିନୟ ସାଙ୍ଗକୁ ସୁନ୍ଦରତା ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପସନ୍ଦ। ୨୦୧୪ରେ ଫିଲ୍ମ କ୍ୟାରିୟର୍ ଆରମ୍ଭ କରିଥିବା କିଆରା ରବିବାର ପାଳନ କରିଛନ୍ତି ତାଙ୍କ ୩୦ତମ ଜନ୍ମଦିନ। ନାୟିକା ଜଣକ ଉଭୟ ବଲିଉଡ୍ ଓ ଟଲିଉଡ୍‌ରେ ସକ୍ରିୟ ଥିବାବେଳେ ତାଙ୍କ ଜନ୍ମଦିନ ଅବସରରେ ଉଭୟ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଲୋକେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତ। ତେବେ କିଆରାଙ୍କୁ ଜନ୍ମଦିନ ୱିସ୍ କରିବା ପାଇଁ ସିଦ୍ଧାର୍ଥ ମାଲହୋତ୍ରା ବାଦ୍ ପଡ଼ିନାହାନ୍ତି। କିଆରା ଓ ସିଦ୍ଧାର୍ଥଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାନେଇ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବାବେଳେ ଏ ପ୍ରସଙ୍ଗରେ ଦୁହେଁ କେବେ ମୁହଁ ଖୋଲି ନାହାନ୍ତି। ମାତ୍ର ୮ ମାସ ବୟସରେ ଏକ ବିଜ୍ଞାପନ ଜରିଆରେ ଟେଲିଭିଜନରେ ଦେଖାଯାଇଥିଲେ କିଆରା। ହିନ୍ଦୀ ଫିଲ୍ମ 'ଫଗି' କିଆରାଙ୍କ ପ୍ରଥମ ବଲିଉଡ୍ ଡେବ୍ୟୁ।



## ସ୍ତ୍ରୀଙ୍କୁ ମାରିବା ପାଇଁ ୧୪୦୦ କି.ମି. କାର୍ ଚଳାଇ ଆସିଲେ ସ୍ୱାମୀ

**ସିକାଗୋ:** ପୂର୍ବତନ ସ୍ତ୍ରୀଙ୍କୁ ଜୀବନରୁ ମାରି ଦେବା ପାଇଁ ଜର୍ଜିଆରୁ ସିକାଗୋ ଆସିଥିଲେ ସ୍ୱାମୀ। ଦୀର୍ଘ ୧୪ଶହ କିଲୋମିଟର ବାଟ ଅତିକ୍ରମ କରି ସିକାଗୋରେ ସେ ପହଞ୍ଚିଥିଲେ। ସାମାନ୍ୟ ଏକ ଟିକ୍‌ଟକ୍ ଭିଡିଓକୁ କେନ୍ଦ୍ର କରି ଏ ପ୍ରକାର ଅଘଟଣ ଘଟିଥିବା କୁହାଯାଉଛି। କିଛିଦିନ ତଳେ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ର ନେଇଥିଲେ। ବିଚ୍ଛେଦ ପରେ ମହିଳା ଜଣକ ସିକାଗୋରେ ରହୁଥିବାବେଳେ ସ୍ୱାମୀ ଜର୍ଜିଆରେ ରହୁଥିଲେ। ମୃତ ମହିଳା ସୋନିଆ ଖାନ୍ ପାକିସ୍ତାନୀ-ଆମେରିକୀୟ ଫଟୋଗ୍ରାଫର୍। ବିବାହ ବିଚ୍ଛେଦ ନେଇ ଟିକ୍‌ଟକ୍‌ରେ ଏକ କରୁଣ ଭିଡିଓ ଶେୟାର କରିଥିଲେ। ତେବେ ଭିଡିଓଟିକୁ ତାଙ୍କ ସ୍ୱାମୀ ରହିଲ ଅହମଦ ଦେଖି ରାଗିଯାଇଥିଲେ ଓ ତାଙ୍କୁ ମାରିବାର ନିଷ୍ପତ୍ତି ନେଇଥିଲେ। ଜର୍ଜିଆରୁ ସିକାଗୋ ଆସିବା ପାଇଁ ତାଙ୍କୁ ପ୍ରାୟ ୧୪ ଘଣ୍ଟା ସମୟ ଲାଗିଥିଲା। ସ୍ତ୍ରୀ ସୋନିଆଙ୍କୁ ଗୁଳିକରି ହତ୍ୟା କରିବା ପରେ ଅହମଦ ଆତ୍ମହତ୍ୟା କରିଥିବା ସ୍ଥାନୀୟ ପୋଲିସ କହିଛି। ଜର୍ଜିଆ ସ୍ଥିତ ଘରେ ଅହମଦଙ୍କୁ ନ ପାଇ ତାଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ସିକାଗୋର ୨୦୦ ନମ୍ବର ବ୍ଲକ୍ ଇ.ଓହିଂଓ ଷ୍ଟ୍ରିଟ୍‌ର ଏକ ଆପାର୍ଟମେଣ୍ଟରୁ ଦମ୍ପତିଙ୍କ ମୃତଦେହ ପାଇଥିଲା। ଖବର ମୁତାବକ ଘଟଣାସ୍ଥଳରେ ସୋନିଆଙ୍କ ମୃତ୍ୟୁ ହୋଇଥିବାବେଳେ ଅହମଦଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା।



## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବାରଙ୍ଗ,୩୧।୭(ଡି.ଏନ୍.ଏ.): କୁଆଖାଇ ନଦୀରେ ବୁଡ଼ି ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗ୍ରାମ ରାମଗଡ଼ ସାହିରେ ରହୁଥିବା ଟିକି ବାରିକ। ସୂଚନା ମୁତାବକ, ମଧ୍ୟାହ୍ନରେ ଟିକି ରାମଗଡ଼ ସାହିସ୍ଥିତ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ସେ ବୁଡ଼ିଯାଇଥିଲେ। ନିକଟରେ ଗାଧୋଉଥିବା କେତେଜଣ ଲୋକ ଦେଖି ଡାକ ପକାଇଥିଲେ। କେତେଜଣ ଯୁବକ ପହଞ୍ଚି ଖୋଜାଖୋଜି କରିବା ସହ ପାଣିଟାଙ୍କି ପାଖ ନଦୀରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ସଂକୀର୍ତ୍ତନ କଳାକାରଙ୍କ ପରଲୋକ

ବାଲିଅନ୍ତା,୩୧।୭(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୪ ନଂ. ୱାର୍ଡ ଅଧୀନ ସୁନ୍ଦରାପାଟଣା ଗ୍ରାମର ସଂକୀର୍ତ୍ତନ କଳାକାର ତ୍ରିଲୋଚନ ଜେନାଙ୍କ ଶନିବାର ବିଳମ୍ବିତ ରାତିରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ବୃକ୍କଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଜେନା ବିଭିନ୍ନ ସାମାଜିକ ସାଂସ୍କୃତିକ, ସଙ୍ଗଠନ ସହିତ ସାମିଲ ଥିଲେ। ସେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଦୁର୍ଘଟଣାରେ ୪ କାଉଡ଼ିଆ ଆହତ

ଗୋପ,୩୧।୭(ଡି.ଏନ୍.ଏ.): ଶ୍ରାବଣ ମାସର ତୃତୀୟ ସୋମବାର ଲାଗି କାଉଡ଼ିଆମାନେ ଯାଉଥିଲାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ନିକଟରେ ରବିବାର ବାଇକ୍ ଧକ୍କାରେ କାଉଡ଼ିଆ ଅଚ୍ୟୁତ ଲେଙ୍କା ଗୁରୁତର ଆହତ ହୋଇଛନ୍ତି। ସେହିପରି ଗୋପ-କୋଣାର୍କ ରାସ୍ତାର ତହସିଲ ଅଫିସ ନିକଟରେ ବାଇକ୍ ଧକ୍କାରେ କୈଳାସ ମଲ୍ଲିକ ଗୁରୁତର ହୋଇଥିବା ବେଳେ ସୁବାସ ମଲ୍ଲିକ ଓ ଟୁଟୁ ମଲ୍ଲିକ ଆହତ ହୋଇଛନ୍ତି।

### ନଦୀରୁ ମିଳିଲା ମହିଳାଙ୍କ ମୃତଦେହ, ହତ୍ୟା ସନ୍ଦେହ

କଣାସ,୩୧।୭(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ନିକଟ ଦୟାନଦୀରୁ ଜଣେ ମହିଳାଙ୍କ ମୃତଦେହ ମିଳିଛି। ତାଙ୍କ ବେକରେ ଏକ ଗାମୁଛା ବନ୍ଧାଯାଇଥିବାରୁ ତାଙ୍କୁ କେହି ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ଏ ସଂକ୍ରାନ୍ତରେ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ଦୟାନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କଣାସ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସୁବାସ ପାତ୍ର ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ କଣାସ ଥାନା ପୋଲିସ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମହିଳାଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହୋଇଥିବାବେଳେ ସେ ନାଲିରଙ୍ଗର ନାଇଟ ପିନ୍ଧିଥିବା ଓ ତାଙ୍କ ବେକରେ ଏକ ଗାମୁଛା ବନ୍ଧାଯାଇଥିବା ଦେଖିବାକୁ ମିଳିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ମୃତଦେହଟି ୩/୪ ଦିନ ତଳର ବୋଲି ଅନୁମାନ କରାଯାଉଛି। ମୃତଦେହଟି ରାଜୁଆ ନଦୀରୁ ଭାସି ଆସିଥିବା ଆଖପାଖ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। କେହି ତାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଅଟୋ ସହ ମଦ ଜବତ, ବେପାରୀ ଗିରଫ

ନିରାକାରପୁର,୩୧।୭(ଡି.ଏନ୍.ଏ.): ଜଙ୍କିଆ ଥାନା ପୋଲିସ ରବିବାର ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋଡିପଡ଼ା ଲହଙ୍ଗା ପାଇକପୁଟ ସାହିର ଗୌତମ ପ୍ରଧାନ ଓରଫ ଗୁଲୁ(୩୫)। ତାଙ୍କ ନିକଟରୁ ୫୦ଲିଟର ଦେଶୀ ମଦ ସହ ଏକ ଅଟୋ ଜବତ କରାଯାଇଛି ବୋଲି ଏସ୍ଆଇ ବେଣୁଧର ରାୟ କହିଛନ୍ତି। ସୂଚନା ମୁତାବକ, ଗୌତମ ଅଟୋ (ଓଡି୦୨ ଏଚ୍-୯୮୮୫) ରେ ମଦ ବୋଝେଇ କରି ଗ୍ରାମ ଅଭିମୁଖେ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଜଙ୍କିଆ ସ୍ଥିତ ୧୬ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ୍ ବୁଲାଣି ନିକଟରେ ଅଟୋକୁ ଅଟକାଇବା ସହ ଗୌତମଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ମଧ୍ୟାହ୍ନଭୋଜନ ଅର୍ଥ ହେରଫେର ଅଭିଯୋଗ

## ତଳବୋରେଇ ଆଶ୍ରମ ସ୍କୁଲ

- ଜାଲ୍ ରସିଦ୍‌ରେ ହୋଇଛି ବିଲ୍
- ଆର୍‌ଟିଆଇ ତଥ୍ୟ ଖୋଲିଲା ଗୁମର
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲାପାଳ

ଖୋର୍ଦ୍ଧା ଅଫିସ,୩୧।୭

ସରକାରୀ ଆଶ୍ରମ ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷା, ସୁସ୍ଥ ପରିବେଶ, ଉତ୍ତମ ଖାଦ୍ୟପେୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ମଧ୍ୟ କରିଛନ୍ତି। ତେବେ କେତେକ ସ୍କୁଲରେ ପିଲାଙ୍କ ସାମଗ୍ରୀ ବାଟମାରଣା ହେଉଛି। ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ତଳବୋରେଇ ସରକାରୀ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା (ଏମ୍‌ଡିଏମ୍)ରେ ଜାଲିଆତି ହୋଇଥିବା ତଥ୍ୟ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ସାମ୍ନାକୁ ଆସିଛି। ଜାଲ୍ ରସିଦରେ ବିଲ୍ କରାଯାଇ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଛି। ରାଶନ, ପରିବା ଏବଂ ଅଣ୍ଡା କିଣାରେ ହେରଫେର ହୋଇଛି। ଯେଉଁଠୁ ସାମଗ୍ରୀ କିଣାଯାଇ ବିଲ୍ ପଇଠ କରାଯାଇଛି, ସେଭଳି ଦୋକାନ ବାଣପୁରରେ ନ ଥିବା ଜଣାପଡିଛି। ସେହିପରି ଗୋଟିଏ ଦିନରେ ଗୋଟିଏ ଦୋକାନରୁ କିଣାଯାଇଥିବା ସାମଗ୍ରୀର ଭିନ୍ନ ଦର ରହିଛି। ଦୋକାନ ନାଁରେ ଫଲ୍ସ ରସିଦ ଛପାଯାଇଛି। ୪-୫ଟି ବିଲ୍ କରାଯାଇଥିବାବେଳେ ସେଗୁଡ଼ିକରେ ଉଲ୍ଲେଖ ତଥ୍ୟରେ ତାଳମେଳ ନାହିଁ। ୨୦୧୮, ୨୦୧୯ ଏବଂ ୨୦୨୦ରେ ଏଭଳି ଦୁର୍ନୀତି କରାଯାଇଥିବା ଅଭିଯୋଗ ହେଉଛି। ୨୦୧୫ରେ ଜିଏସ୍‌ଟି ଲାଗୁ ହେଲା। ତେବେ ୩ ବର୍ଷରେ ଦିଆଯାଇଥିବା ବିଲ୍‌ରେ ଭାଟ୍ ଲାଗୁ ହୋଇଛି। ସାମଗ୍ରୀ କିଣାରେ ହେରଫେର ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି। ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୨୦୨୦ ମାର୍ଚ୍ଚ ୨୦ରେ ରାଜ୍ୟ ସରକାର ସମସ୍ତ ସ୍କୁଲ ଓ କଲେଜ ବନ୍ଦ କରିଦେଇଥିଲେ। ଏହାର ସପ୍ତାହକ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୧୩ରେ ୬କୁଇଣ୍ଟାଲ ଆଳୁ, ୧୦୦ କେଜି ପିଆଜ, ୫୮ କେଜି ବାଇଗଣ, ୪ ହଜାର ଅଣ୍ଡା, ୧ କୁଇଣ୍ଟାଲ ତେଲ କିଣାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ତେବେ ସ୍କୁଲ ବନ୍ଦ ହେବା ପରେ ଏସବୁ ସାମଗ୍ରୀ କୁଆଡ଼େ ଗଲା ତାହାର ହିସାବ ନାହିଁ।

ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ବାଣପୁରର କନ୍ୟାକୁମାରୀ ଷ୍ଟୋର, ତାରିଣୀ ଭଣ୍ଡାର ଏବଂ ଜେନା ଏଗ୍ ସେଣ୍ଟରରୁ ଯଥାକ୍ରମେ ରାଶନ, ପରିବା ଓ ଅଣ୍ଡା କିଣାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ତେବେ ସମ୍ପୃକ୍ତ ତେଜରାତି ଦୋକାନୀ ଦିଲୀପ ସ୍ୱାଇଁ କହିଛନ୍ତି, ସେହି ବିଲ୍ ଆମ ଦୋକାନର ନୁହଁ। ଆମେ ଭାଟ୍ ନୁହେଁ, ଜିଏସ୍‌ଟି ବିଲ୍ ଦେଉଛୁ। ସେମାନେ ଆମଠାରୁ ସାମଗ୍ରୀ ନେଇଛନ୍ତି, ମାତ୍ର ବିଲ୍ ନେଇନାହାନ୍ତି। ସେହିପରି ସମ୍ପୃକ୍ତ ପରିବା ଦୋକାନୀ କୃଷ୍ଣଚନ୍ଦ୍ର ସେଠୀ କୁହନ୍ତି, ବିଲ୍ ଦେଇନାହିଁ। ଦୋକାନ ନାଁରେ ନକଲି ରସିଦ୍ ଛପାଯାଇଛି। ଅଣ୍ଡା ଦୋକାନୀ ସୁଦର୍ଶନ ଜେନା କହିଛନ୍ତି, ଅଣ୍ଡା ନିଆଯାଏ, ମାତ୍ର ଦିଆଯାଇଥିବା ଦୋକାନ ନାଁ ମିଥ୍ୟା। ସୂଚନା ଅଧିକାର କର୍ମୀ ସୁଶୀଲ ଅଗ୍ରୱାଲ କୁହନ୍ତି, ଆର୍‌ଟିଆଇ ବଳରେ ତଥ୍ୟ ମାଗିଥିଲି। ଦିଆଯାଇଥିବା ତଥ୍ୟ ମିଥ୍ୟା ବୋଲି ପ୍ରମାଣିତ ହୋଇଥିଲା। ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ। ବାଣପୁର ବ୍ଲକ ଶିକ୍ଷାଧିକାରୀ ସନାତନ ଜାଲି କହିଛନ୍ତି, ଘଟଣାର ତଦନ୍ତ କରାଯିବ। ସମସ୍ତ ବିଲ୍ ଯାଞ୍ଚ କରାଯିବ। ସତ୍ୟତା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି, ଗଣମାଧ୍ୟମରୁ ଏନେଇ ଜାଣିବାକୁ ପାଇଛି। ଅଭିଯୋଗ ହେଲେ ତଦନ୍ତ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏକାମ୍ରରେ ୩୧.୭୦ କୋଟିର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ



ଭୂତଳ ଜଳଭଣ୍ଡାର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର, ୩୧।୭ (ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀରେ ରବିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ୩୧.୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ନାଗେଶ୍ୱର ଟାଙ୍ଗୀ ଏବଂ ସଂଲଗ୍ନ ଅଞ୍ଚଳକୁ ୧୦ ଲକ୍ଷ ଲିଟରବିଶିଷ୍ଟ ଭୂଉଚ୍ଚ ଜଳଭଣ୍ଡାର ପାଇଁ ୨.୫୮କୋଟି ଟଙ୍କାରେ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ, ଭୁଆସୁଣୀ ସଂଲଗ୍ନ ଅଞ୍ଚଳ ପାଇଁ ୧୫ ଲକ୍ଷ ଲିଟରବିଶିଷ୍ଟ ଭୂଉଚ୍ଚ ଜଳଭଣ୍ଡାର ପାଇଁ ୪.୧୬ କୋଟି ଟଙ୍କାର ଶିଳାନ୍ୟାସ କରିଥିଲେ। ପରେ ୧ କୋଟି ଟଙ୍କା ବ୍ୟୟରେ କପିଳେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ୭ ଲକ୍ଷ ଲିଟରବିଶିଷ୍ଟ ଭୂତଳ ଜଳଭଣ୍ଡାରକୁ ମଧ୍ୟ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ୨.୫୮ କୋଟି ଟଙ୍କାର ଆଉ ଏକ ୧୦ ଲକ୍ଷ୍ୟ ଲିଟର ବିଶିଷ୍ଟ ଭୂଉଚ୍ଚ ଜଳଭଣ୍ଡାରର ଶିଳାନ୍ୟାସ କରିବା ସହ ୧୪ ଲକ୍ଷ ଟଙ୍କାରେ ଏକ ଗୋଷ୍ଠୀ ଗୃହର ଉଦ୍‌ଘାଟନ, ୧୫ ଲକ୍ଷ ଟଙ୍କାର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅପରାହ୍ନରେ ୱାର୍ଡ ନଂ.୨୩ର ଘାଟିକିଆ କଳିଙ୍ଗନଗର କେ-୩ ଏ ଏବଂ କେ-୨ ଅଞ୍ଚଳ ପାଇଁ ୨୧ କୋଟି ଟଙ୍କାରେ ରାସ୍ତାର ଭିତ୍ତିପ୍ରସ୍ତର ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ବିରଞ୍ଚି ନାରାୟଣ ମହାସୁପକାର, ନୃପେଶ ନାୟକ, ଶିବପ୍ରସାଦ ବେହେରା, ୱାଟ୍‌କୋର ମହାପ୍ରବନ୍ଧକ ଗୁରୁଚରଣ ଦାସ, ପ୍ରବନ୍ଧକ ଈଶ୍ୱର ଚନ୍ଦ୍ର ପ୍ରଧାନ, କପିଳେଶ୍ୱର ମନ୍ଦିର ସେବାୟତ ହରିହର ମଳିଆ, ହଳଧର ମଳିଆ, ଜଗନ୍ନାଥ ମଳିଆ, ଅରବିନ୍ଦ ମଳିଆ, ସୂର୍ଯ୍ୟଭାନୁ ମହାପାତ୍ର, ବିଜୟ ମଳିଆ, ଗାନ୍ଧୀ ମଳିଆ ଉପସ୍ଥିତ ଥିଲେ।




ସିଫା ଅଡିଟୋରିୟମ୍‌ରେ ରବିବାର ଧଉଳି ସାହିତ୍ୟ ସଂସଦ ଓ ସୁଚ୍ଛୁଜା ପ୍ରକାଶନୀ ପକ୍ଷରୁ କବି ଅକ୍ଷୟ ସ୍ୱାଇଁଙ୍କ ତୃତୀୟ କବିତା ସଙ୍କଳନ 'ଛାୟାମଞ୍ଚ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# କବିତା ସଙ୍କଳନ 'ଛାୟାମଞ୍ଚ' ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୩୧।୭(ଡି.ଏନ୍.ଏ.)

ସିଫା ଅଡିଟୋରିୟମ୍‌ରେ ରବିବାର ଧଉଳି ସାହିତ୍ୟ ସଂସଦ ଓ ସୁଚ୍ଛୁଜା ପ୍ରକାଶନୀ ଆନୁକୂଲ୍ୟରେ କବି ଅକ୍ଷୟ ସ୍ୱାଇଁଙ୍କ ତୃତୀୟ କବିତା ସଙ୍କଳନ 'ଛାୟାମଞ୍ଚ' ଉନ୍ମୋଚିତ ହୋଇଯାଇଛି। ସୂଚନା କମିଶନର ସଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି, ବିଶିଷ୍ଟ କବି ଫନୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବିତା ଓ ଆଇନ ଏବଂ କବିତାକୁ ନେଇ ବିବିଧ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ କଥାକାର ଡ. ଅଜୟ ସ୍ୱାଇଁ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ, କବି ପବିତ୍ର ମୋହନ ଦାସ, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ଦିଲୀପ ସୁବୁଦ୍ଧି, ବୃନ୍ଦାବନ ସାହୁ, ଯଶୋବନ୍ତ ସେଠୀ, ଅସୀମା ସାହୁ, ସୁମନ୍ତ ସୁବୁଦ୍ଧି ପ୍ରମୁଖ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଲେଖିକା ମୌସୁମୀ ଦାସ ଉନ୍ମୋଚିତ କବିତାକୁ ସମୀକ୍ଷା କରିଥିଲେ। 'ଛାୟାମଞ୍ଚ'ର ପ୍ରଥମ କପି ପାଠିକା ସବିତା ରଥ ୫ ହଜାର ଟଙ୍କା ଦେଇ କିଣିଥିଲେ। ଏହି ଅବସରରେ 'ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶିକା ଶର୍ମିଳା ସାହୁ ଏହି ପୁସ୍ତକ ପ୍ରକାଶନକୁ ନେଇ ଆଲୋଚନା କରିଥିଲେ। ନିରଞ୍ଜନ ନାୟକ ସ୍ୱାଗତ ଭାଷଣ, ମାଧବାନନ୍ଦ ବେହୁରା ସଭାକାର୍ଯ୍ୟ ପରିଚାଳନା ଓ ଦିଲୀପ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# କର୍ଣ୍ଣାଟକ ଆର୍ଟ ଗ୍ୟାଲେରିରେ ସଉରା ଚିତ୍ରକଳା

ଭୁବନେଶ୍ୱର,୩୧।୭ (ବ୍ୟୁରୋ)

ବେଙ୍ଗାଲୁରୁର କର୍ଣ୍ଣାଟକ ଚିତ୍ରକଳା ପରିଷଦ ଆର୍ଟ ଗ୍ୟାଲେରୀରେ ଓଡ଼ିଶାର ପ୍ରସିଦ୍ଧ ଆଦିବାସୀ (ସଉରା) ଚିତ୍ରକଳାର ପ୍ରଦର୍ଶନୀ ରବିବାର ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଆମର କଳା ଓ ସ୍ଥାପତ୍ୟକୁ ନେଇ କିପରି ଶିଳ୍ପୀମାନେ ଭାରତର ପ୍ରମୁଖ ସହରଗୁଡ଼ିକରେ ପ୍ରଦର୍ଶନୀ କରି ନିଜକୁ ପ୍ରତିଷ୍ଠିତ କରିପାରିବେ ତାହା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, କନ୍ନଡ ସଂସ୍କୃତି ବିଭାଗର ସଚିବ ଡ.ଏନ.ମଞ୍ଜୁଳା, ଏକାଡ଼େମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ କର୍ଣ୍ଣାଟକ ଲଳିତକଳା ଏକାଡ଼େମୀର ସଭାପତି ଡି.ମହେନ୍ଦ୍ର ପ୍ରମୁଖ ଶିଳ୍ପୀମାନଙ୍କ ଚିତ୍ରକଳାକୁ ଅବଲୋକନ କରିବା ସହ ସେଥିରେ ଆଦିବାସୀ ଜନଜାତି ସଂସ୍କୃତି, ଫସଲ ଅମଳ, ନାଚ ଗୀତ, ପୂଜା ପାର୍ବଣ ଆଦି ବିଷୟ ବସ୍ତୁ ସବୁ ଖୁବ ମର୍ମସ୍ପର୍ଶୀ ହୋଇଛି ବୋଲି କହିଥିଲେ। ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ପ୍ରଦର୍ଶନୀ ଜରିଆରେ ଶିଳ୍ପୀମାନେ କ୍ୟାନଭାସ ଉପରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ବୋଲି କହିଛନ୍ତି। ଏହି ପ୍ରଦର୍ଶନୀ ଅଗଷ୍ଟ ୩ ପର୍ଯ୍ୟନ୍ତ ଜାରିରହିବ।



ଚିତ୍ରକଳା ପ୍ରଦର୍ଶନୀରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

# ଚିତଉ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୩୧।୭, (ବ୍ୟୁରୋ)

ସଂଭାବନାର ୩ଦିନିଆ ଚିତଉ ଉତ୍ସବ ଶନିବାର ଏକାମ୍ର ହାଟଠାରେ ଉଦ୍‌ଯାପିତ ହୋଇଛି। ଏହା ସୂଚନା ଭବନରେ ଉଦ୍‌ଘାଟିତ ହୋଇଥିବାବେଳେ ପରବର୍ତ୍ତୀ ଦୁଇଦିନ ଏକାମ୍ର ହାଟରେ ଚାଲିଥିଲା। ଏହି ଉତ୍ସବରେ ଓଡ଼ିଆଣୀମାନେ ନିଜେ ପ୍ରସ୍ତୁତ କରିଥିବା ଚିତଉ ପିଠାର ପ୍ରଦର୍ଶନୀ କରାଯାଇଥିଲା। ଲୋକେ ଚିତଉ ପିଠା ସ୍ୱାଦର ମଜା ନେଇଥିଲେ। ପୂର୍ବତନ ବିଧାୟକ ତଥା ଓଡିଶା ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ସଂଭାବନାର ସଂପାଦକ ତଥା ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ଓ ସଂଯୋଜିକା ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୀନା ପାଣିଗ୍ରାହୀ, ରଶ୍ମି ସାହୁ, ମଧୁସ୍ମିତା ଦାସ, ପଦ୍ମାଳୟା ଶତ୍‌ପଥି, ତନୁଶ୍ରୀ ମହାନ୍ତି, ସୌଦାମିନୀ ମହାନ୍ତି, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଜ୍ୟୋସ୍ନା ମିଶ୍ର, ଅରୁନ୍ଧତୀ ମିଶ୍ର, ମାନସୀ ରାଉତରାୟ, ସନ୍ଧ୍ୟା ରଥ, ବିଦ୍ୟୁତ୍‌ପ୍ରଭା ନନ୍ଦ ଓ ବାସନ୍ତୀ ପଟ୍ଟନାୟକ ପ୍ରମୁଖ ପିଠା ପ୍ରଦର୍ଶନ କରିଥିଲେ। ସଂଭାବନା ଓଡ଼ିଆଣୀ ସମିତି ସଦସ୍ୟ ପ୍ରଫୁଲ୍ଲ ଦେ, ସତ୍ୟବ୍ରତ ମହାପାତ୍ର, ରାଜଶ୍ରୀ ଶତପଥୀ ସହଯୋଗ କରିଥିଲେ।

# ଟ୍ରାଫିକ୍ କନଷ୍ଟେବଲଙ୍କୁ କାର୍ ଚଢ଼ାଇ ହତ୍ୟା ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର,୩୧।୭ (ବ୍ୟୁରୋ)

ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ସହିତ ଟ୍ରାଫିକ୍ କନଷ୍ଟେବଲଙ୍କୁ କାର୍ ଚଢ଼ାଇ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ଗଡ଼ ଥାନା ବ୍ରିଟି କଲୋନୀର ପ୍ରକାଶ କୁମାର ପରିଡା(୪୨)। ପୋଲିସ ତାଙ୍କ କାର ଜବତ କରିବା ସହିତ ମାମଲା (ନଂ ୧୫୮ /୨୨) ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ବିଭାଗର ଟ୍ରାଫିକ ଥାନା-୧ରେ କାର୍ଯ୍ୟରତ କନଷ୍ଟେବଲ ଲିଙ୍ଗିପୁର ଟ୍ରାଫିକ ଛକରେ କାର୍ଯ୍ୟ ପରିଚାଳନା କରୁଥିଲେ। ଏହି ସମୟରେ ପୁରୀ ପାର୍ଶ୍ୱରୁ ପ୍ରକାଶ କାର ନେଇ ଆସି ଲିଙ୍ଗିପୁର ଟ୍ରାଫିକ ଛକରେ ଜେବ୍ରା କ୍ରସିଂ ଉପରେ ଗାଡ଼ି ରଖିଥିଲେ। କର୍ତ୍ତବ୍ୟରତ କନଷ୍ଟେବଲ ତାଙ୍କ କାରର ଏକ ଫଟୋ ଉଠାଇବାରୁ ପ୍ରକାଶ ନୟାଗଡ ଆରଟିଓଙ୍କ ପରିଚୟ ଦେଇ ଯୁକ୍ତିତର୍କ କରିବା ସହିତ ଧମକ ଦେଇଥିଲେ। ସଂପୃକ୍ତ କନଷ୍ଟେବଲ ତାଙ୍କୁ କାରରୁ ବାହାରିବାକୁ କହିବାରୁ ସେ ନଶୁଣି ଓଲଟି କାର୍‌କୁ କନଷ୍ଟେବଲଙ୍କ ଉପରେ ଚଢ଼ାଇଦେବାକୁ ଉଦ୍ୟମ କରିଥିଲେ। ଏନେଇ କନଷ୍ଟେବଲ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରକାଶଙ୍କୁ ଗିରଫ କରିଥିଲା ।

# ନିମାପଡ଼ା ଅଞ୍ଚଳରେ ଜ୍ୱର, ଝାଡ଼ାବାନ୍ତି ବ୍ୟାପୁଛି

## ମେଡିକାଲରେ ଶତାଧିକ ରୋଗୀ ଭର୍ତ୍ତି

ନିମାପଡ଼ା,୩୧।୭(ଡି.ଏନ୍.ଏ.):

ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ ଜ୍ୱର, ଝାଡାବାନ୍ତିର ପ୍ରକୋପ ବଢୁଛି। ଲୋକେ ଜ୍ୱର, ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚାରିଛକ, ବଳଙ୍ଗା, ରେଞ୍ଚ ଆଦି ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ଶିଶୁ, ବୃଦ୍ଧାବୃଦ୍ଧଙ୍କ ସମେତ ସବୁ ବର୍ଗର ଲୋକେ ଆକ୍ରାନ୍ତ ହେଉଛନ୍ତି। ପତିତପାବନ ପାଟଣା ଗ୍ରାମର ପ୍ରମିଳା ରଥ(୭୧), ବାମନାଳର ବୀଣାପାଣି ଦେଇ(୪୦), ଛଡାହରର ହାପିନା ବାରିକ୍(୨୭), ଭାଟବନ୍ଧର ବ୍ରହ୍ମାନନ୍ଦ ପ୍ରଧାନ(୫୫), ଉହାଙ୍ଗର ରବି ଭୋଇ(୩୦), ଦଳେଇ ସାହିର ଶୁଭମ ବେହେରା(୧୧), ନାକଡିହର ତିଳୋତ୍ତମା ପରିଡା(୬୫), ହଂସପଡାର ବିଶ୍ୱଜିତ୍ ବେହେରା, ଶ୍ୟାମସୁନ୍ଦରପୁରର ମନୋରମା ସେଠୀ(୬୨), ଆଢେଣାର ସୁଲୋଚନା ରାଉତ(୫୫), ବରିମୁଣ୍ଡେଇର କୁନିମଣି ପ୍ରଧାନ(୪୭) ପ୍ରମୁଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶୁଭଙ୍କର ନନ୍ଦଙ୍କୁ ପଚାରିବାରେ, ଏହି ଝାଡାବାନ୍ତି, ଜ୍ୱର ଭୂତାଣୁଜନିତ ରୋଗ, ଦୂଷିତ ଖାଦ୍ୟ, ପାନୀୟ ଜଳ ସେବନ ଓ ପରିବର୍ତ୍ତିତ ବାତାବରଣରୁ ବ୍ୟାପିଥାଏ ବୋଲି ଡାକ୍ତର ନନ୍ଦ କହିଛନ୍ତି। ରୋଗୀମାନେ ଏହି ରୋଗ ପାଇଁ ଭୟଭୀତ ନ ହୋଇ ଏହି ରୋଗରେ ଆକ୍ରାନ୍ତ ରୋଗୀମାନେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହେବାକୁ ପରାମର୍ଶ ଦେଇଛନ୍ତି। ଚିକିତ୍ସା ନିମନ୍ତେ ନିମାପଡ଼ା ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ସାଲାଇନ, ଭିଟାମିନ୍, ଇଞ୍ଜେକ୍ସନ୍ ଓ ଓଆର୍‌ଏସ୍ ଆଦି ମହଜୁଦ ରହିଛି। ରୋଗୀଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ମେଡିକାଲରେ ଉପଲବ୍ଧ ରହିଥିବା ଡାକ୍ତର ନନ୍ଦ କହିଛନ୍ତି। ଏଥିସହ ସ୍ୱତନ୍ତ୍ର ଭ୍ରାମ୍ୟମାଣ ମେଡିକାଲ ଟିମ୍ ନିମାପଡ଼ା ଅଞ୍ଚଳ ଗସ୍ତ କରି ସେଠାରେ ରୋଗୀଙ୍କ ଆଶୁ ଚିକିତ୍ସା କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ କୂପ, ନଳକୂପ, ପୋଖରୀ, ପୁଷ୍କରିଣୀ, ନାଳ ନର୍ଦ୍ଦମାଗୁଡ଼ିକୁ ବିଶୋଧନ କରାଯିବାକୁ ଦାବି ହୋଇଛି।

# ତାମିଲ-ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସାମଞ୍ଜସ୍ୟ ରହିଛି

ଭୁବନେଶ୍ୱର,୩୧।୭ (ବ୍ୟୁରୋ)

ଭୁବନେଶ୍ୱର ତାମିଲ ସଙ୍ଗମର ୩୦ତମ ପ୍ରତିଷ୍ଠା ଦିବସ, ସ୍ୱାଧୀନତା ସଂଗ୍ରାମୀ ତଥା ତାମିଲ ବିପ୍ଳବୀ କବି ସୁବ୍ରମଣ୍ୟମ ଭାରତୀଙ୍କ ଶତ ବାର୍ଷିକ ଶ୍ରାଦ୍ଧୋତ୍ସବ ଏବଂ ତାମିଲ ପଣ୍ଡିତ ମାରାମଲେଇ ଆଡିଗଲଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତାମିଲନାଡୁ ସରକାରଙ୍କ ନୃତ୍ୟ, ସଙ୍ଗୀତ ଓ ନାଟକ ଏକାଡେମୀ ସହଯୋଗରେ ରବିବାର ନୟାପଲ୍ଲୀ ଭିଆଇପି କଲୋନୀସ୍ଥିତ ସଂଘ ପରିସରରେ ଏହା ମହାସମାରୋହରେ ପାଳିତ ହୋଇଛି। ସଙ୍ଗମ ସଭାପତି ଏସ୍. ଦୁରେଇସ୍ୱାମୀ ଏଥିରେ ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟ ଅତିଥି ଭାବେ ତାମିଲନାଡୁ ସରକାରଙ୍କ ନୃତ୍ୟ, ସଙ୍ଗୀତ ଓ ନାଟକ ଏକାଡେମୀର ଅଧ୍ୟକ୍ଷ ଚନ୍ଦ୍ର ଶେଖର ଯୋଗଦେଇ କହିଥିଲେ, ତାମିଲ ଆଉ ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସାମଞ୍ଜସ୍ୟ ରହିଛି। ଉନ୍ନତ ଓ ଅଭିବୃଦ୍ଧିଶୀଳ ଓଡ଼ିଶା ଗଠନରେ ଓଡ଼ିଆ ତାମିଲଙ୍କର ଅବଦାନ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ତାମିଲନାଡୁର ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଉଲଗାନାଏଗି ଯୋଗଦେଇ କହିଥିଲେ, ମାତୃଭାଷାର ବିକାଶ ବିନା ମଣିଷର ବିକାଶ ଚିନ୍ତା କରିବା ଅସମ୍ଭବ। ଯେଉଁ ରାଜ୍ୟର ମାତୃଭାଷା ଯେତେ ବିକଶିତ ସେହି ରାଜ୍ୟ ସେତେ ଉନ୍ନତ। ପ୍ରାଗୈତିହାସିକ କାଳରୁ ଓଡ଼ିଆ ଓ ତାମିଲ ଭାଷାର ସାମଞ୍ଜସ୍ୟ ରହିଥିବା ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. ମୁରୁଗେସନ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ ଭାରତ ନାଟ୍ୟମ ନୃତ୍ୟ ସହିତ ସମାରୋହ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ତାମିଲ ସଙ୍ଗମର ସାଧାରଣ ସମ୍ପାଦକ ଟି.ବି.ଟି ଆନସାରୀ ସ୍ୱାଗତ ଭାଷଣ ଓ ସମାରୋହ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଦୁରେଇସ୍ୱାମୀ ଓ ସମ୍ମାନିତ ଅତିଥି ମୁରୁଗେସନ ଉପସ୍ଥିତ ଅତିଥି ଏବଂ କଳାକାରଙ୍କୁ ସମ୍ମାନିତ କରିଥିଲେ। ତାମିଲ ସଙ୍ଗମର ପୂର୍ବତନ ସାଧାରଣ ସମ୍ପାଦକ ଏନ୍. କାଶୀନାଥନ ଧନ୍ୟବାଦ ଦେଇଥିଲେ। ତାମିଲନାଡୁର ୩୫ ଜଣ ପ୍ରତିଷ୍ଠିତ କଳାକାର ଭାରତ ନାଟ୍ୟମ, ଲୋକନୃତ୍ୟ ସମର୍ଥନ କଳା, ସଙ୍ଗୀତ ଓ ବାଦ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ତାମିଲ ସଙ୍ଗମର ଅନନ୍ତ ରମଣ, ଏମ୍.ଜି ରାଜା, ଭାରତୀ ପ୍ରିୟନ, ସଚ୍ଚିଦାନନ୍ଦମ, ଶିବ ସେନଥିଲ, ରମେଶ ବାବୁ, ବିଜୟ ନାଥନ ଓ ତାମିଲ ସଙ୍ଗମର ମହିଳା ସଂଗଠନ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କଳାକାରଙ୍କ ଗହଣରେ ଅତିଥିମାନେ।

# ଭାରତର ବିଜୟ ଜାରି

**ମାମଲ୍ଲାପୁରମ,୩୧।୭(ପି.ଟି)**



ଦ୍ରୋଣାବଲୀ ହାରିକା

ଭାରତରେ ଆୟୋଜିତ ୪୪ ତମ ଫିଡେ ଚେସ୍ ଅଲିମ୍ପିଆଡରେ ଭାରତୀୟ ଦଳର ବିଜୟ ଅଭିଯାନ ଜାରି ରହିଛି। ଉଭୟ ବର୍ଗରେ ଭାରତ ୩ଟି ଲେଖାଏଁ ଦଳ ଖେଳାଉଥିବା ବେଳେ ସମସ୍ତଙ୍କର ବିଜୟ ଅଭିଯାନ ଜାରି ରହିଛି। ଉଭୟ ଓପନ୍ ଏବଂ ମହିଳା ବର୍ଗରେ କ୍ରମାଗତ ତୃତୀୟ ଦିନ ପାଇଁ ଭାରତୀୟ ଖେଳାଳି ଦୃଢ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଭାରତ ଏ ପୁରୁଷ ଦଳ ଗ୍ରୀସକୁ

## ଚେସ୍ ଅଲିମ୍ପିଆଡ୍

୩-୧ରେ ପରାସ୍ତ କରିଥିଲା। ପି ହରିକ୍ରିଷ୍ଣା ଓ ଅର୍ଜୁନ ଇରିଗାସୀ ବିଜୟ ହାସଲ କରିଥିବା ବେଳେ ଭିଦିତ ଗୁଜରାଠୀ ଓ କେ ଶଶିକରଣ ଯଥାକ୍ରମେ ନିକୋଲାସ୍ ଥିଓଡର ଓ ଏଭଜେନିଓସ ଆୟୋନିଡିଶଙ୍କ ସହିତ ମ୍ୟାଚ୍ ଡ୍ର ରଖିଥିଲେ। ଶେଷ ଆଡକୁ କିଛି ମହତ୍ତ୍ୱପୂର୍ଣ୍ଣ ଚାଲ୍ ତାଙ୍କୁ ବିଜୟୀ ହେବାରେ ସାହାଯ୍ୟ କଲା ବୋଲି କହିଛନ୍ତି ପି. ହରିକ୍ରିଷ୍ଣା। ସେହିପରି ଆଗକୁ ଅନ୍ୟ ଭାରତୀୟ ଦଳକୁ ଭେଟିବା ଉପରେ ସେ କହିଛନ୍ତି, ଆମେ ମ୍ୟାଚ ଉପରେ ଫୋକସ କରୁ ଦଳ ଉପରେ ନୁହେଁ। ଟପ୍ ସିଡ୍ ଆମେରିକା ୩-୧ରେ ୨୪ ନମ୍ବର ସିଡ୍ ଜର୍ଜିଆକୁ ପରାସ୍ତ କରିଛି। ଫାବିଆନୋ କରୁଆନା ଓ ଡୋମିନିଗୁଏଜ୍ ପେରେଜଙ୍କ ମୁକାବିଲା ଡ୍ର ରହିଥିବା ବେଳେ ଲେଭନ୍ ଆରୋନିଆନ୍ ଓ ସାମ୍ ଶାକଲାଣ୍ଡ ବିଜୟୀ ହୋଇଛନ୍ତି।

ମହିଳା ବର୍ଗରେ ଇଣ୍ଡିଆ ଏ ଇଂଲଣ୍ଡକୁ ୩-୧ରେ ପରାସ୍ତ କରିଛି। ଆର. ବୈଶାଳୀ ଓ ଭକ୍ତି କୁଲକର୍ଣ୍ଣୀ ନିଜ ମୁକାବିଲାରେ ବିଜୟୀ ହୋଇଥିବା ଦ୍ରୋଣାବଲୀ ହାରିକାଙ୍କ ମ୍ୟାଚ୍ ଡ୍ର ରହିଥିଲା। ମହିଳା ବି ଟିମ୍ ମଧ୍ୟ ସମାନ ୩-୧ ରେ ଇଣ୍ଡୋନେସିଆକୁ ପରାସ୍ତ କରିଥିଲା। ଭାନ୍ତିକା ଅଗ୍ରୱାଲ ଏବଂ ସୌମ୍ୟା ସ୍ୱାମିନାଥନ ଯଥାକ୍ରମେ ଆଇରିନ୍ ଖାରିସ୍ମା ସୁକନ୍ଦର ଓ ଫାରିଆ ମାରିଓଙ୍କୁ ପରାସ୍ତ କରିଥିଲେ। ପଦ୍ମିନୀ ରାଉତ ଏବଂ ମେରୀ ଆନ୍ ଗୋମସ ନିଜ ମ୍ୟାଚ୍ ଡ୍ର ରଖିଥିଲେ। ଭାରତ ସିର ମହିଳା ଦଳ ୨.୫-୧.୫ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି। ପି ଭି ନନ୍ଦିଥା ଓ ପ୍ରତ୍ୟୁଷା ବୋଡା ବିଜୟୀ ହୋଇଥିଲେ। ବର୍ଷିଣୀ ସହିତି ପରାଜିତ ହୋଇଥିବା ବେଳେ ଇଶା କରାବଡେ ମ୍ୟାଚ୍ ଡ୍ର ରଖିଥିଲେ।

ଟୁର୍ନାମେଣ୍ଟର ଡାର୍କ ହର୍ସର ମାନ୍ୟତା ପାଇଥିବା ପୁରୁଷ ଇଣ୍ଡିଆ ବି ଆଉ ଏକ ୪-୦ ବିଜୟ ହାସଲ କରିଛି। ଡି ଗୁକେଶ, ନିହାଲ ସରିନ୍, ଆର. ପ୍ରଜ୍ଞାନନ୍ଦ ଓ ରୌନକ ସାଧୱାନି ବିଜୟୀ ହୋଇଥିଲେ। ସେହିପରି ଇଣ୍ଡିଆ ସି ୩-୧ରେ ଆଇସଲ୍ୟାଣ୍ଡକୁ ପରାସ୍ତ କରିଛି। ଅଭିଜିତ୍ ଗୁପ୍ତା ଓ ଏସ୍ ପି ସେଥୁରମଣ ନିଜ ମୁକାବିଲାରେ ବିଜୟୀ ହୋଇଥିବା ବେଳେ ସୂର୍ଯ୍ୟଶେଖର ଗାଙ୍ଗୁଲି ଓ ଅଭିମନ୍ୟୁ ପୁରାଣିକ ଡ୍ର ରଖିଥିଲେ। ଅନ୍ୟ ମହିଳା ବର୍ଗର ମ୍ୟାଚ ଗୁଡିକ ମଧ୍ୟରେ ୨୮ ନମ୍ବର ସିଡ୍ ମଙ୍ଗୋଲିଆ ୭ ନମ୍ବର ସ୍ଥାନରେ ଥିବା ଆମେରିକାକୁ ପରାସ୍ତ କରିଛି।

# ଭାରତ ୮-୦ରେ ନେପାଳକୁ ହରାଇଲା

**ଭୁବନେଶ୍ୱର, ୩୧।୭(କ୍ରୀଡ଼ା ପ୍ରତିନିଧି)**



ମ୍ୟାଚ ଅବସରରେ ଓଡ଼ିଆ ଖେଳାଳି ଟଙ୍କଧର ବାଗ।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ରବିବାର ଭାରତ ୮-୦ ଗୋଲରେ ନେପାଳକୁ ପରାସ୍ତ କରିଛି। ଏଥିସହ ଭାରତର ଫାଇନାଲ ପ୍ରବେଶ ଆଶା ଉଜ୍ଜ୍ୱଳ ହୋଇଛି। ୩୨ତମ ମିନିଟ୍‌ରେ ଟାଇସନ ସିଂ ଲୋଇଟଙ୍ଗବାମ୍ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଟାଇସନ ୬୬ତମ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଥିବ ସୁନ୍ଦର ଗୋଗୋଇ ୫୦ ଓ ୫୨ତମ ମିନିଟ୍‌ରେ ୨ଟି ଗୋଲ ଦେଇଥିବାବେଳେ ହିମାଂଶୁ ଜାଙ୍ଗ୍ରା ୭୧, ଓଡ଼ିଆ ଖେଳାଳି ଟଙ୍କଧର ବାଗ୍ ୭୮, ଗୁରକୀରଟ ସିଂ ୯୦ ଓ ଶୁଭୋ ପଲ୍ ୯୦+୩ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ୩ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷେ ନେପାଳ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ୩ୟ ସ୍ଥାନକୁ ଖସିଛି। ଭାରତର ଗୋଲ ବ୍ୟବଧାନ +୧୦ ରହିଥିବାବେଳେ ନେପାଳର -୧ ରହିଛି। କାରଣ ଭାରତ ୧୨ଟି ଗୋଲ ଦେଇଥିବାବେଳେ ୨ଟି ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ନେପାଳ

## ସାଫ୍ ଫୁଟ୍‌ବଲ

୭ଟି ଗୋଲ ଦେଇ ୮ଟିରେ ପରାଜିତ ହୋଇଛି। ଅଗଷ୍ଟ ୨ରେ ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମାଳଦ୍ୱୀପକୁ ଭେଟିବ। ସେହିଦିନ ନେପାଳ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ବାଂଲାଦେଶ ୩ ମ୍ୟାଚ୍‌ରୁ ୯ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନରେ ରହିଛି। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ୨ଟି ଦଳ ଫାଇନାଲକୁ ଉନ୍ନୀତ ହେବେ।

**ମାଳଦ୍ୱୀପ-ଶ୍ରୀଲଙ୍କା ମ୍ୟାଚ ଡ୍ର**

ମାଳଦ୍ୱୀପ-ଶ୍ରୀଲଙ୍କା ମ୍ୟାଚ ଡ୍ର ରହିଥିଲା। ୭୪ତମ ମିନିଟରେ ଅଇହମ୍ ହମଦୁନ ଗୋଲ ଦେଇ ମାଳଦ୍ୱୀପକୁ ଅଗ୍ରଣୀ କରିଥିଲେ। ତେବେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୬ ମିନିଟରେ ଶ୍ରୀଲଙ୍କାର ଜେ.ଜି. ଥିଶାନ ଥୁଶମିକା ଗୋଲଟି ପରିଶୋଧ କରିଦେଇଥିଲେ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ସଙ୍କଟରେ ଟି୨୦ ସିରିଜ୍

**ନୂଆଦିଲ୍ଲୀ,୩୧।୭(ପି.ଟି):** ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଉଥିବା ଟି୨୦ ସିରିଜ୍‌ର ଅନ୍ତିମ ଦୁଇ ମୁକାବିଲା ଉପରେ ସଙ୍କଟର କଳାବାଦଲ। ଆମେରିକାର ଫ୍ଲୋରିଡ଼ାରେ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ଉଭୟ ଦଳର ଖେଳାଳିଙ୍କୁ ଏଯାଏ ଭିଜା ମିଳିନାହିଁ। ଯଦି ଭିଜା ନ ମିଳେ ତେବେ ବିକଳ୍ପ ସନ୍ଧାନରେ ରହିଛି କ୍ରିକେଟ ୱେଷ୍ଟଇଣ୍ଡିଜ୍। ଯଦି ଶେଷମୁହୂର୍ତ୍ତ ଯାଏ ଭିଜା ନ ମିଳେ ତା'ହେଲେ ୱେଷ୍ଟଇଣ୍ଡିଜ୍‌ରେ ହିଁ ଦୁଇଟିଯାକ ମ୍ୟାଚ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୬ ଓ ୭ ତାରିଖରେ ଫ୍ଲୋରିଡ଼ାର ଲାଉଡର ହିଲ୍ ଅନ୍ତର୍ଗତ ସେଣ୍ଟ୍ରାଲ ବ୍ରାଓ୍ୱାର୍ଡ ପାର୍କରେ ଏହି ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା।

# ବିଜୟ ବଜାୟ ଲକ୍ଷ୍ୟରେ ଟିମ୍ଇଣ୍ଡିଆ

**ବାସେଟେରି (ସେଣ୍ଟ କିଟ୍ସ ନେଭିସ୍), ୩୧।୭ (ପି.ଟି):** ୱେଷ୍ଟଇଣ୍ଡିଜ୍ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମୁକାବିଲାରେ ନିଜ ବିଜୟଧାରା ଅବ୍ୟାହତ ରଖିବା ଲାଗି ପ୍ରୟାସ କରିବ ରୋହିତ ଶର୍ମାଙ୍କ ଦଳ। ୫ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲାକୁ ଅନାୟାସରେ ଜିତି ନେଇଥିଲା ଭାରତ। ଭାରତର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବ୍ୟତୀତ ରୋହିତ ଶର୍ମାଙ୍କ ବୋଲିଂ ପରିବର୍ତ୍ତନ ଓ କ୍ୟାପଟେନ୍ସି ଚମତ୍କାର ରହିଥିଲା। ପ୍ରଥମ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଓପ୍‌ନର ଭାବେ ଖେଳିଥିବା ବେଳେ ଏହା ଭାରତର ସପ୍ତମ ଓପ୍‌ନିଙ୍ଗ କମ୍ବିନେଶନ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଏଭଳି ବ୍ୟାଟିଂକ୍ରମ ପରିବର୍ତ୍ତନକୁ ଅନେକ ପୂର୍ବତନ ଖେଳାଳି ମଧ୍ୟ ସମାଲୋଚନା କରିଛନ୍ତି। ତେବେ ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ନିଜର ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟରେ ରହିଛି। ସେହିପରି ଅର୍ଶଦୀପ ସିଂଙ୍କ ରୂପରେ ଭାରତ ଜଣେ ବାମହାତୀ ପେସ୍ ବୋଲର ପାଇଛି। ୨୩ ବର୍ଷୀୟ ଏହି ପଞ୍ଜାବ ପେସର ପ୍ରଥମ ମ୍ୟାଚରେ ନିଜ ବୋଲିଂ ଜରିଆରେ ଛାପ ଛାଡ଼ିବାରେ ସମର୍ଥ ହୋଇଥିଲେ।

ବ୍ୟାଟିଂରେ ରୋହିତ ଶର୍ମା ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଶେଷଭାଗରେ ଦୀନେଶ କାର୍ତ୍ତିକଙ୍କ ବ୍ୟାଟିଂ ମ୍ୟାଚର ଫଳାଫଳକୁ ପ୍ରଭାବିତ କରିଥିଲା। ଭାରତୀୟ ଦଳର ଫିନିଶର ଭାବେ ରହିଥିବା ଏହି ୩୭ ବର୍ଷୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତ ୩ ସ୍ପିନରଙ୍କ ସହିତ ପଡ଼ିଆକୁ ଓହ୍ଲାଇଥିବା ବେଳେ ଅଶ୍ୱିନ-ବିଷ୍ଣୋଇଙ୍କ ଜାଲରେ ଫସିଯାଇଥିଲା ଘରୋଇ ଦଳ। ଉଭୟ ଦୁଇଟି ଲେଖାଏ ଉଇକେଟ ନେବା ସହିତ ପ୍ରଭାବୀ ବୋଲିଂ କରିଥିଲେ।

**ମ୍ୟାଚ୍ ସମୟ : ରାତ୍ର ୮.୦୦**

# 'ପ୍ରିଜନ ଟୁ ପ୍ରାଇଡ୍' ବନ୍ଧୁତ୍ୱପୂର୍ଣ୍ଣ ଚେସ୍

**ଭୁବନେଶ୍ୱର, ୩୧।୭ (କ୍ରୀଡ଼ା ପ୍ରତିନିଧି):** ଆଇଓସିଏଲ୍ ଆନୁକୂଲ୍ୟରେ 'ପ୍ରିଜନ ଟୁ ପ୍ରାଇଡ୍' ପ୍ରୋଜେକ୍ଟ ଅନ୍ତର୍ଗତ ଏକ ବନ୍ଧୁତ୍ୱପୂର୍ଣ୍ଣ ଚେସ୍ ଟୁର୍ନାମେଣ୍ଟ ଚୌଦ୍ୱାର ଓ ବରୋଦା ଜେଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଚୌଦ୍ୱାର ଜେଲ୍ ବିଜୟୀ ହୋଇଥିଲା। ଖେଳାଳି ନିରଞ୍ଜନ ବେହେରା, କୃଷ୍ଣପ୍ରିୟ ସିଂ, ସାଗର ସ୍ୱାଇଁ ଓ ସିଦ୍ଧାର୍ଥ ପୃଷ୍ଟି ଅଂଶଗ୍ରହଣ କରିଥିଲେ। ଆଇଓସିଏଲ୍‌ର ସିନିୟର ସ୍ପୋର୍ଟ୍ସ ଅଫିସର ମହୁଆ ପାଣିଗ୍ରାହୀ ଓ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଫିଡେ ଇନ୍‌ଷ୍ଟ୍ରକ୍ଟର ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ଅବିନାଶ ଦାସଙ୍କ ଉପସ୍ଥିତିରେ ଏହି ଇଭେଣ୍ଟ ଆୟୋଜିତ ହୋଇଥିଲା। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରା ଓ ଜେଲର ଭିଭେନ୍ଦୁ ଭୁଆନ ସହଯୋଗ କରିଥିଲେ। ଆସନ୍ତା ୨ ତାରିଖରେ ଚୌଦ୍ୱାର ଓ ସିକାଗୋ ଜେଲ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଅନ୍ୟ ଖବର

# ହବାଲିଖଟିକୁ ପର୍ଯ୍ୟଟକ ମନା

**ରାଜନଗର, ୩୧।୭(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ବିଶ୍ୱପ୍ରସିଦ୍ଧ ଭିତରକନିକା ଏବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ସୋମବାର ଖୋଲିବ। କୁମ୍ଭୀର ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧, ଏହି ୩ ମାସ ପାଇଁ ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଭିତରକନିକା ଖୋଲିବା ନେଇ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁପ୍ତି ଓ ଡାଙ୍ଗମାଳରେ ପର୍ଯ୍ୟଟକମାନେ ରାତ୍ରିଯାପନ କରିପାରିବେ। ଏଥିପାଇଁ ୱେବ୍‌ସାଇଟ ଖୋଲାଅଛି। ମାତ୍ର ହବାଲିଖଟିକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ପୂର୍ବରୁ କେବଳ ରାତ୍ରିଯାପନ କରୁଥିବା ପର୍ଯ୍ୟଟକମାନେ ହବାଲିଖଟି ଯାଉଥିଲେ। ହବାଲିଖଟିରେ ଥିବା ଡଲ୍‌ଫିନ ହାଉସ୍ ନିକଟକୁ ସମୁଦ୍ର ମାଡ଼ି ଆସିଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କିଛିଦିନ ସେଠାରେ ରାତ୍ରିଯାପନକୁ ବନ୍ଦ କରାଯାଇଛି। ବର୍ଷାଦିନେ ସମୁଦ୍ର ଅଧିକ ଅଶାନ୍ତ ରହୁଥିବାରୁ ବନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହାବାଦ୍ ଭିତରକନିକାକୁ ପଲିଥିନମୁକ୍ତ କରିବାକୁ ସୋମବାରଠାରୁ ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ଜୈବବିବିଧତାର ସୁରକ୍ଷା ନିମନ୍ତେ ଭିତରକନିକାକୁ ଯେପରି ପଲିଥିନ ଓ ପ୍ଲାଷ୍ଟିକ୍ ଫ୍ରି ଜାତୀୟ ଉଦ୍ୟାନ ହେବ, ସେଥିପାଇଁ ସବୁସ୍ତରରୁ ସଚେତନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ୍‌ମୁକ୍ତ ଭିତରକନିକା ଗଢ଼ିବାରେ ସହଯୋଗର ହାତ ବଢ଼ାଇବାକୁ କନିକା ରେଞ୍ଜ୍ ଅଫିସର ମାନସ କୁମାର ଦାସ ନିବେଦନ କରିଛନ୍ତି। ପଲିଥିନ ବଦଳରେ କପଡ଼ା ବ୍ୟାଗ୍, କାଗଜ ବ୍ୟାଗ୍ ଓ ଝୋଟରେ ପ୍ରସ୍ତୁତ ବ୍ୟାଗ୍‌ରେ ବ୍ୟବହାର ସାମଗ୍ରୀ ଭିତରକନିକା ମଧ୍ୟକୁ ନେବା ପାଇଁ ଅନୁରୋଧ କରାଯାଇଛି।

**ଆଜି ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ**

# ପୋଖରୀରେ ବୁଡ଼ି ଜେଜେ, ନାତିଙ୍କ ଜୀବନ ଗଲା

**କୋଷାଗୁମୁଡ଼ା,୩୧।୭(ଡି.ଏନ୍.ଏ.)**

ବଳଦକୁ ଧୋଇବାବେଳେ ପୋଖରୀରେ ବୁଡ଼ି ଜେଜେ ଓ ନାତିଙ୍କ ଜୀବନ ଚାଲିଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ପଞ୍ଚାୟତର କାନାଗୁଡ଼ା ଗ୍ରାମର ଲବ ହରିଜନ (୬୪) ଓ ତାଙ୍କର ୯ ବର୍ଷର ନାତି ସୂରଜ। ଲବ ନାତିକୁ ନେଇ ରବିବାର ଚାଷ ଜମିକୁ ଯାଇଥିଲେ। ଚାଷକାମ ସରିବା ପରେ ବଳଦକୁ ଗାଧୋଇବା ପାଇଁ ଦୁହେଁ ନିକଟସ୍ଥ ଛଞ୍ଚାଣକୋଟସ୍ଥିତ ପୋଖରୀକୁ ନେଇଥିଲେ। ପୋଖରୀରେ ନାତିର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ନାତିକୁ ଉଦ୍ଧାର କରିବାକୁ ଯାଇ ଜେଜେ ମଧ୍ୟ ବୁଡ଼ି ଯାଇଥିଲେ। ଦୁହେଁ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପୋଖରୀକୁ ଯାଇ ଦେଖିବା ସମୟରେ ସେମାନଙ୍କ ପୋଷାକ ଭାସୁଥିବା ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଉଭୟଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାକୁ ନେଇ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଗୋପାଳଙ୍କ ମୁଖିଆଙ୍କୁ କୁହାଯାଉଥିଲା- ମହାଭୋଇ

## କୋଣାର୍କରେ ଶିଳ୍ପୀଙ୍କ ପାଇଁ ମହାଶ୍ରମ ଖଟିଥିଲେ ଗାଇଗୋଠ



ଗୋରୁ-ଆଳୟ (ଗୋରୁଆଳ)ଠାରେ ଗଜପତି କପିଳେନ୍ଦ୍ର ଦେବଙ୍କ ପ୍ରତିଷ୍ଠିତ ଶ୍ରୀଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ଐତିହ୍ୟର ଓଡ଼ିଶା**

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ବର୍ଷକୁ ବର୍ଷ ଶିଳ୍ପୀମାନଙ୍କ ପାଇଁ ବିଭିନ୍ନ ଖମାରରୁ କିପରି ଶସ୍ୟ ଓ ନଡ଼ିଆ ଆସୁଥିଲା, ତାହା ଆମ ଜାତିର ସହଯୋଗ ମାନସିକତାକୁ ପ୍ରତିପାଦନ କରେ। ବର୍ଷ ବର୍ଷ ଧରି କୋଠଦେଶ ପ୍ରଗଣାର ବକ୍ରେଶ୍ୱର ଖମାରରୁ ସବୁଠାରୁ ବେଶି ଦ୍ରବ୍ୟ ଆସୁଥିଲା। କୋଠଦେଶ ପ୍ରଗଣା ପୁରୀ ଜିଲାର ନିମାପଡ଼ାକୁ କେନ୍ଦ୍ର କରି ଗଠିତ ହୋଇଥିଲା। ଏହାର ସୀମା ପଶ୍ଚିମରେ ଛଇତନା ଓ ପୂର୍ବରେ ଅସ୍ତରଙ୍ଗ ପର୍ଯ୍ୟନ୍ତ ଥିବାର ଜଣାଯାଏ। କୋଠଦେଶ ପ୍ରଗଣାରେ ବକ୍ରେଶ୍ୱର ମନ୍ଦିର ୨ଟି ଅଛି। ଲୋକ କଥାରେ କୁହାଯାଉଛି ବାଙ୍କେଶ୍ୱର ମନ୍ଦିର। ଆମେ ଯାଇ ଅନୁସନ୍ଧାନ କଲାପରେ ଜାଣିଲୁ ଯେ ଛଇତନା ଦେଇ ଯାଉଁଳି ପୋଖରୀଠାରୁ ପୂର୍ବ ଦିଗରେ ୨ କି.ମି. ଗଲେ ବକ୍ରେଶ୍ୱର ମହାଦେବଙ୍କ ମନ୍ଦିର ଅଛି। ଲୋକକଥାରେ ବାଙ୍କେଶ୍ୱର ନାମରେ ସେ ପ୍ରସିଦ୍ଧ ଥିଲେ ମଧ୍ୟ ବିଭିନ୍ନ ମଉଜାରେ ଥିବା ଜମି ଦଲିଲରେ 'ବକ୍ରେଶ୍ୱର' ନାମ ଦରଜ ଅଛି।

ଏହି ମନ୍ଦିର ଚାରିପଟେ ବଣିଆ ସାହି ବସ୍ତି ଗଢ଼ିଉଠିଛି। ବଣିଆ ସାହି ଏବେ ରାଜସ୍ୱ ମୌଜା ଏବଂ ଏକ ପଞ୍ଚାୟତ। ମନ୍ଦିର ଦକ୍ଷିଣ ପଟକୁ ୧୧ ଏକର ଜମିରେ ଖମାର ଥିଲା। ରାଜା ପୁରୀର ଆଚାରୀ ମଠକୁ ସମୟ ସ୍ରୋତରେ ଖମାରର ମାର୍ଫତଦାର କରିଥିଲେ। ଏବେ ଭଗ୍ନ ଖମାର ଅଛି। ମଠର କେହି ନାହାନ୍ତି। ସେହିପରି ମନ୍ଦିରର ଉତ୍ତର ପଟେ ଏକ ସମୃଦ୍ଧ ଖମାର ଥିଲା। ମାର୍ଫତଦାର ଥିଲେ ପୁରୀର ରାଧାବଲ୍ଲଭ ମଠ। ସେ ଖମାର ଭଗ୍ନ।

ଏହି ଅଞ୍ଚଳ ପୂର୍ବେ ଯାଉଁଳି ପୋଖରୀ ନାମରେ ଚିହ୍ନିତ ହେଉଥିଲା। ଯାଉଁଳି କହିଲେ ଦୁଇଟି। ଦୁଇଟି ରାଜ ପ୍ରତିଷ୍ଠିତ ପୋଖରୀ ରାଜାଙ୍କର ଦୁଇଟି ହାତୀଙ୍କ ନାମରେ ପ୍ରସିଦ୍ଧ। ଗଙ୍ଗରାଜ ହାତୀ ଓ ମଙ୍ଗରାଜ ହାତୀ ପୋଖରୀ। ରାଜାଙ୍କ ହାତୀଶାଳ ଏଇଠି ଥିଲା। ବର୍ତ୍ତମାନ ଏହା ରଷିପଡ଼ା ମୌଜାରେ। ଚନ୍ଦ୍ରଭାଗା ବୁଡ଼ ପକାଇବାକୁ ପାଦରେ ହେଉ, ଶଗଡ଼ରେ ହେଉ ଏହି ରାସ୍ତା ଦେଇ ଯିବାକୁ ହେଉଥିଲା। ଗଲାବେଳେ ଓ ଅଇଲାବେଳେ ବିଶ୍ରାମସ୍ଥଳୀ ଥିଲା ବକ୍ରେଶ୍ୱର ଖମାର ଓ ଶ୍ରୀବକ୍ରେଶ୍ୱର ମନ୍ଦିର ପରିସର।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ହାତୀ, ଘୋଡ଼ା, ବଳଦ, ମଇଁଷି ପ୍ରଭୃତିଙ୍କୁ ନିୟୋଜିତ କରାଯାଇ ସେମାନଙ୍କ ଦ୍ୱାରା ସମ୍ଭାବିତ କାର୍ଯ୍ୟ କିପରି ସମ୍ପାଦିତ ହେଉଥିଲା, ତା'ର କେତେକ ଚିତ୍ର ପୂର୍ବରୁ ଆମେ ଜାଣିଥିଲେ। କେହି କେହି ଭାବିପାରନ୍ତି ଏଗୁଡ଼ାକ କାହିଁ ଆଲୋଚନା କରିବା! ଆଲୋଚନା ଏଇଥିପାଇଁ କରୁଛେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବଳଦ ଓ ମଇଁଷି ଶଗଡ଼ ଆସୁଥିଲା ସତ, କୋଣାର୍କରେ ମଧ୍ୟ ଗୁହାଳ କରାଯାଇ, ସ୍ୱତନ୍ତ୍ର ଲୋକ ନିଯୁକ୍ତ କରାଯାଇ ସେମାନଙ୍କ ଦେଖାରଖା କରାଯାଉଥିଲା। କେତେବେଳେ ରାତି ଅଧରେ ଆବଶ୍ୟକ ପଡ଼ିବ ଶଗଡ଼ରେ ଯାତ୍ରା କରିବା ପାଇଁ କିଏ କହିବ? କାମ ତ ଅଟକିବନି!! ଶଗଡ଼ କେବଳ ପଥରବୁହା କାର୍ଯ୍ୟରେ ଲାଗି ନ ଥିଲା, କାରିଗର ଓ ପଥୁରିଆଙ୍କୁ ନବାଆଣିବା କରିବା, ରୋଷେଇ ସାମଗ୍ରୀ ଆଣିବା, ବାଉଁଶଠାରୁ କାଠକଡ଼ି ପର୍ଯ୍ୟନ୍ତ ଆବଶ୍ୟକ ସାମଗ୍ରୀ ଆଣିବା, ଦେହ ଅସୁସ୍ଥ ହେଲେ ଶିଳ୍ପୀଙ୍କୁ ବିଶ୍ରାମ ପାଇଁ ତାଙ୍କ ଗାଁରେ ପହଞ୍ଚାଇବା କାର୍ଯ୍ୟରେ ଶଗଡ଼ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ସେ କାଳ ଖଣ୍ଡରେ।

ସେହିପରି ମନ୍ଦିର ନିର୍ମାଣ ସମୟରେ ଗାଇଗୋଠ ବ୍ୟବସ୍ଥା ହୋଇଥିଲା। ଗାଇମାନଙ୍କ ଦାୟିତ୍ୱରେ ଯେଉଁମାନେ ଥିଲେ ତାଙ୍କୁ 'ଗାଇଆଳ' କୁହାଯାଉଥିଲା। ଗାଇଆଳଙ୍କ ମୁଖିଆଙ୍କୁ 'ମହାଭୋଇ' କୁହାଯାଉଥିଲା। ଗଜପତିଙ୍କ ଆଦେଶରେ ଗାଇଗୋଠ, ଗାଇଆଳ ଓ ତାଙ୍କର ମୁଖିଆଙ୍କୁ ନିଯୁକ୍ତି ମିଳିଥିଲା। 'ମହାଭୋଇ' ଶବ୍ଦ ଶ୍ରୀମନ୍ଦିର ଉପାସନାରେ ଆଜି ବି ପ୍ରଚଳିତ ଅଛି। ବର୍ଷସାରା ଶ୍ରୀମନ୍ଦିରରେ ମହାଭୋଇ ସେବକଙ୍କ ସେବା ରହିଛି। ଅତୀତରେ ଏମାନଙ୍କର ଏକ 'ମହାଭୋଇ ନିଯୋଗ' ଥିବାର ଜଣାଯାଏ। ଦୁଗ୍ଧ, ଛେନା, ଦହି, ଲହୁଣି ପ୍ରଭୃତି ଏଇମାନେ ଯୋଗାଉଥିଲେ। ସେଥିପାଇଁ ପୁରୀର ଆଖପାଖ ଅଞ୍ଚଳରେ ଗୋ-ପାଳନ ବ୍ୟବସ୍ଥା ବି ଗଜପତି ଭିଆଇଥିଲେ। ବ୍ରହ୍ମଗିରି ରାସ୍ତାରେ ଗୋରୁଙ୍କ ଆଳୟ ଥିଲା, ଯାହା ଏବେ 'ଗୋରୁଆଳ' ଗ୍ରାମ ଭାବରେ ପରିଚିତ ହେଉଅଛି। ଗୋ-ଜାତ ଦ୍ରବ୍ୟ ପଠାଇବାର ମାର୍ଫତଦାର ଥିଲେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ। କୋଣାର୍କ ଯିବା ରାସ୍ତାରେ ବାଲିପନ୍ତରାରେ ଗୋରୁମାନଙ୍କ ପାଇଁ ଗୁହାଳ ଥିଲା। ତାହା ଏବେ 'ବାଲିଗୁଆଳି' ଭାବରେ ଆମେ ଜାଣୁଛେ। ବାଲିଗୁଆଳି ଓ ଗୋରୁଆଳର ମହାଭୋଇମାନେ ଶ୍ରୀମନ୍ଦିର 'ମହାଭୋଇ ନିଯୋଗ'ର ଭାଇ ଥିଲେ।

ଆମେ ଦୁଇଟି ଗୋରୁଙ୍କ ପାଳନ ପ୍ରସଙ୍ଗ ଆଲୋଚନା କଲେ ଉଦାହରଣ ଦୃଷ୍ଟିରୁ। କିନ୍ତୁ କୋଣାର୍କରେ ତ ନୂତନ ମନ୍ଦିରରେ ଉପାସନା ଆରମ୍ଭ ହୋଇ ନ ଥିଲା, ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା ମାତ୍ର, ତେବେ ଗାଇଗୋଠ ବ୍ୟବସ୍ଥା ଗଜପତି କରିଥିଲେ କାହିଁକି? ଯା' ଭିତରେ ନ ପଶି କେତେକ ଲେଖକ ଲେଖିବାକୁ ଭୁଲିଲେ ନାହିଁ ଯେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭରା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ ଠୁ ସାବଧାନ, ଧୋକା ଖାଇଥିବା ଭାଇ ଭଉଣୀ ଯୋଗାଯୋଗ କରନ୍ତୁ
2th floor, Krishna Reddy, Mumbai, Maharastra
8902403044

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକୀ



୰ଇଂ. କୌଶିକ ମହାଲିକ୍ (ସୋନୁ)
ପ୍ଲଟ୍ ନଂ.-୩୧ (ଗଣେଶ ନିବାସ)
ସହିଦ୍ ନଗର, ଭୁବନେଶ୍ୱର-୭
ଆବିର୍ଭାବ: ୦୯।୦୨।୧୯୮୭
ତିରୋଧାନ: ୦୩।୦୮।୨୦୧୧
ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା। ତୁ କୁଆଡେ ଚାଲିଗଲୁ। ତୋ ମୁହଁରେ ହସ ଏବେବି ଆମ ଆଖି ଆଗରେ ନାଚି ଯାଉଛି। ତୁ ଯେଉଁଠି ଥା ଯେମିତି ବି ଥା ଶ୍ରୀଜଗନ୍ନାଥ ତୋର ଆତ୍ମାର ସଦ୍‌ଗତି କରାନ୍ତୁ।
ଶୋକସନ୍ତପ୍ତ: ବାପା, ମାମା, ବନ୍ଧୁ, ପରିବାରବର୍ଗ।
ଧ-୭୩୨୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଜୟଗୋପାଳ ଦାସ
(ଦାଣ୍ଡ ମୁକୁନ୍ଦପୁର), (ବାସୁଦେଇପୁର)
ତିରୋଧାନ: ୧୮।୦୮।୨୦୧୫
ଚାହୁଁ ଚାହୁଁ ସାତବର୍ଷ ବିତିଗଲା। ତୁମର ଅନୁପସ୍ଥିତି ମୋ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ଭରି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ସ୍ତ୍ରୀ (ଇନ୍ଦୁ)
ଧ-୧୧୬୧



## ଦାନ୍ତ ଇନ୍‌ଫେକଶନ ଓ ଟୁଥ୍‌ବ୍ରଶ

ଆମେ ପ୍ରତିଦିନ ଦୁଇ ଥର ଭଲ ଭାବରେ ଦାନ୍ତ ଘଷିବା ଦରକାର। ସକାଳେ ଥରେ ଏବଂ ରାତ୍ରଭୋଜନ ପରେ ଥରେ ଦାନ୍ତ ଘଷନ୍ତୁ। ଦାନ୍ତ ଘଷିବାର ସମୟସୀମା ଅତିକମ୍‌ରେ ଦୁଇ ମିନିଟ୍ ହେବା ଆବଶ୍ୟକ। ତେବେ ଦାନ୍ତ ଘଷାକୁ ନେଇ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ନିକଟରେ ଏକ ସର୍ଭେରୁ ଜଣାପଡିଛି ଯେ, ଦାନ୍ତ ଇନ୍‌ଫେକଶନ ପଛରେ ଥିବା ପ୍ରମୁଖ କାରଣ ହେଲା ଟୁଥ୍‌ବ୍ରଶ। କେତେକ ବ୍ୟକ୍ତି ଦାନ୍ତ ଘଷିବା ପରେ ଏହାକୁ ଓଦା ଅବସ୍ଥାରେ କଭର ଭିତରେ ରଖିଥାଆନ୍ତି। ଏହାଦ୍ୱାରା ଟୁଥ୍‌ବ୍ରଶ୍‌ରେ 'ମେଥିସିଲିନ୍ ରେଜିଷ୍ଟାଣ୍ଟ ଷ୍ଟାଫିଲୋକକୋସ ଅରେଅସ' ନାମକ ଜୀବାଣୁ ସୃଷ୍ଟି ହୋଇଥାଆନ୍ତି। ଏହି କ୍ଷତିକାରକ ଜୀବାଣୁ ଶରୀର ଭିତରକୁ ପ୍ରବେଶ କଲେ ଦାନ୍ତ ଇନଫେକଶନର ଯଥେଷ୍ଟ ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ ସିଓଲର ବିଶେଷଜ୍ଞମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେଣୁ ଦାନ୍ତ ଘଷିବା ପରେ ଟୁଥ୍‌ବ୍ରଶ୍ ଶୁଖିଲା ପରେ ତାହାକୁ କଭର ଭିତରେ ରଖନ୍ତୁ। ତା'ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପ୍ରତି ଛଅ ମାସରେ ଟୁଥ୍‌ବ୍ରଶ ଚେଞ୍ଜ କରିବାକୁ ଭୁଲନ୍ତୁ ନାହିଁ। ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ।



## ସାଇନସ୍ ସମସ୍ୟା

ସାଇନସ୍ ଏକ ଶ୍ୱାସଜନିତ ସମସ୍ୟା। ବ୍ୟାକ୍ଟେରିଆ, ଫଙ୍ଗଲ, ଇନଫେକଶନ, ନାକରେ ହାଡ ବଢ଼ିଯିବା ଏବଂ ପ୍ରଦୂଷିତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁ ଏହା ହୋଇଥାଏ। ବିଶେଷଭାବରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏପରି ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ଆକାର ଧାରଣ କରିବାର ଆଶଙ୍କା ରହିଛି। ସାଇନସ୍‌ର ପ୍ରମୁଖ କାରଣ ମଧ୍ୟରେ ରହିଛି–ପ୍ରବଳ ମୁଣ୍ଡ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା। ତେବେ ଏଭଳି କେତୋଟି ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବା। ପୋଦିନା, ଲେମ୍ବୁ ରସ, ଲବଙ୍ଗ ତେଲକୁ ଉଷୁମ କରନ୍ତୁ। ଏହି ମିଶ୍ରଣକୁ ନାକ ଏବଂ କପାଳରେ ମାଲିସ କରନ୍ତୁ। ଅଦା, ତୁଳସୀ, ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଅନ୍ତୁ। ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ମିଶାଇ ଉଷୁମ କରି ସୁପ୍ ଆକାରରେ ପିଇପାରନ୍ତି। ଏହାଦ୍ୱାରା ସାଇନସ୍‌ରୁ ଆପଣ ଉପଶମ ଲାଭ କରିପାରିବେ।

# ବାଦଲ ଫାଟିବା ବିପ୍ରାତ



ନିକୁଞ୍ଜ ବିହାରୀ ସାହୁ

ଗତ ମାସ ୮ ତାରିଖ ଦିନ ଜମ୍ମୁ–କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଅସି ୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଛନ୍ତି ଏବଂ ଅନେକ ଅସ୍ଥାୟୀ ଶିବିର, ଭୋଜନାଳୟ ଓ ଲାଙ୍ଗରର ତମ୍ବୁ ପାଣିରେ ଭାସି ଯାଇଛି। ଫଳରେ ଅମରନାଥ ଯାତ୍ରାକୁ ଅସ୍ଥାୟୀ ରୂପେ ସ୍ଥଗିତ କରିବାକୁ ପଡ଼ିଥିଲା।

### ବାଦଲ ଫାଟିବା କାରଣ

ଅତି ସୀମିତ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ଅଞ୍ଚଳ ମଧ୍ୟରେ ଘଣ୍ଟାଏ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବର୍ଷିପାତ ହେଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ବାଦଲ ଏକ ଜଳ ଭର୍ତ୍ତି ବେଲୁନ୍ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳ ବର୍ଷା ଆକାରରେ ଅଚାନକ ତଳକୁ ଖସି ପଡେ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା (CLOUD BURSTING) ବୋଲି କୁହାଯାଉଥିଲା। ବାଦଲ ଫାଟିବାର ପ୍ରକୃତ କାରଣ ଅଲଗା ହୋଇଥିଲେ ସୁଦ୍ଧା ପୂର୍ବର ଏହି ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି।

ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ ହୁଏ, ଏହା ଅଚାନକ ପ୍ରସାରିତ ହୋଇଥାଏ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦ୍ୱାରା ତଳେ ନ ପଡି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ସମୟକ୍ରମେ ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ସମସ୍ତ ଜଳକଣା ଏକାବେଳକେ ତଳକୁ ଖସିପଡିଥାଏ। ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ।

### ଭାରତରେ ପ୍ରଳୟଙ୍କରୀ ବାଦଲ ଫଟା ଘଟଣା

୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁ ତେଲଙ୍ଗାନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା। ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସି ଯାଇଥିଲା। ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଳକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ଟି ସେତୁ, ୩୦ଟି ତୀର୍ଥଯାତ୍ରୀ ବସ୍ ସମେତ ଏକ ବସ୍ତି ସମ୍ପୂର୍ଣ୍ଣ ଭାସି ଯାଇଥିଲା। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଲା ଜିଲାର ଚିଦଗାଓଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ ଜିଲାରେ ବାଦଲ ଫାଟିବା ଯୋଗୁ ଭୂସ୍ଖଳନ ଘଟି ବହୁ କୈଳାସ–ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୦୩ ମସିହା ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଢଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣଙ୍କ ପ୍ରାଣହାନି ଘଟିଥିଲା। ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ମଧ୍ୟରେ ୯୫୦ ମିମି ବୃଷ୍ଟିପାତ ହୋଇଥିଲା,



> "ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ ହୁଏ, ଏହା ଅଚାନକ ପ୍ରସାରିତ ହୋଇଥାଏ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦ୍ୱାରା ତଳେ ନ ପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ସମୟକ୍ରମେ ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ସମସ୍ତ ଜଳକଣା ଏକାବେଳକେ ତଳକୁ ଖସିପଡ଼ିଥାଏ। ଏହାକ 'ବାଦଲ ଫାଟିବା' ଘଟଣା କୁହାଯାଏ।"



ଯାହାଦ୍ୱାରା ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରେଇଥିଲେ। ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ ଜିଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରେଇଥିଲେ। ୨୦୧୦ ମସିହା ସେପ୍ଟେମ୍ବରରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡାଠାରେ ବାଦଲ ଫାଟିବା ଯୋଗୁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡି ଯାଇଥିଲା ଏବଂ ଅଧିକାଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା। ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମାନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣଙ୍କ ପ୍ରାଣହାନି ଘଟିଥିଲା। ୨୦୧୩ ମସିହା ଜୁନ୍‌ରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବାରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ମସିହା ମେ' ମାସରେ ସେହି ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇ ପଡିଥିଲା। ୨୦୨୧ ଜୁଲାଇ ୨୧ ତାରିଖରେ ଜମ୍ମୁ–କଶ୍ମୀରର କିସ୍ତୱାଡା ଜିଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା।

### ହିମାଳୟ ଅଞ୍ଚଳ ବାଦଲଫଟା ପ୍ରବଣ କାହିଁକି

ହିମାଳୟ ପର୍ବତମାଳାରେ ଅବସ୍ଥିତ କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥ ଭଳି ଉଚ୍ଚ ସ୍ଥାନରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏହି ଉତ୍ତୁଙ୍ଗ ପର୍ବତମାଳାରେ ବାଧା ପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୁଏ। କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ।

### ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ପାର୍ଥକ୍ୟ

କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତା'ହାକୁ ସ୍ୱଳ୍ପ ବର୍ଷା (LIGHT RAIN), ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ରହିଲେ ମଧ୍ୟମ ବର୍ଷା (MODERATE RAIN), ୧୦ ମି.ମି. ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା (HEAVY RAIN) ଏବଂ ୫୦ ମି.ମି. ରୁ ଅଧିକ ହେଲେ ପ୍ରବଳ ବର୍ଷା (VIOLENT RAIN) ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଘଣ୍ଟାଏ ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ସଂଜ୍ଞା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବର୍ଷିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା (HEAVY RAIN) ସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ।

ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟଲାଣ୍ଟିକ ମହାସାଗରର କାରିବିଆନ୍ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପ (GUADELOUPE)ର ବସେ–ଟେରେ (BASSE–TERRE) ଦ୍ୱୀପରେ ଦେଖିବାକୁ ମିଳିଥିଲା ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବର୍ଷିପାତ ରେକର୍ଡ କରାଯାଇଥିଲା।

ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ବାଦଲ ଫାଟିବା ଘଟଣା ଏକ ପ୍ରାକୃତିକ ବିପ୍ରାତ। ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ। ମାତ୍ର ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇ ପାରିବ ନାହିଁ ଏବଂ ଏଥିନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏଥି ନିମନ୍ତେ ଏକମାତ୍ର ପ୍ରତିକାର ବ୍ୟବସ୍ଥା।

–ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

## ଲିଭର ବିଷୟରେ...



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଲିଭର ବା ଯକୃତ୍। ଏହାର କାର୍ଯ୍ୟଦକ୍ଷତା ପ୍ରଭାବିତ ହେଲେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଲିଭରର ଲମ୍ବ ୬.୫ ଇଞ୍ଚ ଏବଂ ଗୋଲେଇ ୪.୫ ଇଞ୍ଚ। ୩.୫ ପାଉଣ୍ଡ ଓଜନ ବିଶିଷ୍ଟ ଲିଭରରୁ ନିର୍ଗତ ହେଉଥିବା ପିତ୍ତ ଶରୀରରେ ବୃଦ୍ଧି ପାଉଥିବା ଫ୍ୟାଟ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ସାଧାରଣତଃ ଲିଭରର କାର୍ଯ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଏହାର ପ୍ରଥମ ଜୋନ୍‌ରେ ରକ୍ତ ପ୍ରବେଶ କରିବା ପରେ ତାହା ଦ୍ୱିତୀୟ ଜୋନ୍‌କୁ ଯାଇଥାଏ। ତା'ପରେ ତୃତୀୟ ତଥା ଶେଷ ଜୋନ୍‌ରେ ରକ୍ତ ବିଶୁଦ୍ଧ ହୋଇ ଶରୀରରେ ପ୍ରବାହିତ ହୋଇଥାଏ। ତେଣୁ ଆମର ଲିଭର ସବୁବେଳେ ସୁସ୍ଥ ରହିବା ନିହାତି ଜରୁରୀ। ଆମେ ଖାଉଥିବା ଖାଦ୍ୟରୁ ଲିଭର କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଇଥାଏ। ଏହାଦ୍ୱାରା ମସ୍ତିଷ୍କ ଠିକ୍ ଭାବରେ କାମ କରିଥାଏ। ଆମ ଶରୀର ଭିତରେ ଥିବା କେତେକ ବିଷାକ୍ତ ତତ୍ତ୍ୱକୁ ଏହା ନଷ୍ଟ କରିଦିଏ। ଲିଭରରେ ପ୍ରସ୍ତୁତ ହେଉଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖେ। ଯଦି ଲିଭରଜନିତ କିଛି ସମସ୍ୟା ଦେଖାଯାଏ ତେବେ ଅଧିକାଂଶ ସମୟ ମୁଣ୍ଡ ବିନ୍ଧିଥାଏ। ବାନ୍ତି ଲାଗେ ଆଉ ବେଳେବେଳେ ବାନ୍ତି ହୋଇଥାଏ। ଲିଭରଜନିତ ସମସ୍ୟା ସୃଷ୍ଟି ହେଲେ ଚର୍ମ ହଳଦିଆ ଦେଖାଯାଏ ଏବଂ ଜଣ୍ଡିସ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଲିଭରଜନିତ ସମସ୍ୟା ଦେଖାଦେବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଭାଷା ବୁଝିବ ରୋବୋ



ଦିନକୁ ଦିନ ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ବହୁଳ ହେବାରେ ଲାଗିଛି। ଏପରି କି ଚିକିତ୍ସା କ୍ଷେତ୍ରରେ ଏହାକୁ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ନିୟୋଜିତ କରାଯାଇ ସଫଳତା ମିଳିସାରିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ହାଇଟେକ୍ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବିଭିନ୍ନ ଭାଷାକୁ ବୁଝିବାରେ ସକ୍ଷମ ହେବ। ଜଣେ ବ୍ୟକ୍ତି ନିଜର ସମସ୍ୟା ବିଷୟରେ ଏହି ରୋବୋକୁ ଅବଗତ କରାଇଲେ ତାହା ସେ ବିଷୟରେ ଚିନ୍ତା କରି ତାହାର ସମାଧାନର ବାଟ ମଧ୍ୟ ବତାଇ ଦେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାର ଆଉ ଏକ ବିଶେଷତ୍ୱ ରହିଛି। ଉକ୍ତ ରୋବୋରେ ଏକ ଥ୍ରୀଡି କ୍ୟାମେରା ସଂଯୋଗ କରାଯାଇଛି। ଏହାଦ୍ୱାରା ତାହା ସାମନାରେ ଘଟୁଥିବା ଘଟଣାର ଚିତ୍ର ଉତ୍ତୋଳନ କରି ତାହାକୁ ଅନୁଧ୍ୟାନ କରିପାରିବ। ପରୀକ୍ଷାମୂଳକ ଭାବରେ ଏହାକୁ ବ୍ୟବହାର କରି ସେଥିରୁ ସଫଳତା ମିଳିଛି ବୋଲି ଉକ୍ତ ରିପୋର୍ଟରୁ ଜଣାପଡିଛି।

## ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅତ୍ୟଧିକ ଧୂମପାନ



ଧୂମପାନ ଏକ ଖରାପ ଅଭ୍ୟାସ ଜାଣି ମଧ୍ୟ ଅନେକେ ଏହାର ବଶବର୍ତ୍ତୀ ହୋଇଥାଆନ୍ତି। ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ସୁସ୍ଥ ତଥା ନୀରୋଗ ସ୍ୱାସ୍ଥ୍ୟ ପାଇଁ ଆମେ ଏଭଳି ଅଭ୍ୟାସକୁ ପରିତ୍ୟାଗ କରିବା ଆବଶ୍ୟକ। ଯେଉଁମାନେ ନିୟମିତ ଧୂମପାନ କରନ୍ତି ଏବଂ ଏହା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥାଏ, ତେବେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା ଅନେକାଂଶରେ ପ୍ରଭାବିତ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଧୂମପାନ ଏବଂ ତାହାର ବୁଦ୍ଧିମତ୍ତା ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଧୂମପାନ ଯୋଗୁଁ ପ୍ରଭାବିତ ହେଉଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏପରି ଅଭ୍ୟାସଠାରୁ ଜଣେ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- କଫଜନିତ ସମସ୍ୟା ନେଇ ଚିନ୍ତିତ କି? ଯଦି ହଁ, ତେବେ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ ଏଥିରୁ ଉପଶମ ମିଳିଥାଏ। ଅନ୍ୟପକ୍ଷରେ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି।



- ଯଦି ଆପଣଙ୍କ ବୟସ ୪୦ରୁ ଉର୍ଦ୍ଧ୍ୱ ତେବେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। କାରଣ ବୟସ ବଢ଼ିବା ସହ ଶରୀରରେ କ୍ୟାଲସିୟମର ଅଭାବ ପରିଲକ୍ଷିତ ହୋଇଥାଏ। ତେଣୁ ବୟସ ବଢ଼ିଲେ ସେହି ଅନୁସାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବ୍ୟାୟାମ ବିଷୟରେ ଯଦି ସେଭଳି କିଛି ଅଭିଜ୍ଞତା ନାହିଁ ତେବେ ପ୍ରଥମେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- କିଛି ରୋଗର ଚିକିତ୍ସା ପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ସେ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।
- ପ୍ରତିଦିନ ଶୋଇବାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ହୋଇ ରହିବା ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଡାକି ଆଣିଥାଏ।
- ଏବେ ତ ବର୍ଷାଦିନ। ତେଣୁ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। କାରଣ ଏହି ସମୟରେ ଥଣ୍ଡା, ଜ୍ୱର, କାଶ ଆଦି ହୋଇଥାଏ। ତେଣୁ କୌଣସି ଥଣ୍ଡାଜନିତ ରୋଗକୁ ଅବହେଳା ନ କରି ତାହାର ଚିକିତ୍ସା କରାଇ ନିଅନ୍ତୁ।

## ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...



ଆମର ଚିନ୍ତାଧାରା ସବୁବେଳେ ସକାରାତ୍ମକ ରହିଲେ ଆମେ ନିଜ କାମକୁ ସୁଚାରୁ ରୂପେ ସମ୍ପାଦନ କରିଥାଉ। ତେବେ ଏଥିପାଇଁ ଆମକୁ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଯେଉଁମାନେ ଅଧିକାଂଶ ସମୟ ନିଜକୁ ଖୁସିର ମାହୋଲ ଭିତରେ ରଖନ୍ତି ସେମାନଙ୍କର ଚିନ୍ତାଧାରା ପ୍ରାୟ ସକାରାତ୍ମକ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ସିଓଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏପରି ବିଷୟକୁ ନେଇ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ଅଧିକାଂଶ ସମୟ ଖୁସିର ମାହୋଲ ଭିତରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିଲା। ହେଲେ ଯେଉଁମାନେ ଅଧିକାଂଶ ସମୟ ଖୁସିର ପରିବେଶ ଭିତରେ ରହୁଥିଲେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ଚିନ୍ତାଧାରା ସକାରାତ୍ମକ ଥିବାର ଜଣାପଡ଼ିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧/୨୦୨୨ Bhubaneswar, Monday, August 1/ 2022

# ନିଖତ ଜରିନ୍ କ୍ୱାର୍ଟରରେ, ଶିବ ଆଉଟ୍

**ବର୍ମିଂହାମ୍, ୩୧।୭ (ପି.ଟି.)**

ବିଶ୍ୱ ଚାମ୍ପିୟନ ବକ୍ସର ନିଖତ ଜରିନ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦କେଜି ଶ୍ରେଣୀ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଶିବ ଥାପ୍ପା ପୁରୁଷ ୬୩.୫ କେଜି ବକ୍ସିଂ ପ୍ରି-କ୍ୱାର୍ଟର ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ନିଖତ ମୋଜାମ୍ବିକ୍‌ର ହେଲେନା ଇସ୍‌ମାଇଲ୍ ବାଗାଓଙ୍କୁ ନକ୍‌ଆଉଟ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦ କେଜି ଲାଇଟ୍‌ୱେଟ୍ କାଟେଗୋରିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଉଟ୍‌ରେ ଜରିନ୍ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲେ। ବାମ ଓ ଡାହାଣ କମ୍ବିନେଶନରେ ପଞ୍ଚ୍ ମାରି ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ରେଫରି ୪୮ ମିନିଟ୍ ଆଗୁଆ ଲଢ଼େଇକୁ ରୋକିବାରେ ବାଧ ହୋଇଥିଲେ। ଜରିନ ତାଙ୍କର ପରବର୍ତ୍ତୀ ମୁକାବିଲା ଗତଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜୟିନୀ ଟ୍ରଏ ଗାର୍ଟନଙ୍କ ସହ କରିବେ। ଏଥିରେ ବିଜୟ ହାସଲ କଲେ ସେ ପଦକ ନିଶ୍ଚିତ କରିପାରିବେ। ଅନ୍ୟପକ୍ଷରେ ଥାପ୍ପା ନୈରାଶ୍ୟଜନକ ପ୍ରଦର୍ଶନ କରି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ସ୍କଟ୍‌ଲାଣ୍ଡର ରିସି ଲିଞ୍ଚଙ୍କଠାରୁ ୧-୪ରେ ହାରିଯାଇଛନ୍ତି। ସୁମିତ କୁଣ୍ଡୁ ମଧ ବିଦାୟ ନେଇଛନ୍ତି।



ମୋଜାମ୍ବିକ୍‌ର ହେଲେନା ଇସମାଇଲ ବାଗାଓଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ନିଖତ ଜରିନ୍ (ବାମ)।

**ଶ୍ରୀହରି ନଟରାଜ ଫାଇନାଲରେ**

ଭାରତର ଅଗ୍ରଣୀ ସନ୍ତରଣକାରୀ ଶ୍ରୀହରି ନଟରାଜ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ୨୧ବର୍ଷୀୟ ନଟରାଜ ୨୫.୩୮ ସେକେଣ୍ଡ ଟାଇମିଂ ସହ ୮ମ ଦ୍ରୁତତମ ସୁଇମର ହିସାବରେ ଫାଇନାଲଗୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଖା ସୁଇମର ସଜନ ପ୍ରକାଶଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେ ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ୯ମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, ନଟରାଜ ତାଙ୍କ ହିଟ୍‌ରେ ୨୫.୫୨ ସେକେଣ୍ଡ ଟାଇମିଂ ସହ ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ବେଙ୍ଗାଲୁରୁ ସୁଇମର ଶନିବାର ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲରେ ୭ମ ସ୍ଥାନରେ ରହିଥିଲେ।

**ମହିଳା ହକି ଦଳର ବିଜୟ**

ବନ୍ଦନା କାଟାରିଆଙ୍କ ଡବଲ ଗୋଲ୍ ସହାୟତାରେ ଭାରତୀୟ ମହିଳା ହକି ଦଳ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁଲ୍ ଏ'ର ଏକ ମ୍ୟାଚ୍‌ରେ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରିଛି। ଶନିବାର ରାତି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବନ୍ଦନା ଦୁଇଟି ଓ ଗୁରଜିତ କୌର ଡ୍ରାଗ୍ ଫ୍ଲିକ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ବିପକ୍ଷ ଦଳର ଜେନା ହ୍ୟୁଗ୍ସ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ।

**ପୁରୁଷ ହକି ଦଳର ବୃହତ୍ ବିଜୟ**

ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳ ଗୋଲ ବର୍ଷା କରିବା ସହିତ ଘାନାକୁ ୧୧-୦ ଗୋଲରେ ପରାସ୍ତ କରିଛି। ପ୍ରଥମ ହାଫ୍‌ରେ ଭାରତୀୟ ଦଳ ୫ଟି ଗୋଲ ସ୍କୋର କରିଥିଲା। ଉପଅଧିନାୟକ ହରମନପ୍ରୀତ୍ ସିଂ (୧୧, ୩୫ ଓ ୫୩ ମିନିଟ) ହାଟ୍ରିକ୍ ଅର୍ଜନ କରିଥିଲେ। ଯୁଗରାଜ ସିଂ(୨୨ ଓ ୪୩ ମିନିଟ), ଅଭିଷେକ(୨ ମିନିଟ୍), ଶମ୍‌ଶେର ସିଂ(୧୪ ମିନିଟ), ଆକାଶଦୀପ ସିଂ(୨୦ ମିନିଟ୍), ନୀଳକଣ୍ଠ ଶର୍ମା(୩୮ ମିନିଟ), ବରୁଣ କୁମାର(୩୯ ମିନିଟ) ଓ ମନଦୀପ ସିଂ(୪୮ ମିନିଟ) ପ୍ରମୁଖ ଗୋଲସ୍କୋର କରିଥିଲେ।

## ଚିନାପ୍ପା ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ

**ବର୍ମିଂହାମ୍, ୩୧।୭(ପି.ଟି.):** ଭାରତର ଅଗ୍ରଣୀ ସ୍କ୍ୱାଶ୍ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ନ୍ୟୁଜିଲାଣ୍ଡର କେଟ୍‌ଲିନ୍ ୱାଟ୍‌ଙ୍କୁ ୩-୧(୧୧-୮, ୯-୧୧, ୧୧-୪, ୧୧-୬)ରେ ହରାଇ ଦେଇଛନ୍ତି।




# ଟାଏକୋଣ୍ଡୋରୁ ଭାରୋତ୍ତୋଳନ ରୌପ୍ୟ

**ବର୍ମିଂହାମ୍,୩୧।୭(ପି.ଟି)**

ବାପା ଆଗୁଆ ଦୋକାନ ବନ୍ଦ କରି ଦେଇଥିଲେ, ଆଉ ମ୍ୟାଚ୍ ଦେଖିବା ପାଇଁ ଭାଇ କରିଥିଲେ ଟିଭି ରିଚାର୍ଜ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟିନୀ ବିନ୍ଦ୍ୟାରାଣୀ ଦେବୀଙ୍କ ଏମିତି କିଛି କାହାଣୀ, ଯାହା ବେଶ୍ ରୋଚକ। ଭାରୋତ୍ତୋଳନର ପାୱାର ହାଉସ୍ ମଣିପୁରରୁ ଆସୁଥିବା ଏହି ଖେଳାଳିଙ୍କୁ ଅପେକ୍ଷା କରି ରହିଛି ଏକ ବଡ଼ ସ୍ୱାଗତ ଉତ୍ସବ। ବିନ୍ଦ୍ୟାଙ୍କ ପ୍ରଥମ ପସନ୍ଦର ଖେଳ ଟାଏକୋଣ୍ଡୋ ରହିଥିଲା। ସେ ୨୦୦୮ରୁ ୨୦୧୨ ଯାଏ ଟାଏକୋଣ୍ଡୋ ଖେଳୁଥିଲେ। ତେବେ କମ୍ ଉଚ୍ଚତା (୧୪୯ ସେମି) କାରଣରୁ କୋଚ୍‌ଙ୍କ ପରାମର୍ଶକ୍ରମେ ୨୦୧୩ରୁ ଭାରୋତ୍ତୋଳନକୁ କ୍ୟାରିୟର ଭାବେ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଏକାଧିକ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ପଦକ ଜିତିଥିବା ବେଳେ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ପରିବାରକୁ ପଦକ ପ୍ରତିଶ୍ରୁତି ଦେଇ ଆସିଥିବା ବିନ୍ଦ୍ୟା ମାତ୍ର ୧ କିଗ୍ରା ଓଜନ କମ୍ ପାଇଁ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହେଲେ। ମାତ୍ର ଟିଭିରେ ତାଙ୍କୁ ଦେଖିବା ଲାଗି ପରିବାର ଲୋକଙ୍କୁ ମଧ ବେଶ୍ କଷ୍ଟ କରିବାକୁ ପଡ଼ିଛି। ଏଥିଲାଗି ବାପାଙ୍କୁ ଆଗୁଆ ଦୋକାନ ବନ୍ଦ କରି ଘରକୁ ଫେରିବାକୁ ପଡ଼ିଥିବା ବେଳେ ଡିଟିଏଚ୍ ରିଚାର୍ଜ କରାଇଥିଲେ ଭାଇ। ବିନ୍ଦ୍ୟାଙ୍କ ସାଙ୍ଗସାଥି ବର୍ତ୍ତମାନ ତାଙ୍କୁ ସ୍ୱାଗତର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।



ରୌପ୍ୟ ପଦକ ପ୍ରଦର୍ଶନ କରୁଛନ୍ତି ବିନ୍ଦ୍ୟାରାଣୀ ଦେବୀ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୨୦ | ୧୩ | ୧୭ | ୫୦ |
| ଇଂଲଣ୍ଡ | ୧୧ | ୧୬ | ୬ | ୩୩ |
| ନ୍ୟୁଜିଲାଣ୍ଡ | ୧୦ | ୫ | ୪ | ୧୯ |
| କାନାଡ଼ା | ୩ | ୫ | ୯ | ୧୭ |
| **ଭାରତ** | **୩** | **୨** | **୧** | **୬** |
| ଦକ୍ଷିଣ ଆଫ୍ରିକା | ୩ | ୧ | ୧ | ୫ |
| ସ୍କଟଲାଣ୍ଡ | ୨ | ୭ | ୮ | ୧୭ |
| ମାଲେସିଆ | ୨ | ୧ | ୧ | ୪ |
| ନାଇଜେରିଆ | ୨ | ୦ | ୧ | ୩ |
| ୱେଲ୍ସ | ୧ | ୨ | ୬ | ୯ |

(ରବିବାର ରାତି ୧ଟା ୩୦ ସୁଦ୍ଧା)




## କ୍ୱାଲିଫାଇଙ୍ଗ ରେସ୍ ବେଳେ ଦୁର୍ଘଟଣା

**ଲଣ୍ଡନ, ୩୧।୭ (ଏପି):** ରବିବାର ଏକ ଉଚ୍ଚ ବ୍ୟାଙ୍କ୍ ଟ୍ରାକ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କ୍ୱାଲିଫାଇଂ ରେସ୍ ବେଳେ ଦୁର୍ଘଟଣା ଘଟି ଦୁଇଜଣ ସାଇକ୍ଲିଷ୍ଟ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିରେ କେତେଜଣ ଦର୍ଶକ ଆଘାତପ୍ରାପ୍ତ ହୋଇଛନ୍ତି। ସେମାନଙ୍କର ଡାକ୍ତରୀ ଚିକିତ୍ସା ଆବଶ୍ୟକ ପଡ଼ିଥିଲା। ଇଂଲଣ୍ଡ ମ୍ୟାଟ୍ ୱାଲ୍ସ ଓ ତାଙ୍କ ସାଇକେଲ ଟ୍ରାକ୍ ବାହାରକୁ ଖସି ଯାଇଥିଲା। ତାଙ୍କର ଷ୍ଟାଣ୍ଡ୍‌ରେ ପାଖା ପାଖି ୪୦ ମିନିଟ୍ ଧରି ଚିକିତ୍ସା କରାଯାଇଥିଲା। ଏହି ୨୪ ବର୍ଷୀୟ ସାଇକ୍ଲିଷ୍ଟ ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ଓମନିଅମ୍ ଇଭେଣ୍ଟ ଜିତିଥିଲେ। ଏକ ଟର୍ନରେ ବହୁ ରାଇଡରଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ଆଇଲ ଅଫ୍ ମ୍ୟାନ ରାଇଡର ମ୍ୟାଟ୍ ବୋଷ୍ଟକ୍ ଗୁରୁତର ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଫଳତଃ ସକାଳ ସେସନ ସାଇକ୍ଲିଂକୁ ବାତିଲ କରାଯାଇଥିଲା। ଦୁର୍ଘଟଣାରେ କ୍ଷତି ପହଞ୍ଚାଇଥିବାରୁ ଟ୍ରାକ୍‌ର ୱାଲ ମରାମତି ଦରକାର ପଡ଼ିଥିଲା। ଫଳତଃ ଦର୍ଶକମାନଙ୍କୁ ଲି ଭ୍ୟାଲି ଭେଲୋଡ୍ରମ୍ ଛାଡ଼ି ଚାଲିଯିବାକୁ କୁହାଯାଇଥିଲ।

# ପଏଣ୍ଟ ଖାତା ଖୋଲିଲା ଭାରତ

**ମହିଳା କ୍ରିକେଟ**

**ବର୍ମିଂହାମ୍,୩୧।୭(ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା କ୍ରିକେଟରେ ପଏଣ୍ଟ ଖାତା ଖୋଲିଛି ଭାରତ। ପ୍ରଥମ ମ୍ୟାଚରେ ଅପ୍ରତ୍ୟାଶିତ ଭାବେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ପଏଣ୍ଟ ଖାତା ଖୋଲିଛି ଦଳ। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପାକିସ୍ତାନକୁ ଏହା ସର୍ବନିମ୍ନ ଟି୨୦ ସ୍କୋର ୯୯ରେ ସୀମିତ ରଖିବା ପରେ ୨ ଉଇକେଟ ହରାଇ ବିଜୟ ହାସଲ କରିନେଇଥିଲେ ଭାରତୀୟ ମହିଳା। ଅପରାଜିତ ଅର୍ଦ୍ଧଶତକ ସହ ସ୍ମୃତି ମନ୍ଧାନା ଭାରତ ବିଜୟରେ ମୁଖ୍ୟ ଭୂମିକା ନିଭାଇଥିଲେ।

ବର୍ଷା କାରଣରୁ ମ୍ୟାଚ୍‌କୁ ୧୮ ଓଭରକୁ ହ୍ରାସ କରାଯାଇଥିବା ବେଳେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖାତା ଖୋଲିବା ପୂର୍ବରୁ ପାଭିଲିୟନ୍ ଫେରିଥିଲେ ଓପ୍‌ନର ଇରମ ଜାଭେଦ୍। ଅଧିନାୟିକା ବିସମା ମାରୁଫ୍(୧୭) ଓ ମୁନୀବା ଅଲୀ(୩୨) ତୃତୀୟ ଉଇକେଟରେ ୫୦ ରନ୍ ଯୋଡ଼ିଥିଲେ। ତେବେ ନବମ ଓଭରରେ ମାତ୍ର ୩ ବଲ ବ୍ୟବଧାନରେ ଉଭୟଙ୍କୁ ଆଉଟ କରିଥିଲେ ସ୍ନେହ ରାଣା। ଏହାପରେ ପାକିସ୍ତାନ ଇନିଂସ ତାସ୍ ପତା ପରି ଭୁଶୁଡ଼ି ପଡ଼ିଥିଲା। ସ୍ନେହ ରାଣା ଓ ରାଧା ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ରେଣୁକା ସିଂ, ମେଘନା ସିଂ ଓ ଶେଫାଳି ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୦୦ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ମନ୍ଧାନା ଅପରାଜିତ ୬୩ ରନ୍ ସଂଗ୍ରହ କରିଥିଲେ। ୪୨ ବଲ୍ ଖେଳି ସେ ୮ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା ୧୬ ଓ ଶବିନ୍ନେନି ମେଘନା ୧୪ ରନର ଇନିଂସ ଖେଳିଥିଲେ। ଟୁବା ହସନ୍ ଓ ଓମାଇମା ସୋହେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




# ଭର୍ଷ୍ଟାପେନ୍ ଜିତିଲେ ହଙ୍ଗେରିଆନ ଗ୍ରାଁ ପ୍ରି

**ବୁଦାପେଷ୍ଟ, ୩୧।୭**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ୧୦ମ ଗ୍ରୀଡ୍‌ରୁ ରେସ୍ ଆରମ୍ଭ କରିଥିଲେ ହେଁ ହଙ୍ଗେରିଆନ ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ୮ମ ଟାଇଟଲ। ଭର୍ଷ୍ଟାପେନ୍ ତାଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ଦୁଇଥର ଅତିକ୍ରମ କରିବା ଫେରାରିର ରେସ୍ ପରିଚାଳନାକୁ ନେଇ ସାନି ପ୍ରଶ୍ନ ଉଠିଛି। ରେଡ୍‌ବୁଲ୍‌ର ପିଟ୍ ରଣନୀତି ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ସିଟର ଜର୍ଜ ରସେଲଙ୍କଠାରୁ ଆଗରେ ରଖିଥିଲା। ରସେଲଙ୍କ ଟିମ୍‌ମେଟ୍ ୭ ଥର ଫର୍ମୁଲା ୱାନ୍ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ତୃତୀୟ ସ୍ଥାନରେ ରହିବାକୁ ହୋଇଥିଲା। ରବିବାର ଫେରାରି ପାଇଁ ଆଉ ଏକ ଖରାପ ଦିନ ଥିଲା। କାର୍ଲୋସ ସେଞ୍ଜ୍ ଜୁନିୟର ଚତୁର୍ଥ ଓ ତାଙ୍କ ଟିମ୍‌ମେଟ ଲେକ୍‌ରେକ୍ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ରବିବାର ରେସ୍‌ର ଫଳାଫଳ ପରେ ଚଳିତ ସିଜନର ଆଉ ୯ଟି ରେସ୍ ବାକିଥାଇ ଭର୍ଷ୍ଟାପେନ୍ ଲେକ୍‌ରେକ୍‌ଙ୍କଠାରୁ ୮୦ ପଏଣ୍ଟ ଅଗ୍ରଣୀ ରହିଛନ୍ତି। ରେସ୍‌ରେ ୫ମ ସ୍ଥାନ ହାସଲ କରିଥିଲେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ। ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ଲାଣ୍ଡୋ ନୋରିସ (ମ୍ୟାକ୍‌ଲରେନ), ଫର୍ନାଣ୍ଡୋ ଆଲୋଁସୋ (ଅଲ୍‌ପାଇନ୍), ଏଷ୍ଟିବାନ ଓକନ (ଅଲ୍‌ପାଇନ୍) ଓ ସେବାଷ୍ଟିଆନ ଭେଟେଲ (ଆଷ୍ଟନ ମାର୍ଟିନ) ଅଧିକାର କରିଥିଲେ।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### କମଳଲୋଚନପୁର ସମବାୟ ସମିତି ବୈଠକ

**ବୋଲଗଡ଼,୩୧।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ କମଳଲୋଚନପୁର ସେବା ସମବାୟ ସମିତିର ନୂତନ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ପ୍ରସନ୍ନ କୁମାର ମହାପାତ୍ର ଓ ଉପସଭାପତି ନୟନା ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ଚାଷୀଙ୍କୁ ୧ଲକ୍ଷ ଟଙ୍କା ଯାଏ ସୁଧ ଛାଡ଼, ଫସଲ ବୀମା, ଗତବର୍ଷର ବୀମା ଅର୍ଥ ଚାଷୀଙ୍କୁ ପ୍ରଦାନ, ସହଜରେ ସାର ଯୋଗାଇଦେବା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ପାଦକ ହାଡ଼ିବନ୍ଧୁ ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପ୍ରତିନିଧି ଶୁଭେନ୍ଦୁ ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, କଳାଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଲିଟୁ ଗୋଛି, ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଦର୍ଶକ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ବାରଙ୍ଗ,୩୧।୭(ଡି.ଏନ୍.ଏ.):** କୁଆଖାଇ ନଦୀରେ ବୁଡ଼ି ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗ୍ରାମ ରାମଗଡ଼ ସାହିରେ ରହୁଥିବା ଟିକି ବାରିକ। ସୂଚନା ମୁତାବକ, ମଧ୍ୟାହ୍ନରେ ଟିକି ରାମଗଡ଼ ସାହିସ୍ଥିତ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ସେ ବୁଡ଼ିଯାଇଥିଲେ। ନିକଟରେ ଗାଧୋଉଥିବା କେତେଜଣ ଲୋକ ଦେଖି ଡାକ ପକାଇଥିଲେ। କେତେଜଣ ଯୁବକ ପହଞ୍ଚି ଖୋଜାଖୋଜି କରିବା ସହ ପାଣିଟାଙ୍କି ପାଖ ନଦୀରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ଟ୍ରାଫିକ୍ କନଷ୍ଟେବଲଙ୍କୁ କାର୍ ଚଢ଼ାଇ ହତ୍ୟା ଉଦ୍ୟମ, ଜଣେ ଗିରଫ

**ଭୁବନେଶ୍ୱର,୩୧।୭(ବ୍ୟୁରୋ) :** ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ସହିତ ଟ୍ରାଫିକ୍ କନଷ୍ଟେବଲଙ୍କୁ କାର୍ ଚଢ଼ାଇ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ଗଡ଼ ଥାନା ବ୍ରିଟି କଲୋନୀର ପ୍ରକାଶ କୁମାର ପରିଡା(୪୨)। ପୋଲିସ ତାଙ୍କ କାର ଜବତ କରିବା ସହିତ ମାମଲା (ନଂ ୧୫୮ /୨୨) ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ବିଭାଗର ଟ୍ରାଫିକ ଥାନା-୧ରେ କାର୍ଯ୍ୟରତ କନଷ୍ଟେବଳ ଲିଙ୍ଗିପୁର ଟ୍ରାଫିକ ଛକରେ କାର୍ଯ୍ୟ ପରିଚାଳନା କରୁଥିଲେ। ଏହି ସମୟରେ ପୁରୀ ପାର୍ଶ୍ୱରୁ ପ୍ରକାଶ କାର ନେଇ ଆସି ଲିଙ୍ଗିପୁର ଟ୍ରାଫିକ ଛକରେ ଜେବ୍ରା କ୍ରସିଂ ଉପରେ ଗାଡ଼ି ରଖିଥିଲେ। କର୍ତ୍ତବ୍ୟରତ କନଷ୍ଟେବଲ ତାଙ୍କ କାରର ଏକ ଫଟୋ ଉଠାଇବାରୁ ପ୍ରକାଶ ନୟାଗଡ ଆରଟିଓଙ୍କ ପରିଚୟ ଦେଇ ଯୁକ୍ତିତର୍କ କରିବା ସହିତ ଧମକ ଦେଇଥିଲେ। ସଂପୃକ୍ତ କନଷ୍ଟେବଲ ତାଙ୍କୁ କାରରୁ ବାହାରିବାକୁ କହିବାରୁ ସେ ନଶୁଣି ଓଲଟି କାର୍‌କୁ କନଷ୍ଟେବଲଙ୍କ ଉପରେ ଚଢ଼ାଇଦେବାକୁ ଉଦ୍ୟମ କରିଥିଲେ। ଏନେଇ କନଷ୍ଟେବଲ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରକାଶଙ୍କୁ ଗିରଫ କରିଥିଲା ।

### କାର୍ ଧକ୍କାରେ କାଉଡ଼ିଆ ଗୁରୁତର

**ପିପିଲି,୩୧।୭(ସ୍ୱ.ପ୍ର.):** ପିପିଲି ପେଟ୍ରୋଲ ଟାଙ୍କି ନିକଟରେ ରବିବାର ଏକ କାର୍ ଧକ୍କା ଦେବାରୁ ଜଣେ କାଉଡ଼ିଆ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୃସିଂହ ମୁଦୁଲି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶନିବାର ନୃସିଂହ ତାଙ୍କ ବାକକକପାଙ୍କ ସହ କଟକ ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇ ପୁରୀ ଲୋକନାଥ ପୀଠକୁ ଯାଉଥିଲେ। ତେବେ ରାତିରେ ପିପିଲି ପେଟ୍ରୋଲ ଟାଙ୍କି ପାର୍ଶ୍ୱରେ ଥିବା କାଉଡ଼ିଆ ବିଶ୍ରାମରେ ନୃସିଂହ ବିଶ୍ରାମ ନେଇଥିଲେ। ରବିବାର ସକାଳେ ଗାଧୋଇ ପାଣି ଭାର ନେଇ ବାହାରିଥିଲେ। ଏହି ସମୟରେ ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ମଧ୍ୟାହ୍ନଭୋଜନ ଅର୍ଥ ହେରଫେର

**ତଳବୋରେଇ ଆଶ୍ରମ ସ୍କୁଲ**
- ଜାଲ୍ ରସିଦ୍‌ରେ ହୋଇଛି ବିଲ୍
- ଆର୍‌ଟିଆଇ ତଥ୍ୟ ଖୋଲିଲା ଗୁମର
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲାପାଳ

**ଖୋର୍ଦ୍ଧା ଅଫିସ,୩୧।୭**

ସରକାରୀ ଆଶ୍ରମ ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷା, ସୁସ୍ଥ ପରିବେଶ, ଉତ୍ତମ ଖାଦ୍ୟପେୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ମଧ୍ୟ କରିଛନ୍ତି। ତେବେ କେତେକ ସ୍କୁଲରେ ପିଲାଙ୍କ ସାମଗ୍ରୀ ବାଟମାରଣା ହେଉଛି। ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ତଳବୋରେଇ ସରକାରୀ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା (ଏମ୍‌ଡିଏମ୍)ରେ ଜାଲିଆତି ହୋଇଥିବା ତଥ୍ୟ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ସାମ୍ନାକୁ ଆସିଛି। ଜାଲ୍ ରସିଦରେ ବିଲ୍ କରାଯାଇ ଲକ୍ଷାଧିକ ଟଙ୍କାର ହେରଫେର କରାଯାଇଛି। ରାଶନ, ପରିବା ଏବଂ ଅଣ୍ଡା କିଣାରେ ହେରଫେର ହୋଇଛି। ଯେଉଁଠୁ ସାମଗ୍ରୀ କିଣାଯାଇ ବିଲ୍ ପଇଠ କରାଯାଇଛି, ସେଭଳି ଦୋକାନ ବାଣପୁରରେ ନ ଥିବା ଜଣାପଡ଼ିଛି। ସେହିପରି ଗୋଟିଏ ଦିନରେ ଗୋଟିଏ ଦୋକାନରୁ କିଣାଯାଇଥିବା ସାମଗ୍ରୀର ଭିନ୍ନ ଦର ରହିଛି। ଦୋକାନ ନାଁରେ ଫଲ୍ସ ରସିଦ ଛପାଯାଇଛି। ୪-୫ଟି ବିଲ୍ କରାଯାଇଥିବାବେଳେ ସେଗୁଡ଼ିକରେ ଉଲ୍ଲେଖ ତଥ୍ୟରେ ତାଳମେଳ ନାହିଁ। ୨୦୧୮, ୨୦୧୯ ଏବଂ ୨୦୨୦ରେ ଏଭଳି ଦୁର୍ନୀତି କରାଯାଇଥିବା ଅଭିଯୋଗ ହେଉଛି। ୨୦୧୫ରେ ଜିଏସ୍‌ଟି ଲାଗୁ ହେଲା। ତେବେ ୩ ବର୍ଷରେ ଦିଆଯାଇଥିବା ବିଲ୍‌ରେ ଭାଟ୍ ଲାଗୁ ହୋଇଛି। ସାମଗ୍ରୀ କିଣାରେ ହେରଫେର ହୋଇଥିବା ସ୍ପଷ୍ଟ ହେଉଛି। ଏନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

୩ଟି ବିଲ୍ ଉପରେ ନଜର ପକାଇଲେ, ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୨୦୨୦ ମାର୍ଚ୍ଚ ୨୦ରେ ରାଜ୍ୟ ସରକାର ସମସ୍ତ ସ୍କୁଲ ଓ କଲେଜ ବନ୍ଦ କରିଦେଇଥିଲେ। ଏହାର ସପ୍ତାହକ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୧୩ରେ ୭କୁଇଣ୍ଟାଲ ଆଳୁ, ୧୦୦ କେଜି ପିଆଜ, ୫୮ କେଜି ବାଇଗଣ, ୪ ହଜାର ଅଣ୍ଡା, ୧ କୁଇଣ୍ଟାଲ ତେଲ କିଣାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ତେବେ ସ୍କୁଲ ବନ୍ଦ ହେବା ପରେ ଏସବୁ ସାମଗ୍ରୀ କୁଆଡ଼େ ଗଲା ତାହାର ହିସାବ ନାହିଁ। ଏଭଳି ଭାବେ ଅନେକ ଫଲ୍ସ ବିଲ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। କେବଳ ତେଜରାତି ସାମଗ୍ରୀ ନୁହେଁ, ଚାଉଳରେ ମଧ୍ୟ ହେରଫେର ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି।

ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ବାଣପୁରର କନ୍ୟାକୁମାରୀ ଷ୍ଟୋର, ତାରିଣୀ ଭଣ୍ଡାର ଏବଂ ଜେନା ଏଗ୍ ସେଣ୍ଟରରୁ ଯଥାକ୍ରମେ ରାଶନ, ପରିବା ଓ ଅଣ୍ଡା କିଣାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ତେବେ ସମ୍ପୃକ୍ତ ତେଜରାତି ଦୋକାନୀ ଦିଲୀପ ସ୍ୱାଇଁ କହିଛନ୍ତି, ସେହି ବିଲ୍ ଆମ ଦୋକାନର ନୁହଁ। ଆମେ ଭାଟ୍ ନୁହେଁ, ଜିଏସ୍‌ଟି ବିଲ୍ ଦେଉଛୁ। ସେମାନେ ଆମଠାରୁ ସାମଗ୍ରୀ ନେଇଛନ୍ତି, ମାତ୍ର ବିଲ୍ ନେଇନାହାନ୍ତି। ସେହିପରି ସମ୍ପୃକ୍ତ ପରିବା ଦୋକାନୀ କୃଷ୍ଣଚନ୍ଦ୍ର ସେଠୀ କହିଛନ୍ତି, ମୁଁ ବିଲ୍ ଦେଇନାହିଁ। ଆମ ଦୋକାନ ନାଁରେ ନକଲି ରସିଦ୍ ଛପାଯାଇଛି ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ ଆଣିଛନ୍ତି। ଅଣ୍ଡା ଦୋକାନୀ ସୁଦର୍ଶନ ଜେନା କହିଛନ୍ତି, ଆମ ଠାରୁ ଅଣ୍ଡା ନିଆଯାଏ ସତ, ମାତ୍ର ଦିଆଯାଇଥିବା ଦୋକାନ ନାଁ ମିଥ୍ୟା। ଏ ନେଇ କେତେଜଣ ଗ୍ରାମବାସୀ କହିଛନ୍ତି, କରୋନା ସମୟରେ ସ୍କୁଲ ବନ୍ଦ ଥିଲା। ଦୋକାନ ବଜାର ମଧ୍ୟ ଠିକ୍ ଭାବେ ଖୋଲୁ ନ ଥିଲା। ସ୍କୁଲ କର୍ତ୍ତୃପକ୍ଷ କୁଆଡ଼େ ଏତେ ସାମଗ୍ରୀ କିଣିଲେ, ଏହାର ତଦନ୍ତ ହେବା ଦରକାର। ଏଥିରେ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି। ସୂଚନା ଅଧିକାରୀ କର୍ମୀ ସୁଶିଲ ଅଗ୍ରୱାଲ କହିଛନ୍ତି, ମଧ୍ୟାହ୍ନ ଭୋଜନ ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ଦୃଷ୍ଟିକୁ ଆସିବା ପରେ ଆର୍‌ଟିଆଇ ବଳରେ ତଥ୍ୟ ମାଗିଥିଲି। ଦିଆଯାଇଥିବା ତଥ୍ୟ ମିଥ୍ୟା ବୋଲି ପ୍ରମାଣିତ ହୋଇଥିଲା। ବଡ଼ବଡ଼ିଆଙ୍କୁ ହାତ କରି ସରକାରୀ ଅର୍ଥ ବାଟମାରଣା କରାଯାଇଛି। ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ। ଅନ୍ୟପକ୍ଷରେ ଏ ନେଇ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ମତାମତ ମିଳିପାରିନାହିଁ। ତେବେ ବାଣପୁର ବ୍ଲକ ଶିକ୍ଷାଧିକାରୀ ସନାତନ ଜାଲି କହିଛନ୍ତି, ଏହି ଘଟଣାର ତଦନ୍ତ କରାଯିବ। ସମସ୍ତ ବିଲ୍ ଯାଞ୍ଚ କରାଯିବ। ସତ୍ୟତା ପ୍ରମାଣିତ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି, ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିବାକୁ ପାଇଛି। ଅଭିଯୋଗ ହେଲେ ତଦନ୍ତ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପୃଥକ୍ ଦୁର୍ଘଟଣା: ୪ କାଉଡ଼ିଆ ଆହତ

**ଗୋପ,୩୧।୭(ଡି.ଏନ୍.ଏ.)**

ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ନିକଟରେ ରବିବାର ବାଇକ୍ ଧକ୍କାରେ କାଉଡ଼ିଆ ଅଚ୍ୟୁତ ଲେଙ୍କା ଗୁରୁତର ଆହତ ହୋଇଛନ୍ତି। ସେହିପରି ଗୋପ-କୋଣାର୍କ ରାସ୍ତାର ତହସିଲ ଅଫିସ ନିକଟରେ ବାଇକ୍ ଧକ୍କାରେ କୈଳାସ ମଲ୍ଲିକ ଗୁରୁତର ହୋଇଥିବା ବେଳେ ସୁବାସ ମଲ୍ଲିକ ଓ ଟୁଟୁ ମଲ୍ଲିକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଶ୍ରାବଣ ମାସର ତୃତୀୟ ସୋମବାର ଲାଗି ଗୋପ ବ୍ଲକର କର୍ମଚାରୀ ଲେଙ୍କା ପାଣିଭାର ନେଇ ଯାଉଥିବା ବେଳେ ପାଣିଛତ୍ର ନିକଟରେ ବାଇକ୍ ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ନିକଟ କୁଷିକଟା ଗ୍ରାମର ୩ ଜଣ ପାଣିଭାର ନେଇ ଯାଉଥିବା ବେଳେ ସେମାନଙ୍କୁ ମଧ୍ୟ ବାଇକ୍ ଧକ୍କା ଦେବାରୁ ଜଣେ ଗୁରୁତର ଓ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଏମାନଙ୍କୁ ମଧ୍ୟ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



**କୃଷ୍ଣପ୍ରସାଦ:** ସାନସୀମା ସରକାରୀ ହାଇସ୍କୁଲ ପରିଦର୍ଶନରେ ଆସିଥିବା ୭ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଡିଓ ଓ ଅନ୍ୟମାନେ।

### ସାନସୀମା ହାଇସ୍କୁଲ ପରିଦର୍ଶନ କଲେ ୭ ପ୍ରଧାନ ଶିକ୍ଷକ

**କୃଷ୍ଣପ୍ରସାଦ,୩୧।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାନସୀମା ସରକାରୀ ହାଇସ୍କୁଲକୁ ବିଡିଓ ମନୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୭ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ପୁରାତନ ଛାତ୍ର ସଂସଦର ସଭାପତି ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟ ବୁଲି ଦେଖିଥିଲେ। ଏଠାରେ ନିର୍ମାଣ ହୋଇଥିବା ବିଜ୍ଞାନାଗାର, ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି ଓ ବଗିଚା କାମ ଦେଖି ସନ୍ତୋଷବ୍ୟକ୍ତ କରିଥିଲେ। ୫-ଟି ସ୍କୁଲରେ କିପରି ଛାତ୍ରୀଛାତ୍ର ଅତ୍ୟାଧୁନିକ ପଦ୍ଧତିରେ ଶିକ୍ଷା ଗ୍ରହଣ କରୁଛନ୍ତି ସେ ସମ୍ବନ୍ଧରେ ସ୍କୁଲର ଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଦାସ ପରିଦର୍ଶନ ବେଳେ ସହଯୋଗ କରିଥିଲେ।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଜଟଣୀ,୩୧।୭(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ୫ନମ୍ବର ୱାର୍ଡରେ ରବିବାର କେତେଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୌରପରିଷଦ ପକ୍ଷରୁ ସଫେଇ କାର୍ଯ୍ୟ ନିମନ୍ତେ ଉକ୍ତ ୱାର୍ଡରେ ନିୟୋଜିତ କର୍ମଚାରୀଙ୍କ ଉତ୍ସାହ ବଢ଼ାଇବା ଏହି ସମ୍ବର୍ଦ୍ଧନା କରାଯାଇଛି। ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ପରିବେଶକୁ ସଫାସୁତୁରା ରଖିବାରୁ ୱାର୍ଡ ବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ୱାର୍ଡ ନଂ.୫ ରାଜାବଜାରର କାଉନସିଲ କାଜଲ ଦାଶଙ୍କ ନେତୃତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀ ସଙ୍ଘର ଉପସଭାପତି ମାନସୀ ନାୟକ, ସମ୍ପାଦକ ବାଦଲ ନାୟକ, ଶଶୀରେଖା ନାୟକ, କାର୍ତ୍ତିକେଶ୍ୱର, ଅମ୍ରିତା ମହାପାତ୍ର, ବିଜୟ କୁମାର ଲେଙ୍କା ଅତିଥିଭାବେ ଯୋଗଦେଇ ସଫେଇ କର୍ମଚାରୀ ରାଜା ନାୟକ, ମଦନ ନାୟକ, ମଧୁସ୍ମିତା ନାୟକ, ରେଣୁ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ‘ସାହିତ୍ୟରେ ସମାଜକୁ ଦେଖି ହୁଏ’

**ଖୋର୍ଦ୍ଧା ଅଫିସ,୩୧।୭**

ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଅବସରରେ ରବିବାର ଗୀତାଭବନ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ସୁରେଶ ଛୋଟରାୟଙ୍କ ସଭାପତିତ୍ୱ କରିଥିଲେ। ଉପସଭାପତି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଡ. ନୀଳାଦ୍ରିନାଥ ଜଗଦ୍ଦେବ, ଗୋବିନ୍ଦ ଚନ୍ଦ୍ର ମହାରଣା, କବି ନିଶିକାନ୍ତ କହଳସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହିତ୍ୟ ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବା ନେଇ ମତ ଦେଇଥିଲେ। ଜିଲାର ଐତିହ୍ୟ ଓ ପରମ୍ପରାକୁ ବିକଶିତ କରାଯିବ। ବିଭିନ୍ନ କଲେଜର ସାହିତ୍ୟ ପ୍ରତି ଅନୁରକ୍ତ ଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ କାର୍ଯ୍ୟକ୍ରମରେ ସାମିଲ କରାଯିବା ପାଇଁ ପ୍ରସ୍ତାବରେ ଗୃହୀତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, ସାହିତ୍ୟରେ ସମାଜକୁ ଦେଖି ହୁଏ। ଏହା ଏକ ରୁଚିବନ୍ତ କଳା। କଳ୍ପନାରୁ ଏହାର ଜନ୍ମ, ବାସ୍ତବତାରେ ଏହାର ପ୍ରସାର। ଜ୍ଞାନର ଗନ୍ତାଘର ସାହିତ୍ୟ। ସତ୍ ଓ ଅସତ୍‌ର ବିଚାର ସାହିତ୍ୟରେ ହୋଇଥାଏ। ସାହିତ୍ୟ ପାଠରେ ଜ୍ଞାନର ଦିଗ୍‌ବଳୟ ସମ୍ପ୍ରସାରିତ ହୋଇଥାଏ। ଏହି ଆଭିମୁଖ୍ୟକୁ ନେଇ ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ସୃଷ୍ଟି। ସମାଜର ଉତ୍ତର ପିଢ଼ିଙ୍କୁ ନିଜ ମାତୃଭାଷା ତଥା ମା’ ଓ ମାଟି ପ୍ରତି ଅନୁରାଗ ଜାଗରଣ କରାଇବା ଏହାର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଶେଷରେ ଡ. ନୀଳାଦ୍ରିନାଥ ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

### ଅଟୋ ସହ ମଦ ଜବତ, ବେପାରୀ ଗିରଫ

**ନିରାକାରପୁର,୩୧।୭(ଡି.ଏନ୍.ଏ.)**

ଜଙ୍କିଆ ଥାନା ପୋଲିସ ରବିବାର ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋଡିପଡ଼ା ଲହଙ୍ଗା ପାଇକପୁଟ ସାହିର ଗୌତମ ପ୍ରଧାନ ଓରଫ ଗୁଲୁ(୩୫)। ତାଙ୍କ ନିକଟରୁ ୫୦ଲିଟର ଦେଶୀ ମଦ ସହ ଏକ ଅଟୋ ଜବତ କରାଯାଇଛି ବୋଲି ଏସ୍‌ଆଇ ବେଣୁଧର ରାୟ କହିଛନ୍ତି। ସୂଚନା ମୁତାବକ, ଗୌତମ ଅଟୋ (ଓଡି୦୨ ଏଚ୍-୯୮୮୫) ରେ ମଦ ବୋଝେଇ କରି ଗ୍ରାମ ଅଭିମୁଖେ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଜଙ୍କିଆ ସ୍ଥିତ ୧୬ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ୍ ବୁଲାଣି ନିକଟରେ ଅଟୋକୁ ଅଟକାଇବା ସହ ଗୌତମଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ବୈଠକ



**ଜଟଣୀ,୩୧।୭(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ମୌଜାରେ ସ୍ଥାୟୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି) ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା’ଜାଗୁଳାଇ ମନ୍ଦିର ପରିସରରେ ଭାସ୍କର ଭୁଜବଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗ୍ରାମବାସୀ ଯୋଗଦେଇ ୟୁପିଏଚସିର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଆଲୋଚନା କରିଥିଲେ। ସୂଚନା ମୁତାବକ, ସହର ଏବଂ ଗ୍ରାମବାସୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ୱାର୍ଡ ନଂ.୨୩ କୁଦିଆରୀ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଢେଇ ବର୍ଷ ପୂର୍ବେ ଏକ ଭଡା ଘରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯଇଥିଲା। ତେବେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଏବେ ସ୍ଥାୟୀ ଚିକିତ୍ସା କେନ୍ଦ୍ର ପାଇଁ ୱାର୍ଡ ନମ୍ବର ୨୧ରେ ନିର୍ମାଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଜମି ପ୍ରଦାନ କରାଯିବା ସହିତ ୮୫ଲକ୍ଷ ଟଙ୍କାର ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଖୁସି ପ୍ରକଟ କରିଥିବା ବେଳେ କେତେଜଣ ବ୍ୟକ୍ତି ଉକ୍ତ ଜମିରେ ଚିକିତ୍ସା କେନ୍ଦ୍ର ନିର୍ମାଣକୁ ବିରୋଧ କରୁଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ଚିକିତ୍ସା କେନ୍ଦ୍ର ଖୋଲିବା ନେଇ ଗ୍ରାମ୍ୟ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ରମେଶ ମହାପାତ୍ରଙ୍କୁ ବୈଠକରେ ଗ୍ରାମବାସୀ କୃତଜ୍ଞତା ଜଣାଇବା ସହିତ ମହତ କାର୍ଯ୍ୟ ପାଇ ଧନ୍ୟବାଦ ଜଣାଇଛନ୍ତି।

## ପର୍ଯ୍ୟଟନ ସ୍ଥଳ ମୁଣ୍ଡିଆପଡ଼ାକୁ ରାସ୍ତା ତ୍ୱରାନ୍ୱିତ

**ବୋଲଗଡ଼,୩୧।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନ ପାଇଥିବା ବୋଲଗଡ଼ ବ୍ଲକ ଅଞ୍ଚଳର ମଣ୍ଡନଗିରି (ମୁଣ୍ଡିଆପଡ଼ା)କୁ ରାସ୍ତା ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ଏହାଦ୍ୱାରା ପର୍ଯ୍ୟଟକଙ୍କ ଯାତାୟାତରେ ସୁବିଧା ଲାଗି ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି। ବୋଲଗଡ଼ ସଦର ମହକୁମା ଠାରୁ ୯ କିଲୋମିଟର ଦୂର ମାଳତି ପାହାଡ଼ ଉପରେ ଥିବା ରଘୁନାଥ ମନ୍ଦିରକୁ ସଂପୁର ଗ୍ରାମ ଦେଇ ଏହି ରାସ୍ତା ନିର୍ମାଣ ହୋଇଛି। ସଂପୁରଠାରୁ ଗଡ଼ଦ୍ୱାର ବନ୍ଧ ଓ ସଅରପଦା ପର୍ଯ୍ୟନ୍ତ ରାସ୍ତା ମେଟାଲିଂ ହୋଇଛି। ସଅରପଦାଠାରୁ ପୂର୍ବରୁ ନିର୍ମାଣ ହୋଇଥିବା ପାହାଚ ମଧ୍ୟ ଦେଇ ଯାତ୍ରୀମାନେ ପର୍ବତ ଶିଖରରେ ଥିବା ମୁଣ୍ଡିଆପଡ଼ା ରଘୁନାଥଙ୍କ ପୀଠକୁ ଯାଇପାରିବେ। ପୂର୍ବରୁ ବାଙ୍କୋଇ ପାଟବନ୍ଧ ଦେଇ ପର୍ଯ୍ୟଟକମାନେ ଯାଉଥିବା ବେଳେ ଅନ୍ୟ ଏକ ରାସ୍ତା ଫିରିଫିରା ଓ ନୟାଗଡ଼ ଜିଲା ସୀମାନ୍ତ ଓଳାସ ଗ୍ରାମ ଦେଇ ପର୍ଯ୍ୟଟକମାନେ ଯାଉଥିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ନୂତନ ରାସ୍ତା ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୫ ଲକ୍ଷ ଏବଂ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଏହି ନୂତନ ରାସ୍ତା ତିଆରି କରାଯାଇଥିବାରୁ ଲୋକେ ଖୁସି ପ୍ରକଟ କରିଛନ୍ତି।

## ମାରୱାଡ଼ି ସମ୍ପ୍ରଦାୟ ପକ୍ଷରୁ ତିଜ ମେଳା

**ଜଟଣୀ,୩୧।୭(ଡି.ଏନ୍.ଏ.)**

ଜଟଣୀ ମାରୱାଡ଼ିସମ୍ପ୍ରଦାୟ ପକ୍ଷରୁ ରବିବାର ତିଜ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଅଗ୍ରୱାଲା ଧର୍ମଶାଳା ପରିସରରେ ଓଡ଼ିଶା ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି ପକ୍ଷରୁ ଶ୍ରାବଣ ଶୁକ୍ଳ ତୃତୀୟା ଉପଲକ୍ଷେ ଜଟଣୀ ଶାଖା ପକ୍ଷରୁ ତିଜ ମେଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ମାରୱାଡ଼ି ସମାଜର ବହୁ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ମହିଳାଙ୍କ ମଧ୍ୟରେ ମେହେନ୍ଦି, କୁଇଜ, ନୃତ୍ୟ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଏହି ମେଳାରେ ମହିଳାଙ୍କ ଦାରା ପ୍ରସ୍ତୁତ ରାକ୍ଷୀ, ଘରୋଇ ସାମଗ୍ରୀ, ସାଦିଷ୍ଟ ବ୍ୟଞ୍ଜନ, ବସ୍ତ୍ର ଷ୍ଟଲ ଖୋଲାଯାଇଥିଲା। ମାରୱାଡ଼ି ମହିଳା ସଙ୍ଗଠନ ସଭାପତି ମନିଷା ଗୋଏଙ୍କା, ସଚିବ ସୁଦ୍ଧାରାଣୀ ଅଗ୍ରୱାଲ, ନିର୍ମଳା ନାଙ୍ଗାଲିଆ, ଶକୁନ୍ତଳା ଦେବୀ, କୁସୁମ ଅଗ୍ରୱାଲ, ମଞ୍ଜୁ ସୁରେଖା, ମମତା ଶର୍ମା, ସଙ୍ଗୀତା ଅଗ୍ରୱାଲ, ମୁସ୍କାନ ଅଗ୍ରୱାଲ, ପାୟଲ ଅଗ୍ରୱାଲ, ମୀନା ଝୁଁଝୁଁୱାଲା, କାଞ୍ଚନ ଅଗ୍ରୱାଲଙ୍କ ସମେତ ବହୁ ସଦସ୍ୟା ମେଳା ପରିଚାଳନାରେ ସହଯୋଗ କରିଥିଲେ।


ତିଜ୍ ମେଳାରେ ଯୋଗ ଦେଇଥିବା ଅତିଥିମାନେ।

## ତାମିଲ-ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସାମଞ୍ଜସ୍ୟ ରହିଛି

**ଭୁବନେଶ୍ୱର,୩୧।୭ (ବ୍ୟୁରୋ)**

ଭୁବନେଶ୍ୱର ତାମିଲ ସଙ୍ଗମର ୩୦ତମ ପ୍ରତିଷ୍ଠା ଦିବସ, ସ୍ୱାଧୀନତା ସଂଗ୍ରାମୀ ତଥା ତାମିଲ ବିପ୍ଳବୀ କବି ସୁବ୍ରମଣ୍ୟମ ଭାରତୀଙ୍କ ଶତ ବାର୍ଷିକ ଶ୍ରାଦ୍ଧୋତ୍ସବ ଏବଂ ତାମିଲ ପଣ୍ଡିତ ମାରାମଲେଇ ଆଡିଗଲଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତାମିଲନାଡୁ ସରକାରଙ୍କ ନୃତ୍ୟ, ସଙ୍ଗୀତ ଓ ନାଟକ ଏକାଡେମୀ ସହଯୋଗରେ ରବିବାର ନୟାପଲ୍ଲୀ ଭିଆଇପି କଲୋନୀସ୍ଥିତ ସଂଘ ପରିସରରେ ମହାସମାରୋହରେ ପାଳିତ ହୋଇଛି। ସଙ୍ଗମ ସଭାପତି ଏସ୍. ଦୁରେଇସ୍ୱାମୀ ଏଥିରେ ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟ ଅତିଥିଭାବେ ତାମିଲନାଡୁ ସରକାରଙ୍କ ନୃତ୍ୟ, ସଙ୍ଗୀତ ଓ ନାଟକ ଏକାଡେମୀର ଅଧ୍ୟକ୍ଷ ଚନ୍ଦ୍ର ଶେଖର ଯୋଗଦେଇ କହିଥିଲେ, ତାମିଲ ଆଉ ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସାମଞ୍ଜସ୍ୟ ରହିଛି। ଉନ୍ନତ ଓ ଅଭିବୃଦ୍ଧିଶୀଳ ଓଡ଼ିଶା ଗଠନରେ ଓଡ଼ିଆ ତାମିଲଙ୍କର ଅବଦାନ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ତାମିଲନାଡୁର ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଉଲଗାନାଏଗି କହିଥିଲେ, ମାତୃଭାଷାର ବିକାଶ ବିନା ମଣିଷର ବିକାଶ ଚିନ୍ତା କରିବା ଅସମ୍ଭବ। ଯେଉଁ ରାଜ୍ୟର ମାତୃଭାଷା ଯେତେ ବିକଶିତ ସେହି ରାଜ୍ୟ ସେତେ ଉନ୍ନତ। ପ୍ରାଗୈତିହାସିକ କାଳରୁ ଓଡ଼ିଆ ଓ ତାମିଲ ଭାଷାର ସାମଞ୍ଜସ୍ୟ ରହିଥିବା ସେ କହିଥିଲେ। ଅତିଥିଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. ମୁରୁଗେସନ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ ଭାରତ ନାଟ୍ୟମ ନୃତ୍ୟ ସହିତ ସମାରୋହ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ତାମିଲ ସଙ୍ଗମର ସାଧାରଣ ସମ୍ପାଦକ ଟି.ବି.ଟି ଆନସାରୀ ସ୍ୱାଗତ ଭାଷଣ ଓ ସମାରୋହ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଦୁରେଇସ୍ୱାମୀ ଓ ସମ୍ମାନିତ ଅତିଥି ମୁରୁଗେସନ ଉପସ୍ଥିତ ଅତିଥି ଏବଂ କଳାକାରଙ୍କୁ ସମ୍ମାନିତ କରିଥିଲେ। ଏନ୍. କାଶୀନାଥନ ଧନ୍ୟବାଦ ଦେଇଥିଲେ। ତାମିଲନାଡୁର ୩୫ଜଣ କଳାକାର ଭାରତ ନାଟ୍ୟମ, ଲୋକନୃତ୍ୟ ସମର୍ଥନ କଳା, ସଙ୍ଗୀତ ଓ ବାଦ୍ୟ ପରିବେଷଣ କରିଥିଲେ।


ଅତିଥିଙ୍କ ଗହଣରେ କଳାକାର ଓ ଅନ୍ୟମାନେ।

## ବଟି ମାଗି ୫ ଗିରଫ

ପୁରୀ ଅଫିସ: ବଟି ଆଦାୟ ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ନୂଆସାହିରେ ରହୁଥିବା କେନ୍ଦ୍ରାପଡ଼ା ଜିଲାର ଭରତ ମଲ୍ଲିକ୍। ପୋଲିସ ତାଙ୍କଠାରୁ ଗୋଟିଏ ଛୁରି ଜବତ କରିଛି। ଏ ନେଇ ଏକ କେସ୍ (ନଂ.୧୦୩/୨୨) ରୁଜୁ ହୋଇଛି। ସେହିପରି ବାସେଳି ସାହି ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମିଶ୍ର ନୋଳିଆ ସାହିର ଚନ୍ଦନ ବେହେରା, ତ୍ରିନାଥ ବେହେରା ଏବଂ ଆକାଶ ବେହେରା। ଏମାନଙ୍କ ଠାରୁ ଗୋଟିଏ ଛୁରି, ଲାଠି ଓ ୫୦୦ ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୭୧/୨୨) ରୁଜୁ କରିଛି। ବଟି ମାଗିବା ସହ ଆକ୍ରମଣ ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ବଳିଆପଣ୍ଡା ବସ୍ତି ମଙ୍ଗଳା ସାହିର ଶ୍ରୀକାନ୍ତ ତ୍ରିପାଠୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୦୦ ଟଙ୍କା ଜବତ କରିଛି। ଏ ନେଇ କେସ୍ ନଂ. ୯୫/୨୨ ରୁଜୁ ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୭।୨୦୨୨

| ୬,୪୭,୦୩୦ ଟଙ୍କା | |
|---|---|
| ସୁନା | ୮.୧୧୦ ଗ୍ରାମ |
| ରୁପା | ୫.୮୦୦ ଗ୍ରାମ |

## ସଂକ୍ଷେପରେ

### ଏକତରଫା ପ୍ରେମ ସହ ହଇରାଣ କରି ଯୁବକ ଗିରଫ

ଅସ୍ତରଙ୍ଗ,୩୧।୭(ଡି.ଏନ୍.ଏ.): ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରିବା ସହ ହଇରାଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବାଦଲ ଦାସ(୨୧)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ନାବାଳିକା ଜଣଙ୍କ ସାଇକେଲରେ ଟ୍ୟୁଶନ ଯାଉଥିବା ବେଳେ ବାଟରେ ବାଦଲ ତାଙ୍କୁ ଅଟକାଇ ପ୍ରେମ ନିବେଦନ କରିଥିଲେ। ତେବେ ନାବାଳିକ ଜଣଙ୍କ ଚିତ୍କାର କରିବାରୁ ବାଦଲ ତାଙ୍କୁ ମାଡ଼ ମାରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ନାବାଳିକା ଜଣଙ୍କ ଗୁରୁତର ଅବସ୍ଥାରେ ଟ୍ୟୁଶନରେ ପହଞ୍ଚି ଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶିକ୍ଷକଙ୍କ ଠାରୁ ଖବରପାଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ରତ୍ନାକର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରିବା ସହିତ ବାଦଲଙ୍କୁ ଗିରଫ କରିଥିଲା। ଏହି ଘଟଣା ଗତ ବର୍ଷ ଘଟିଥିବା ବେଳେ ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ଲିଖିତ ଭାବେ ଆପୋଷ ସମାଧାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବାଦଲ ପୁଣି ସମ୍ପୃକ୍ତା ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ହଇରାଣ କରିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା (ନଂ.୧୭୩/୨୨)ରୁଜୁ କରିବା ସହ ବାଦଲଙ୍କୁ ଗିରଫ କରିଥିଲା।

### ପୂର୍ବ ଶତ୍ରୁତାରୁ ବୈଦ୍ୟୁତିକ ସାମଗ୍ରୀ ଜାଳିଦେଲେ ୩ ଦୁର୍ବୃତ୍ତ ଫେରାର

ନିମାପଡ଼ା,୩୧।୭(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ମାଧିବରହମ୍ପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଗାଧୁଆ ଘରେ ଥିବା ବିଦ୍ୟୁତ୍ ସାମଗ୍ରୀକୁ ଜାଳିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ୩ ଜଣ ଦୁର୍ବୃତ୍ତଙ୍କ ବିରୋଧରେ ଏକ ମାମଲା (ନଂ. ୧୫୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ସେକ୍ ସୁନିଲ୍, ସେକ୍ ଜୁବୁଲ୍, ସେକ୍ ରାଜା। ସୂଚନା ମୁତାବକ, ଗ୍ରାମର ଜମାଲ ଖାଁ ଏବଂ ତାଙ୍କ ପରିବାର ରାତିରେ ଖାଇସାରି ଶୋଇଥିଲେ। ସେହି ସମୟରେ ତାଙ୍କ ଗାଧୁଆ ଘରର ତାଲା ଭାଙ୍ଗି ୩ ଜଣ ଦୁର୍ବୃତ୍ତ ଭିତରେ ପଶିଥିଲେ। ସେଠାରେ ଥିବା ୱାଶିଂ ମେଶିନ, ବିଦ୍ୟୁତ୍ ମୋଟର, ପାଣି ମୋଟର ଆଦି ୪୦ ହଜାର ଟଙ୍କାର ବିଦ୍ୟୁତ୍ ସାମଗ୍ରୀକୁ ପେଟ୍ରୋଲ ପକାଇ ନିଆଁରେ ପୋଡି ଦେଇଥିଲେ। ସେହି ସମୟରେ ଜମାଲ ପରିସ୍ରା ପାଇଁ ଉଠିଥିବାବେଳେ ୩ ଜଣ ଦୁର୍ବୃତ୍ତଙ୍କୁ ସେଠାରୁ ଦୌଡି ପଳାଉଥିବା ଦେଖିବାକୁ ପାଇଥିଲେ। ଗାଧୁଆ ଘରେ ନିଆଁ ଲାଗି ବୈଦ୍ୟୁତିକ ସାମଗ୍ରୀ ଜଳିବାବେଳେ ଘରର କାନ୍ଥ ଫାଟି ନଷ୍ଟ ହୋଇଥିବା ଜମାଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# କାମରେ ଲାଗୁନି ବାଲିଦୋକାନ ମାର୍କେଟ କମ୍ପ୍ଲେକ୍ସ

**ଉଦ୍‌ଘାଟନକୁ ୧୨ ବର୍ଷ ବିତିଲା**

- ରୋଜଗାର ହରାଇ ଚିନ୍ତାରେ ବ୍ୟବସାୟୀ
- ପାଣିରେ ପଡ଼ିବ ସରକାରଙ୍କ ୨୦ଲକ୍ଷ ଟଙ୍କା

କୋଣାର୍କ/କାକଟପୁର, ୩୧।୭(ଡି.ଏନ୍.ଏ): କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତର ବାଲିଦୋକାନ ବଜାରରେ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ୧୨ବର୍ଷ ତଳେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ତେବେ ଏପର୍ଯ୍ୟନ୍ତ ଏହି ମାର୍କେଟ କମ୍ପ୍ଲେକ୍ସର ଗୃହଗୁଡ଼ିକୁ ବ୍ୟବସାୟୀଙ୍କୁ ଆବଣ୍ଟିତ କରାଯାଇ ନାହିଁ। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନେ ରୋଜଗାର ହରାଇ ଚିନ୍ତାରେ ଥିବାବେଳେ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏ ନେଇ ରାଜନୈତିକ କନ୍ଦଳ ଓ ପ୍ରଶାସନର ଅପାରଗତାକୁ ଅଞ୍ଚଳବାସୀ ଦାୟୀ କରିଛନ୍ତି।



ସୂଚନାଯୋଗ୍ୟ, ବାଲିଦୋକାନ ବଜାରରେ ଦୋକାନ ଗୃହ ଓ କ୍ୟାବିନ୍ କରି ୪୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜ ଗୁଜରାଣ ମେଣ୍ଟାଉଥିଲେ। ଏମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରାଯିବା ନିମନ୍ତେ ୨୦୦୭ ମସିହାରେ ଉଚ୍ଛେଦ କରାଯାଇଥିଲା। ପରେ ତତ୍କାଳୀନ କାକଟପୁର ବିଧାୟକ ତଥା ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରଚେଷ୍ଟାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୨୩ ବଖରା ଗୃହ ତିଆରି ହୋଇଥିଲା। ୨୦୦୯ ଫେବୃୟାରୀ ୨୬ରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ତତ୍କାଳୀନ କୃଷିମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱାରା ଏହାର ଉଦ୍‌ଘାଟନ ହୋଇଥିଲା। ଇତିମଧ୍ୟରେ ୧୪ ବର୍ଷ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ପ୍ୟାକେଜ ଅନୁଯାୟୀ ଗୃହ ଆବଣ୍ଟନ କରାଯାଇନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଗୃହଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ସହ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ପରେ ଦୁଇବର୍ଷ ତଳେ ୪ଲକ୍ଷ ଟଙ୍କା ବ୍ୟୟରେ ମରାମତି କରାଯାଇଥିଲା। ଏହାପରେ ଗୃହ ବଣ୍ଟନ ବ୍ୟବସ୍ଥା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ୪ଜଣ ବିଧାୟକ, ୪ଜଣ ସରପଞ୍ଚ, ୬ଜଣ ବିଡିଓ ଏବଂ ୫ଜଣ ଜିଲାପାଳଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ ହୋଇ ପାରିଲାନାହିଁ। ଏଥିଯୋଗୁ ଉଚ୍ଛେଦ ବ୍ୟବସାୟୀମାନେ ରୋଜଗାର ହରାଇଛନ୍ତି। ଏନେଇ ବ୍ୟବସାୟମୀନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ ଜଣାଇବା ସତ୍ତ୍ୱେ ସୁଫଳ ମିଳି ପାରିନାହିଁ। ସରକାର ରାଜସ୍ୱ ହରାଇବା ସହ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବ। କୁରୁଜଙ୍ଗ, ଅବଦାନ ଓ କାଦୁଆ ପଞ୍ଚାୟତର ବ୍ୟବସାୟିକ କେନ୍ଦ୍ର ପାଲଟି ଥିବା ଏହି ବାଲିଦୋକାନ ବଜାରର ମାର୍କେଟ କମ୍ପ୍ଲେକ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ କାକଟପୁର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପାଳ ସମର୍ଥ ବର୍ମା ଏବଂ ବିଡିଓ ତୁଷାର ଜ୍ୟୋତି ରଞ୍ଜନ ଦୃଷ୍ଟି ଦେବାକୁ ସରପଞ୍ଚ ରୂପାଲି କାଣ୍ଡି, ଯୁବନେତା ପବିତ୍ର ବିଶ୍ୱାଳ, ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି। କାକଟପୁର ବିଡିଓ ତୁଷାର ଜ୍ୟୋତି ରଞ୍ଜନ କହିଛନ୍ତି, ଏନେଇ ମୋ' ନିକଟକୁ ଅଭିଯୋଗ ଆସିଛି। କାହିଁକି ଦୀର୍ଘ ବର୍ଷ ଧରି ଦୋକାନ ଗୃହ ଆବଣ୍ଟନ ହୋଇପାରୁନାହିଁ ତାହାର ତଦନ୍ତ କରାଯିବ। ତୁରନ୍ତ କିପରି ଏହା କାର୍ଯ୍ୟକ୍ଷମ ହେବ ସେ ନେଇ ପ୍ରୟାସ କରାଯିବ।




ସଂଯୁକ୍ତ କୃଷକ ମୋର୍ଚ୍ଚାର ପୁରୀ ଜିଲା ଶାଖା ପକ୍ଷରୁ ରବିବାର ଅଠରନଳା ଛକଠାରେ ଚକା ଜାମ୍ ଆନ୍ଦୋଳନ କରାଯାଉଛି ।

# ନଦୀରୁ ମିଳିଲା ମହିଳାଙ୍କ ମୃତଦେହ, ହତ୍ୟା ସନ୍ଦେହ

କଣାସ,୩୧।୭(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ନିକଟ ଦୟାନଦୀରୁ ଜଣେ ମହିଳାଙ୍କ ମୃତଦେହ ମିଳିଛି। ତାଙ୍କ ବେକରେ ଏକ ଗାମୁଛା ବନ୍ଧାଯାଇଥିବାରୁ ତାଙ୍କୁ କେହି ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ଏ ସଂକ୍ରାନ୍ତରେ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ରବିବାର ଦୟାନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କଣାସ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସୁବାସ ପାତ୍ର ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ କଣାସ ଥାନା ପୋଲିସ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମହିଳାଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହୋଇଥିବାବେଳେ ସେ ନାଲିରଙ୍ଗର ନାଇଟ ପିନ୍ଧିଥିବା ଓ ତାଙ୍କ ବେକରେ ଏକ ଗାମୁଛା ବନ୍ଧାଯାଇଥିବା ଦେଖିବାକୁ ମିଳିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ମୃତଦେହଟି ୩/୪ ଦିନ ତଳର ବୋଲି ଅନୁମାନ କରାଯାଉଛି। ମୃତଦେହଟି ରାଜୁଆ ନଦୀରୁ ଭାସି ଆସିଥିବା ଆଖପାଖ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। କେହି ତାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ପୃଥକ୍ ଦୁର୍ଘଟଣା: ୫ କାଉଡ଼ିଆ ଆହତ

ଗୋପ/ପିପିଲି, ୩୧।୭(ଡି.ଏନ୍.ଏ./ ସ୍ୱ.ପ୍ର.): ପିପିଲି ପେଟ୍ରୋଲ ଟାଙ୍କି ନିକଟରେ ରବିବାର ଏକ କାର୍ ଧକ୍କା ଦେବାରୁ ଜଣେ କାଉଡ଼ିଆ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୃସିଂହ ମୁଦୁଲି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶନିବାର ନୃସିଂହ ତାଙ୍କ ବାପାଙ୍କ ସହ କଟକ ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇ ପୁରୀ ଲୋକନାଥ ପୀଠକୁ ଯାଉଥିଲେ। ତେବେ ରାତିରେ ପିପିଲି ପେଟ୍ରାଲ ଟାଙ୍କି ପାର୍ଶ୍ୱରେ ଥିବା କାଉଡ଼ିଆ ବିଶ୍ରାମରେ ନୃସିଂହ ବିଶ୍ରାମ ନେଇଥିଲେ। ରବିବାର ସକାଳେ ଗାଧୋଇ ପାଣି ଭାର ନେଇ ବାହାରିଥିଲେ। ଏହି ସମୟରେ ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେହିପରି ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ନିକଟରେ ରବିବାର ବାଇକ୍ ଧକ୍କାରେ କାଉଡ଼ିଆ ଅଚ୍ୟୁତ ଲେଙ୍କା ଗୁରୁତର ଆହତ ହୋଇଛନ୍ତି। ସେହିପରି ଗୋପ-କୋଣାର୍କ ରାସ୍ତାର ତହସିଲ ଅଫିସ ନିକଟରେ ବାଇକ୍ ଧକ୍କାରେ କୈଳାସ ମଲ୍ଲିକ ଗୁରୁତର ହୋଇଥିବା ବେଳେ ସୁବାସ ମଲ୍ଲିକ ଓ ଟୁଟୁ ମଲ୍ଲିକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଶ୍ରାବଣ ମାସର ତୃତୀୟ ସୋମବାର ଲାଗି ଗୋପ ବ୍ଲକର କର୍ମଚାରୀ ଲେଙ୍କା ପାଣିଭାର ନେଇ ଯାଉଥିବା ବେଳେ ପାଣିଛତ୍ର ନିକଟରେ ବାଇକ୍ ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ନିକଟ କୁଷିକଟା ଗ୍ରାମର ୩ ଜଣ ପାଣିଭାର ନେଇ ଯାଉଥିବା ବେଳେ ସେମାନଙ୍କୁ ମଧ୍ୟ ବାଇକ୍ ଧକ୍କା ଦେବାରୁ ଜଣେ ଗୁରୁତର ଓ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଏମାନଙ୍କୁ ମଧ୍ୟ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଚୋରି ଅଭିଯୋଗରେ ୪ ଗିରଫ

ସାକ୍ଷୀଗୋପାଳ, ୩୧।୭(ଡି.ଏନ୍.ଏ./ସ୍ୱ.ପ୍ର.): ପୁରୀ ଏବଂ ଖୋର୍ଦ୍ଧା ଜିଲାକୁ ସଂଯୋଗ କରୁଥିବା ନୂଆ ଜଗନ୍ନାଥ ସଡ଼କସ୍ଥିତ ଆଳିସ ଛକରୁ ଶନିବାର ମଧ୍ୟାହ୍ନରେ ୪ ଜଣ ଯୁବକ ସାଇକେଲ ଚୋରି କରୁଥିଲେ। ଏହି ଅଭିଯୋଗରେ ସତ୍ୟବାଦୀ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅଞ୍ଚଳ ସୋରଣ ଗ୍ରାମର ମିଥୁନ ଦାସ, ରତନପୁର ଗ୍ରାମର ନୀଳକଣ୍ଠ ଦାସ, କୁହୁଡିର ଅଜୟ ସାହୁ ଓ କାଳିଆ ସାହୁ। ଏନେଇ ପୋଲିସ ଏକ ମାମଲା (ନଂ. ୨୨୩ /୨୦୨୨) ରୁଜୁକରି କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ଉକ୍ତ ୪ ଜଣ ଏକ କାର ଯୋଗେ ନୂଆ ଜଗନ୍ନାଥ ସଡ଼କ ଦେଇ ଯାଉଥିବାବେଳେ ଆଳିସ ଛକର ନିଛାଟିଆ ସ୍ଥାନରେ ସାଇକେଲଟିଏ ଥିବା ଦେଖିଥିଲେ। ଏହାର ସୁଯୋଗ ନେଇ ୪ ଜଣ ସାଇକେଲକୁ କାର ଭିତରେ ଭର୍ତ୍ତି କରି ନେଇଯାଉଥିଲେ। ସେହି ସମୟରେ ସାଇକେଲ ମାଲିକ ଓ ସ୍ଥାନୀୟ ଲୋକେ ଏହା ଦେଖି ୪ ଜଣଙ୍କୁ କାବୁ କରି ଥାନାକୁ ଜଣାଇଥିଲେ।

## ଛାତ୍ରୀଛାତ୍ରଙ୍କୁ ନେଇ ସଦ୍‌ଭାବନା, ଐକ୍ୟ ସଂକ୍ରାନ୍ତ ପ୍ରତିଯୋଗିତା

ପୁରୀ ଅଫିସ, ୩୧।୭: ସାମାଜିକ ଅନୁଷ୍ଠାନ 'ସୁଧା' ଏବଂ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱାୟତ୍ତ ସଂସ୍ଥା ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ରବିବାର ପୁରୀ ସଂସ୍କୃତି ଭବନରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୨୦ରୁ ଅଧିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ରାଷ୍ଟ୍ରୀୟ ଐକ୍ୟ ବିଷୟରେ ବକ୍ତୃତା, ରଚନା, ଚିତ୍ରକଳା, କୌତୁକ ପୋଷାକ, ନାଟକ, ନୃତ୍ୟନାଟିକା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁଧାର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ରାଷ୍ଟ୍ରୀୟ ଐକ୍ୟ, ଏକତା, ଭ୍ରାତୃତ୍ୱ ଭାବ ସୃଷ୍ଟି କରିବା ସହ ଛାତ୍ରୀଛାତ୍ରମାନେ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ପୂର୍ବ ଶତ୍ରୁତାରୁ ବୋମାମାଡ଼, ଜଣେ ଗିରଫ

କଣାସ,୩୧।୭(ସ୍ୱ.ପ୍ର.): କଣାସ ବ୍ଲକ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଗଡ଼ଖାରଦ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୨୩/୨୨) ରୁଜୁ କରି ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ଅଭିଯୋଗ ମୁତାବକ, ଶନିବାର ରାତିରେ ଗଡ଼ଖାରଦ ଗ୍ରାମର ହାଡ଼ିବନ୍ଧୁ ମାନସିଂ ଏବଂ ତାଙ୍କ ପୁଅ କେତେଜଣ ବ୍ୟକ୍ତିଙ୍କ ସହ ଆସି ଗୌରାଙ୍ଗଙ୍କ ଘର ଉପରକୁ ବୋମା ଫିଙ୍ଗିଥିଲେ। ବୋମାମାଡ଼ରେ ଘରର କେତେକାଂଶ କ୍ଷତି ହୋଇଥିବା ଗୌରାଙ୍ଗଙ୍କ ସ୍ତ୍ରୀ ସୁନୀତା ଏତଲାରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ବୋମା ପ୍ରସ୍ତୁତରେ ବ୍ୟବହୃତ କେତେକ ସାମଗ୍ରୀକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ପୂର୍ବରୁ ଗୌରାଙ୍ଗ ଓ ହାଡ଼ିବନ୍ଧୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ଉଭୟ ପକ୍ଷରୁ କେତେଜଣ ବ୍ୟକ୍ତି ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିସହ ଉଭୟ ପକ୍ଷରୁ ୨ଟି ମାମଲା (୧୯୭/୨୨, ୧୯୮/୨୨) ରୁଜୁ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

# ୪୬ ଅପରାଧୀଙ୍କୁ ସିଆର୍‌ପିସି-୧୧୦ରେ ନୋଟିସ

ପୁରୀ ଅଫିସ, ୩୧।୭: ପୁରୀ ସହରକୁ ଅପରାଧମୁକ୍ତ କରିବା ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଯୋଗାଇବା ଲକ୍ଷ୍ୟ ନେଇ ପୋଲିସ ପକ୍ଷରୁ ରବିବାର ୪୬ଜଣ ଅଭ୍ୟାସଗତ ଅପରାଧୀଙ୍କୁ ସିଆର୍‌ପିସି -୧୧୦ରେ ନୋଟିସ ଜାରି କରାଯାଇଛି। ଅଭ୍ୟାସଗତ ଅପରାଧୀ ତଥା ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ, ନାଗରିକ ତଥା ପର୍ଯ୍ୟଟକଙ୍କ ଜୀବନ ତଥା ସମ୍ପତ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି। ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ଚମାରସାହିର ରଞ୍ଜନ ବେହେରା, ପୁରୁଷୋତ୍ତମ ନଗର ଦାଦବାଡ଼ିର ରଞ୍ଜିତ ବେହେରା, ବାଲିଘାଟ ନୂଆସାହିର ରଞ୍ଜନ ରାଉଳ, ସିଦ୍ଧମହାବୀର ପାଟଣାର ଶଙ୍କରପ୍ରସାଦ ବେହେରା, ପିକେଆଇଟିର ପ୍ରଭାତ କୁମାର ପଣ୍ଡା, କୁମ୍ଭାରପଡ଼ା ଥାନା ଅଧୀନ ରାମଚଣ୍ଡୀ ସାହିର ବିଜୁ ପ୍ରଧାନ, ତଳମାଳି ସାହିର ଆଶିଷ ରଞ୍ଜନ ମହାନ୍ତି, ରଖହରି ସ୍ୱାଇଁ, ଅବକାଶ ଲେନ୍‌ର ଦୁର୍ଗା ପ୍ରସାଦ ପରମଗୁରୁ, ଆଇତୋଟାର ଗୁନା ଭୋଇ, ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିର କେଶବ ପୃଷ୍ଟି, ଦାମୋଦର ରୋଡ୍ ଚକ୍ରକୋଟ ଲେନ୍‌ର ସଦାଶିବ ମାନସିଂହ, ବାସିସାହି ବରାହି ଲେନ୍‌ର ଶିବାଶିଷ ବାରିକ୍, ଗୁଡ଼ଙ୍ଗସାହି ଖୁଣ୍ଟିଆ ବଗିଚାର ବିବେକ ଭୋଇ, ଗୁଡ଼ଙ୍ଗସାହି ମାତା ଗୋସେଇଁ ଲେନ୍‌ର ରାକେଶ କୁମାର ମହାନ୍ତି, ଦାମୋଦର ରୋଡ୍ ଅଞ୍ଚଳର ରଞ୍ଜିତ ସାହୁଙ୍କୁ ସିଆର୍‌ପିସି-୧୧୦ରେ ନୋଟିସ ଜାରି ହୋଇଛି। ସେହିପରି ବଳିଆପଣ୍ଡା ଥାନା ଅଞ୍ଚଳର ୬, ସମୁଦ୍ରକୂଳ ଥାନା ଅଞ୍ଚଳ ୫, ବାସେଳିସାହି ଥାନା ଅଞ୍ଚଳର ୧୮ ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ଧାରା ସିଆର୍‌ପିସି-୧୧୦ରେ ନୋଟିସ ଜାରି କରାଯାଇଛି।

# ଆମ ପରିବେଶ ଆମ ଦାୟିତ୍ୱ

ପୁରୀ ଅଫିସ, ୩୧।୭: ଆମ ପରିବେଶ ଆମ ଦାୟିତ୍ୱ। ଉମିଦ୍ ଫାଉଣ୍ଡେଶନ ପକ୍ଷରୁ 'ଆମ ପରିବେଶ ଆମ ଦାୟିତ୍ୱ' ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ତାଳବଣିଆ ମଧୁର ଜଳ ଅଞ୍ଚଳର ୧୦ନମ୍ବର ଚାମ୍ପରଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୮ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଫାଉଣ୍ଡେଶନ ସମ୍ପାଦକ ଡାନିଏଲ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀ ସାମିଲ ଥିଲେ। ପୁରୀକୁ ସବୁଜ ସୁନ୍ଦର କରିବାକୁ ଏଭଳି ପଦକ୍ଷେପ ନିଆଯାଉଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ପୁନରୁଦ୍ଧାର ହେବ ଭାଗବତ ଟୁଙ୍ଗି

**ସତ୍ୟବାଦୀ ସେବା ଟ୍ରଷ୍ଟର ପ୍ରଥମ କାର୍ଯ୍ୟକାରିଣୀ ବୈଠକ**

ସାକ୍ଷୀଗୋପାଳ, ୩୧।୭(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ବ୍ଲକ ଛକ ନିକଟରେ ଥିବା ଏକ ମଣ୍ଡପ ସଭାଗୃହରେ ସତ୍ୟବାଦୀ ସେବା ଟ୍ରଷ୍ଟର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟ ସଚିବ ତଥା ଭୁବନେଶ୍ୱର ଏମ୍ସର ତତ୍କାଳୀନ ଅଧ୍ୟକ୍ଷ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର ଓ ଅନୁଷ୍ଠାନର ଚେୟାରମ୍ୟାନ ରାମଶଙ୍କର ନନ୍ଦ, ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପଦେଷ୍ଟା ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସତ୍ୟବାଦୀରେ ଏହି ଟ୍ରଷ୍ଟ ଦ୍ୱାରା ଶିକ୍ଷା ଓ ସ୍ୱାସ୍ଥ୍ୟ ଆଇନ ସମ୍ବନ୍ଧୀୟ ସହାୟତା ପାଇଁ କାମ କରିବା ସହ ପୁରାତନ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଏବଂ ପୁନଃ ପ୍ରତିଷ୍ଠା କରି ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଧର୍ମୀୟ ଭାବନା ସୃଷ୍ଟି ପାଇଁ କିଭଳି କର୍ପସ ଫଣ୍ଡ ସୃଷ୍ଟି କରାଯିବା ନେଇ ଆଲୋଚନା କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଉପେନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନର ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେବା ସହ ପ୍ରଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।



ବୈଠକକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ

ପୁରୀ ଅଫିସ, ୩୧।୭: ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ରବିବାର ପୁରୀ ଚକ୍ରତୀର୍ଥ ରୋଡ୍‌ଠାରେ ରାମକୃଷ୍ଣ ମଠ ପକ୍ଷରୁ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାମକୃଷ୍ଣ ମଠର ରାମ ମହାରାଜ, ରମେଶ ମହାରାଜ ଓ ମଳୟ ମହାରାଜ ଶାନ୍ତି ମନ୍ତ୍ର ପାଠ କରିଥିଲେ। ପରେ ଶ୍ୟାମଳ ରାୟ ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଓ ତାଙ୍କ ଛାତ୍ରୀମାନେ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱଦେଶ ମନ୍ତ୍ର ପାଠ କରିଥିଲେ। ଯୁବ ସମାଜକୁ ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ ସମ୍ପର୍କରେ ଓମ୍ ପ୍ରକାଶ ପଣ୍ଡା ଆଲୋକପାତ କରିଥିଲେ। ଅଧ୍ୟାପକ ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଓ କଠୋପନିଷଦରେ ନଚିକେତାର ଚରିତ୍ର ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। କଟକ ରାମକୃଷ୍ଣ ମିଶନରୁ ଆସିଥିବା ଡା. ପ୍ରଭାତୀ ମିତ୍ର ମୁଖ୍ୟ ଅତିଥି ଏବଂ ସ୍ୱାମୀ ଜୀବନଥା ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଗଠନ ଦ୍ୱାରା ଉତ୍ତମ ଦେଶ ଗଠନ ହୋଇପାରିବ ବୋଲି କହିଥିଲେ। ସ୍ୱାମୀ ତୁରିୟା ନନ୍ଦ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଶୁଭଦର୍ଶିନୀ ଜେନା, ପୁଷ୍ପାଞ୍ଜଳି ପତି, ରୁବି ସେନାପତି, ନିର୍ଲିପ୍ତା ବାରିକ, ସରିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦାସ, ସୁଚରିତା ମହାରଣା, ଜଗନ୍ନାଥ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ସାହୁ, ଯଯାତିକେଶରୀ ନାୟକ ଓ ବାସୁଦେବ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାମୀ ସୋମଦେବାନନ୍ଦ ମହାରାଜ ଧନ୍ୟବାଦ ଦେଇଥିଲେ।




ଚକ୍ରତୀର୍ଥ ରୋଡ୍‌ଠାରେ ରାମକୃଷ୍ଣ ମଠ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀରେ ଅତିଥିମାନେ ।

# ନିମାପଡ଼ା ଅଞ୍ଚଳରେ ଜ୍ୱର, ଝାଡ଼ାବାନ୍ତି ବ୍ୟାପୁଛି

**ମେଡିକାଲରେ ଶତାଧିକ ରୋଗୀ ଭର୍ତ୍ତି**

ନିମାପଡ଼ା,୩୧।୭(ଡି.ଏନ୍.ଏ.): ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ ଜ୍ୱର, ଝାଡାବାନ୍ତିର ପ୍ରକୋପ ବଢୁଛି। ଲୋକେ ଜ୍ୱର, ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚାରିଛକ, ବଳଙ୍ଗା, ରେଞ୍ଚ ଆଦି ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ଶିଶୁ, ବୃଦ୍ଧାବୃଦ୍ଧଙ୍କ ସମେତ ସବୁ ବର୍ଗର ଲୋକେ ଆକ୍ରାନ୍ତ ହେଉଛନ୍ତି। ପତିତପାବନ ପାଟଣା ଗ୍ରାମର ପ୍ରମିଳା ରଥ(୭୧), ବାମନାଳର ବୀଣାପାଣି ଦେଈ(୪୦), ଛଡାହରର ହାପିନା ବାରିକ୍(୨୭), ଭାଟବନ୍ଧର ବ୍ରହ୍ମାନନ୍ଦ ପ୍ରଧାନ(୫୫), ଉହାଙ୍ଗର ରବି ଭୋଇ(୩୦), ଦଳେଇ ସାହିର ଶୁଭମ ବେହେରା(୧୧), ନାକଡିହର ତିଲୋତ୍ତମା ପରିଡା(୬୫), ହଂସପଡାର ବିଶ୍ୱଜିତ୍ ବେହେରା, ଶ୍ୟାମସୁନ୍ଦରପୁରର ମନୋରମା ସେଠୀ(୬୨), ଆଢେଣାର ସୁଲୋଚନା ରାଉତ(୫୫), ବରିମୁଣ୍ଡେଇର କୁନିମଣି ପ୍ରଧାନ(୪୭) ପ୍ରମୁଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶୁଭଙ୍କର ନନ୍ଦଙ୍କୁ ପଚାରିବାରେ, ଏହି ଝାଡାବାନ୍ତି, ଜ୍ୱର ଭୂତାଣୁଜନିତ ରୋଗ, ଦୂଷିତ ଖାଦ୍ୟ, ପାନୀୟ ଜଳ ସେବନ ଓ ପରିବର୍ତ୍ତିତ ବାତାବରଣରୁ ବ୍ୟାପିଥାଏ ବୋଲି ଡାକ୍ତର ନନ୍ଦ କହିଛନ୍ତି। ରୋଗୀମାନେ ଏହି ରୋଗ ପାଇଁ ଭୟଭୀତ ନ ହୋଇ ଏହି ରୋଗରେ ଆକ୍ରାନ୍ତ ରୋଗୀମାନେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହେବାକୁ ପରାମର୍ଶ ଦେଇଛନ୍ତି। ଚିକିତ୍ସା ନିମନ୍ତେ ନିମାପଡ଼ା ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ସାଲାଇନ, ଭିଟାମିନ୍, ଇଞ୍ଜେକ୍ସନ୍ ଓ ଓଆର୍‌ଏସ୍ ଆଦି ମହଜୁଦ ରହିଛି। ରୋଗୀଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ମେଡିକାଲରେ ଉପଲବ୍ଧ ରହିଥିବା ଡାକ୍ତର ନନ୍ଦ କହିଛନ୍ତି। ଏଥିସହ ସ୍ୱତନ୍ତ୍ର ଭ୍ରାମ୍ୟମାଣ ମେଡିକାଲଟି ନିମାପଡ଼ା ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡା ଗସ୍ତ କରି ସେଠାରେ ରୋଗୀଙ୍କ ଆଶୁ ଚିକିତ୍ସା କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସମସ୍ତ କୂପ, ନଳକୂପ, ପୋଖରୀ, ପୁଷ୍କରିଣୀ, ନାଳ ନର୍ଦ୍ଦମାଗୁଡିକୁ ପ୍ରଶାସନ ପକ୍ଷରୁ ବିଶୋଧନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦୃଢ ଦାବି କରିଛନ୍ତି।

## ବିଧାୟକ ମହମ୍ମଦ ମୋକିମଙ୍କ ବାସଭବନରେ ରାଜ୍ୟପାଳ

କଟକ ଅଫିସ: ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର କଟକ ଗସ୍ତରେ ଆସି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବିଧାୟକ ମୋକିମ କଟକର ଭାଇଚାରା, ସଂସ୍କୃତି, ସହରର ବିଭିନ୍ନ ସମସ୍ୟା ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ସାମ୍ପ୍ରତିକ ରାଜ୍ୟ ରାଜନୀତି ଏବଂ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ।

# କେନାଲରେ ଆସୁନି ପାଣି, ଚିନ୍ତାରେ ଚାଷୀ

■ସରୁନାହିଁ ସଫେଇ କାର୍ଯ୍ୟ
■ଅଧିକ ବର୍ଷା ହେଲେ ଧାନ ଫସଲ ନଷ୍ଟ ହେବା ଆଶଙ୍କା

ମାହାଙ୍ଗା, ୩୧।୭(ସ୍ୱ.ପ୍ର.)

ନିଅଣ୍ଟିଆ ବର୍ଷା ସହ କେନାଲରେ ପାଣି ଆସୁ ନ ଥିବାରୁ ମାହାଙ୍ଗା ବ୍ଲକରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କଟକ ଜିଲା କେନ୍ଦୁପାଟଣା ଓ ନୁର୍ତ୍ତାଙ୍ଗ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁ ଏପରି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି। ଜୁଲାଇ ଶେଷ ହୋଇ ଆଜିଠୁ ଅଗଷ୍ଟ ଆରମ୍ଭ ହୋଇଥିବା ବେଳେ କେନାଲ ଏପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏସବୁ କେନାଲରେ ତରବରିଆ ଭାବେ ସଫେଇ କାର୍ଯ୍ୟ ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ମାହାଙ୍ଗା ଜଳସମ୍ପଦ ବିଭାଗ ଅଧୀନରେ ଏହି କାର୍ଯ୍ୟ ଚାଲିଛି। ଜୁଲାଇ ପ୍ରଥମ ସପ୍ତାହରେ ବିଭାଗ ପକ୍ଷରୁ କେନାଲରେ ପାଣି ଛଡାଯିବା ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହି କାର୍ଯ୍ୟାଳୟ ଅଧୀନରେ ଥିବା ମାହାଙ୍ଗା ବ୍ଲକର କେତୋଟି ଶାଖା କେନାଲରେ ଏପର୍ଯ୍ୟନ୍ତ ପାଣି ଛଡାଯାଇନାହିଁ। ଫଳରେ ଧାନ ତଳି ପକାଇଥିବା ଚାଷୀମାନେ ଏବେ କ୍ଷେତରେ ପାଣି ଅଭାବରୁ କାଦୁଅ କରି ତଳି ରୁଆ କରିପାରୁନାହାନ୍ତି। କେନାଲରେ ପାଣି ଆସିବା ବିଳମ୍ବ ହେତୁ ଚାଷ କାର୍ଯ୍ୟ ଏକ ମାସ ପଛେଇ ଯାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଶ୍ରାବଣ ଶେଷ ସପ୍ତାହ ଆଡ଼କୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଚାଷୀ କ୍ଷେତରେ ଧାନ ତଳି ରୋଇବା ଦ୍ୱାରା ବର୍ଷାଜଳରେ ତଳି ବୁଡି ପଚି ଯିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କିଛି ଚାଷୀ ବାଧହୋଇ ନଳକୂପ ଓ ବିଭିନ୍ନ ପୋଖରୀରୁ ମୋଟର ସାହାଯ୍ୟରେ ପାଣି ମଡାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅପରପକ୍ଷେ ତଳିଆ ଜମିରେ ଲଗାଯାଇଥିବା ଧାନ ଫସଲ ପାଣି ନ ପାଇ ନଷ୍ଟ ହେବାକୁ ବସିଲାଣି। ସରକାର ଠିକ୍ ସମୟରେ କେନାଲ ସଫେଇ ନିମନ୍ତେ ଅର୍ଥ ଯୋଗାଇ ଟେଣ୍ଡର କାର୍ଯ୍ୟ ଶେଷ କରୁଥିବାବେଳେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ହେତୁ ଠିକାଦାରମାନେ ମନମୁଖି ଭାବେ ବିଳମ୍ବରେ ନାମକୁ ମାତ୍ର ସଫେଇ କରି ସରକରୀ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହେଉଛି । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ କେନାଲରେ ପାଣି ଛାଡ଼ିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସମ୍ପଦର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଚାଷଜମିରେ ଶୁଖି ଯାଇଥିବା ଧାନ ଫସଲ।

## ସଂକ୍ଷେପରେ

### ପଦଯାତ୍ରା ସଫଳ ପାଇଁ ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

**କଟକ ଅଫିସ, ୩୧।୭:** କଂଗ୍ରେସ ପକ୍ଷରୁ ଆସନ୍ତା ୯ରୁ ଦେଶବ୍ୟାପୀ ପଦଯାତ୍ରା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏହି ପଦଯାତ୍ରା କାର୍ଯ୍ୟକ୍ରମ କଟକ ଜିଲାରେ ସଫଳ ରୂପାୟନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶକ୍ତିନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମାନସ ଚୌଧୁରୀଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ଦେବାଶିଷ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ବିଭୂତି ମିଶ୍ର, ଦେବେନ୍ଦ୍ର ସାହୁ, ସମରେନ୍ଦ୍ର ହାତୀ, ଆଲୋକ ଲେଙ୍କା ଓ ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ମାଳବିହାରପୁରର ମୁରବି ହରି ଖଟୁଆଙ୍କ ପରଲୋକ

ବାଙ୍କୀ,୩୧।୭(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବା ଗ୍ରାମପଞ୍ଚାୟତ ମାଳବିହାରପୁର ଗ୍ରାମର ମୁରବି ହରି ଖଟୁଆଙ୍କ(୮୮) ରବିବାର ପରଲୋକ ଘଟିଛି। ଖବରପାଇ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପହଞ୍ଚି ଖଟୁଆଙ୍କ ଶେଷ ଦର୍ଶନ କରିଥିଲେ। ଏନେଇ ରାଜ୍ୟ ବିଜେଡି କାର୍ଯ୍ୟକାରୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ପାଢୀ, ଗତିକୃଷ୍ଣ ସ୍ୱାଇଁ, ନିକୁଞ୍ଜ ବେହେରା, ପ୍ରକାଶ ବେଉରା, ଧନେଶ୍ୱର ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

### ୧୫୫ୟୁନିଟ୍ ରକ୍ତ ସଂଗ୍ରହ

**ଆଠଗଡ,୩୧।୭(ସ୍ୱ.ପ୍ର.):** ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ,ଆଠଗଡ ଶାଖା ଆନୁକୂଲ୍ୟରେ ଘଣ୍ଟିଖାଲ ଗ୍ରାମ ଅନ୍ତର୍ଗତ କଲ୍ୟାଣ ମଣ୍ଡପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ରେଡକ୍ରସ ଦ୍ୱାରା ପରିଚାଳିତ ଶିବିରରୁ ୧୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଠଗଡ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଆବାହକ ପ୍ରଦୀପ୍ତ କୁମାର ଦାସଓ ସଂଯୋଜକ ରାକେଶ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରଞ୍ଜନ ଜେନା, ସୁଜାତା ରାଉତରାୟ, ରଞ୍ଜୁଲତା ପ୍ରଧାନ, ବାସନ୍ତୀ ରାଉଳପ୍ରମୁଖ ପରିଚାଳନା କରିଥିଲେ।

### ଶତାୟୁ ମହିଳାଙ୍କ ପରଲୋକ

**ଚୌଦ୍ୱାର,୩୧।୭(ଡି.ଏନ୍.ଏ.):** ଚୌଦ୍ୱାରର ପୂର୍ବତନ ନଗରପାଳ ତଥା ବିଜେଡି କଟକ ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକଙ୍କ ମାତା ରମ୍ଭାରାଣୀ ନାୟକ(୧୦୦)ଙ୍କ ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣା ତଥା ପରୋପକାରୀ ମହିଳା ଥିଲେ। ମୃତ୍ୟୁ ଖବରପାଇ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଯୁବ ସଭାପତି ଅର୍ଜୁନ୍ ପଣ୍ଡା, ଯାତ୍ରା କମିଟି ସଭାପତି ସୁବୋଧ ନାୟକ, ମନୋଜ ନାୟକ, ଅଶୋକ ନାୟକଙ୍କ ସମେତ ବହୁ କାଉନ୍‌ସିଲର ଓ ମାନ୍ୟଗଣ୍ୟ ବ୍ୟକ୍ତି ମଠସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଜ୍ଞାନେନ୍ଦ୍ରଙ୍କ ସମେତ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ଚାରୁଚାନ୍ଦ ମୁଖାଗ୍ନି ଦେଇଥିଲେ।



### ୫-ଟିରେ ସାମିଲ ବିଦ୍ୟାଳୟର ସମୀକ୍ଷା

**ମାହାଙ୍ଗା, ୩୧।୭(ସ୍ୱ.ପ୍ର.):** ତୃତୀୟ ପର୍ଯ୍ୟାୟ ୫-ଟି ରୂପାନ୍ତରଣରେ ମାହାଙ୍ଗା ବ୍ଲକର ୨୩ ବିଦ୍ୟାଳୟକୁ ସାମିଲ କରାଯାଇଛି। ଏନେଇ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ୩୯ ନଂ.ଜୋନର ମଧୁପୁର ପଞ୍ଚାୟତ ହାଇସ୍କୁଲରେ ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ଜନପ୍ରତିନିଧି ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ପରେ କୁଣ୍ଡି ପଞ୍ଚାୟତ ହାଇସ୍କୁଲରେ ପହଞ୍ଚି ୫-ଟି ରୂପାନ୍ତରଣ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ,ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବିଡିଓ ନୀହାର ରଞ୍ଜନ ମଲିକ, ସଂଗ୍ରାମ କେଶରୀ ପରିଡା, ସୁବାସ ଜେନା, ଜିଲାପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଯାତ୍ରା ପଡ଼ିଆ ସଫା କଲେ ଏନ୍‌ସିସି କ୍ୟାଡେଟ୍



ବାଲିଯାତ୍ରା ପଡିଆ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ।

**ପୁନିତ ସାଗର ଅଭିଯାନ**

କଟକ ଅଫିସ, ୩୧।୭

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) କଟକ ଗ୍ରୁପ ହେଡକ୍ୱାର୍ଟର ପକ୍ଷରୁ ପୁନିତ ସାଗର ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲର ୯୦ ଜଣ କ୍ୟାଡେଟ୍, ଏନ୍‌ସିସି କଟକ ଗ୍ରୁପ ୧ ଓଡ଼ିଶା ଆର୍ମଡ୍ ସ୍କାର୍ଡନ, ୧ ଓଡ଼ିଶା ଆର୍ଟି ଓ ୩ ଓଡ଼ିଶା ନାଭାଲ ୟୁନିଟ୍‌ର ୫୦ କ୍ୟାଡେଟ୍ ଏବଂ ସିଲଭରସିଟି ଏନ୍‌ଜିଓର ୧୦ ଜଣ ସ୍ୱେଚ୍ଛାସେବୀ ମହାନଦୀ କୂଳ କଟକ ବାଲିଯାତ୍ରା ପଡ଼ିଆଠାରେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଜଣ କ୍ୟାଡେଟ ଅଂଶଗ୍ରହଣ କରି ୧୭୫ କିଲୋ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରିଥିଲେ। ଏଥିରେ ଏନ୍‌ସିସି କଟକ ଗ୍ରୁପ ହେଡକ୍ୱାର୍ଟର ଗ୍ରୁପ କମାଣ୍ଡର, ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମଞ୍ଜୁଲତା ବେହେରା ସେବା ସମବାୟ ସମିତିର ଉପ ସଭାପତି

ନିଆଳି,୩୧।୭(ଡି.ଏନ୍.ଏ.)

ନିଆଳି ସେବା ସମବାୟ ସମିତି ଉପ ସଭାପତି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଜୁଲତା ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିଆଳି ଗୋପାଳ ନଗରର ଅଧିବାସୀ ମଞ୍ଜୁଲତାଙ୍କୁ ଶାସକ ଦଳ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ସେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ହସ୍ପିଟାଲରେ ପୂର୍ବତନ ବିଧାୟକଙ୍କୁ ଭେଟିଲେ ଧର୍ମେନ୍ଦ୍ର

କଟକ ଅଫିସ,୩୧।୭

ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଚିକିତ୍ସିତ ହେଉଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଉକ୍ତ ହସ୍ପିଟାଲକୁ ଯାଇ ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁଆରୋଗ୍ୟ କାମନା କରିଛନ୍ତି। ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପୂର୍ବରୁ ବେହେରା ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ୧୧ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଚିକିତ୍ସାଲାଗି ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି।

# ସୁନାଚେନ୍, ବାଇକ୍ ଜବତ: ୨ ଗିରଫ

ଚୌଦ୍ୱାର,୩୧।୭(ଡି.ଏନ୍.ଏ.)

ସୁନାଚେନ୍ ଲୁଟ୍ ଘଟଣାରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମ୍ବା ଥାନା ଭାଲୁବାରେଣୀ ଗ୍ରାମର ଜଗନ୍ନାଥ ବେହେରା ଓ ହରଡ଼ ମହୁଲମଦ ଗ୍ରାମର ନାରଦ ବେହେରା(୩୪)। ସେମାନଙ୍କଠାରୁ ଦୁଇଟି ଚୋରି ସୁନାଚେନ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗେଶ୍ୱର ବିଦ୍ୟାଧରପୁର ଗ୍ରାମର ସୁଚିତ୍ରା ମହାନ୍ତି ଓ ତାଙ୍କ ସ୍ୱାମୀ ରଞ୍ଜନ କୁମାର ମୁଦୁଲି ଗତ ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଏକ ସ୍କୁଟିରେ ପୁରୁଣାକଟକ-ସମ୍ବଲପୁର ରାସ୍ତାରେ ଆସୁଥିଲେ। ବାଟରେ ଚଷାପଡ଼ା ନିକଟରେ ଜଗନ୍ନାଥ ଏକ ବାଇକ୍‌ରେ ଆସି ସୁଚିତ୍ରାଙ୍କ ବେକରୁ ସୁନାଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ସୁଚିତ୍ରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୭/୨୨) ରୁଜୁ କରିଥିଲା। ପରେ ପୋଲିସ ଚଢ଼ାଉ କରି ଜଗନ୍ନାଥଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସେ ସୁଚିତ୍ରାଙ୍କ ଚେନ୍ ସମେତ ଟାଙ୍ଗୀ ରେଳଷ୍ଟେଶନ ପାଖରୁ ଚେନ୍ ଓ ଚାଉଳିଆଗଞ୍ଜ ଗଣ୍ଡରପୁର ଅଞ୍ଚଳରୁ ଏକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲା। ଏହି ଚୋରି ଚେନ୍‌କୁ ସେ ନାରଦଙ୍କୁ ବିକ୍ରି କରିଥିଲେ। ପରେ ପୋଲିସ ନାରଦଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚେନ୍ ଦୁଇଟି ଜବତ କରିଥିଲା।

# 'ଦେବେନ୍ଦ୍ର ମିଶ୍ର ଥିଲେ ଅମ୍ଳାନ ଜ୍ୟୋତି'

**ନବମ ଶ୍ରାଦ୍ଧବାର୍ଷିକ ଉତ୍ସବ**

ବାଙ୍କୀ,୩୧।୭(ସ୍ୱ.ପ୍ର.)

ପୂର୍ବତନ କୁଳପତି ତଥା ସୁନାମଧନ୍ୟ ଅର୍ଥନୀତିଜ୍ଞ ସ୍ୱର୍ଗତ ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ନବମ ଶ୍ରାଦ୍ଧବାର୍ଷିକ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାଶ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଏକ ଅମ୍ଳାନ ଜ୍ୟୋତି ଭାବେ ବର୍ଣ୍ଣନା କରିଛନ୍ତି । ମୁଖ୍ୟବକ୍ତା ଭାବେ ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ କୃତବିଦ୍ୟ ଅର୍ଥନୀତିଜ୍ଞଙ୍କ ମଧ୍ୟରେ ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ନାମ ଅନ୍ୟତମ ବୋଲି କହିଥିଲେ। ସେ ଆମେରିକାର ପ୍ରତିଷ୍ଠିତ ବିଶ୍ୱ ବିଦ୍ୟାଳୟ ହାର୍ଭାଡ ବିଶ୍ୱବିଦ୍ୟାଳୟରେ ଡକ୍ଟରେଟ ପାଇଥିଲେ। ସେଠାରେ ସେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଜନ ଅଫ୍ କେନେଡିଙ୍କ ସହପାଠୀ ଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ରଶ୍ମି ମିଶ୍ର ଯୋଗଦେଇଥିଲେ ପ୍ରଫେସର ପ୍ରତୀପ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ କବି, ସାହିତ୍ୟିକ ଓ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ଡ.ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉମେଶ ଚନ୍ଦ୍ର ମିଶ୍ର, ବରେନ୍ଦ୍ର ମୋହନ ମିଶ୍ର, କମଳାକାନ୍ତ ମିଶ୍ର ଓ ସଞ୍ଜିତ୍ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାକିରି ସର୍ତ୍ତାବଳୀ, ପେନସନ ଦାବିରେ ଆନ୍ଦୋଳନ ଆହ୍ୱାନ



ସଭାରେ ଯୋଗଦେଇଥିବା ଅଧ୍ୟାପକ ସଂଘର କର୍ମକର୍ତ୍ତାମାନେ।

ଆଠଗଡ,୩୧।୭(ସ୍ୱ.ପ୍ର.)

୬୬୨ବର୍ଗ ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କଟକ ଜିଲାସ୍ତରୀୟ ସଭା କଖଡି ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ଆବାହକ ଗୋଲକ ନାୟକ, ଉପସଭାପତି କୈଳାସ ମହାପାତ୍ର, ଯୁକ୍ତ ୩ ବର୍ଗର ସମ୍ପାଦକ ଗଗନ ବେଉରା, ଯୁକ୍ତ ୨ କଲେଜ ବର୍ଗର ସମ୍ପାଦକ ସତାପ ଉଦ୍ଦିନ୍ ଅହମ୍ମଦ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ, ବିଭିନ୍ନ କଲେଜର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ, ବିଜୟ କୁମାର ପରିଡା, ଜ୍ୟୋସ୍ନାରାଣୀ ବହିଆ ଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କଖଡି ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କଟକ ଜିଲା ସମ୍ପାଦକ ସୁରେନ୍ଦ୍ର ପେଣ୍ଡୋଇ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ଆବାହକ ନାୟକ କର୍ମଚାରୀଙ୍କୁ ସରକାର ଚାକିରି ସର୍ତ୍ତାବଳୀ ଏବଂ ପେନସନ ବ୍ୟବସ୍ଥା ଲାଗୁ ହୋଇ ନ ଥିବାରୁ ଏହି ସଭାରୁ ଆନ୍ଦୋଳନ ଆରମ୍ଭ କରାଗଲା ବୋଲି ଆହ୍ୱାନ ଦେଇଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯିବ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ସଂଘ ପକ୍ଷରୁ ଆନ୍ଦୋଳନ ତ୍ୱରାନ୍ୱିତ କରାଯିବ ବୋଲି ନାୟକ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଅବସର ଗ୍ରହଣ କରିଥିବା ଚୌଦ୍ୱାର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସଂଗଠନର କଟକ ଜିଲା ସଭାପତି ଅଶୋକ କୁମାର ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବକଙ୍କ ଘର ବାରଣ୍ଡାରେ ଧାରଣା ଦେଲେ ମହିଳା

ମଙ୍ଗୁଳି,୩୧।୭(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ମାଗୁରା ପଞ୍ଚାୟତ ସାନଦେବଲି ଗ୍ରାମର ଜଣେ ଯୁବକଙ୍କ ଘର ଆଗରେ ରବିବାର ରାତିରୁ ଜଣେ ମହିଳା ଧାରଣାରେ ବସିଛନ୍ତି। ଚୌଦ୍ୱାର ଥାନା ଅଞ୍ଚଳର ମହିଳା ଜଣଙ୍କ ୨୦୧୮ରେ ସାନଦେବଲି ଗ୍ରାମର ଜଣେ ଯୁବକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଦୁଇବର୍ଷର ଏକ ଶିଶୁପୁତ୍ର ଅଛି। ପରବର୍ତ୍ତୀ ସମୟରେ ପଡୋଶୀ ଯୁବକ ସମ୍ପୃକ୍ତା ମହିଳାଙ୍କ ଶାଶୁଘରକୁ ଯିବାଆସିବା କରିଥିଲେ। ଏ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ୨୧ ତାରିଖରେ ଉଭୟ ଘରୁ ପଳାଇ ଆସି ଏକ ମନ୍ଦିରରେ ବିବାହ କରିଥିଲେ। ପରେ ଯୁବକ ଜଣଙ୍କ ମହିଳାଙ୍କୁ ନେଇ ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ୩ ଦିନ ସେଠାରେ ରହିବା ପରେ ଯୁବକ ଜଣଙ୍କ ଟାଙ୍ଗୀ ଅଞ୍ଚଳରେ ଏକ ଘରଭଡ଼ା ନେଇ ମହିଳାଙ୍କୁ ରଖିଥିଲେ। ଇତିମଧ୍ୟରେ ମହିଳାଙ୍କ ବାପା ଓ ଶାଶୁଘର ଲୋକେ ବହୁତ ଖୋଜାଖୋଜି କରିଥିଲେ। ଶେଷରେ ଟାଙ୍ଗୀ ଅଞ୍ଚଳରୁ ଉଭୟଙ୍କୁ ପାଇ ସ୍ଥାନୀୟ ଥାନାକୁ ଆଣିଥିଲେ। ଥାନାରେ ଉଭୟ ପରିବାରଙ୍କ ମଧ୍ୟରେ ବୁଝାଶୁଝା ହେବା ପରେ ମହିଳାଙ୍କୁ ତାଙ୍କ ପ୍ରଥମ ସ୍ୱାମୀ ରଖିବେ ବୋଲି ରାଜି ହୋଇଥିଲେ। ଥାନାରୁ ଯିବା ପରେ ମହିଳା ଜଣଙ୍କ ପ୍ରଥମ ସ୍ୱାମୀ ପାଖରେ ନ ରହି ସମ୍ପୃକ୍ତ ଯୁବକଙ୍କ ପାଖରେ ରହିବାକୁ ଜିଦ୍ କରିଥିଲେ। ପରେ ଯୁବକଙ୍କ ଘରକୁ ଯାଇଥିଲେ। ହେଲେ ଯୁବକଙ୍କ ଘର ଲୋକ ମହିଳାଙ୍କୁ ବୋହୂ ଭାବେ ସ୍ୱୀକାର କରି ନ ଥିଲେ। ଫଳରେ ମହିଳା ଜଣଙ୍କ ସେଠାରେ ଧାରଣାରେ ବସିଛନ୍ତି।

# ୩୧ ହାଇସ୍କୁଲ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଫୁଲନଖରା,୩୧।୭(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ଧାକୁଲେଇ ମନ୍ଦିର ପ୍ରାଙ୍ଗଣ ସଭାଗୃହରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଫୁଲନଖରା ଅଞ୍ଚଳର ୩୧ଟି ଉଚ୍ଚ ବିଦ୍ୟାଳୟର ୩୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ସଦର ପ୍ରେସ୍ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ସେ ଆଇସକ୍ରିମ୍‌ର ଉଦାହରଣ ଦେଇ କହିଥିଲେ ଖାଦ୍ୟ ଆମକୁ ଶିକ୍ଷା ଦିଏ। ଆତ୍ମ ବିଶ୍ୱାସ ଜାଗ୍ରତ କରିବା, ଇଚ୍ଛାଶକ୍ତି ବଜାୟ ରଖିବା, ସକାରାତ୍ମକ ଚିନ୍ତନ, କ୍ରିୟାଶୀଳର ଅଭାବ, ମହତ୍ ଆକାଂକ୍ଷା ଆମେ ଆଇସକ୍ରିମ ଖାଇବା ଦ୍ୱାରା ଶିକ୍ଷା ପାଇଥାଉ। ଏଥିରେ ମୁଖ୍ୟବକ୍ତା ଭାବେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସମ୍ମାନିତ ଅତିଥି ଗ୍ରନ୍ଥକାର ଶ୍ରୀ ସନ୍ନ୍ୟାସୀ ଜୀ, ଲଳିତ କୁମାର ଦାଶ, ଡ. ଶରତ ଚନ୍ଦ୍ର ରଥ, ଅଜୟ କୁମାର ପତି, ସୁରେନ୍ଦ୍ର ନାଥ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରେସ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

# ଷ୍ଟାଡିୟମ ସୁରକ୍ଷା ବ୍ୟବସ୍ଥା ଦେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

■ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲିଲେ
■୮ରେ ପ୍ରଜାତନ୍ତ୍ରର ୭୫ ବର୍ଷ ପୂର୍ତ୍ତି ପାଳନ
■ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା

କଟକ ଅଫିସ,୩୧।୭

ପ୍ରଜାତନ୍ତ୍ରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୮ ତାରିଖରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହାଙ୍କ ଏହି ଗସ୍ତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଧର୍ମେନ୍ଦ୍ର କଟକରେ ପହଞ୍ଚିବା ପରେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ତାଙ୍କୁ ଶୋଭାଯାତ୍ରାରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ନିଆଯାଇଥିଲା। ସେଠାରେ ସେ ନେତାଜୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଂଗ୍ରହାଳୟ ବୁଲି ଦେଖିଥିଲେ। ଏହାପରେ ସେ ଇନ୍‌ଡୋର ଷ୍ଟାଡିୟମ ଯାଇ ଅନୁଷ୍ଠିତ ହେବାକୁ ଥିବା ସଭା ସମ୍ପର୍କରେ ଆଲୋଚନା କରିଥିଲେ। ଧର୍ମେନ୍ଦ୍ରଙ୍କର ଏହି ଗସ୍ତ ସମୟରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ବିନୋଦ ଦାସ, ଦିଲ୍ଲୀପ ମଲ୍ଲିକ, ଶାରଦା ପ୍ରଧାନ, ଶ୍ରୀତମ ଦାସ, ପୀତାମ୍ବର ଆଚାର୍ଯ୍ୟ, ବ୍ରଜେନ୍ଦ୍ର ରାୟ, ଶୁଭ୍ରାଂଶୁ ପାଢ଼ୀ, ରଶ୍ମିରେଖା ଦାସ, ଛବି ମଲ୍ଲିକଙ୍କ ସହିତ ଦଳର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପାଳନ ଉପଲକ୍ଷେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ସଂଯୋଗବଶତଃ ଏହି ସ୍ମରଣୀୟ ମୁହୂର୍ତ୍ତରେ ଅତିଥି ହେବା ପାଇଁ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅନୁରୋଧ ରକ୍ଷା କରି ଶାହା କଟକ ଆସୁଛନ୍ତି।


ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପା ନେତୃବୃନ୍ଦ ଓ ଅନ୍ୟମାନେ।